

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୧୦ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 10 JULY 2022

Vol.No. 35 ■ No. 178 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :

ସୁବର୍ଣ୍ଣଶ୍ରୀ ପ୍ରକାଶିନୀ

ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ଦେଶ ଛାଡ଼ି ପଳାଇଲେ ଶ୍ରୀଲଙ୍କା ରାଷ୍ଟ୍ରପତି

ନୂଆଦିଲ୍ଲୀ, ୦୯/୦୭ : ଦେଶ ଛାଡି ପଳାଇଲେ ଶ୍ରୀଲଙ୍କା ରାଷ୍ଟ୍ରପତି। ପ୍ରବଳ ବିରୋଧ ପରେ ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ଷେ ପଳାୟନ କରିଛନ୍ତି। ଘରେ ପଶି ବିକ୍ଷୋଭକାରୀମାନେ ଭଙ୍ଗାରୁଜା କରିବା ପରେ ସେ ଦେଶ ଛାଡିବାକୁ ବାଧ ହୋଇଛନ୍ତି। ଶ୍ରୀଲଙ୍କାରେ ଜାରି ରହିଛି ଆର୍ଥିକ ସଙ୍କଟ। ଦିନକୁ ଦିନ ଏଠି ପରିସ୍ଥିତି ବିଗିଡିବାରେ ଲାଗିଛି। ଏହାକୁ ନେଇ ଲୋକେ ରାସ୍ତାକୁ ଓହ୍ଲାଇ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଶନିବାର ବିକ୍ଷୋଭକାରୀମାନେ ରାଷ୍ଟ୍ରପତି ଗୋଟାବାୟାଙ୍କ ଘରକୁ ଘେରି ଦେଇଥିଲେ। ପ୍ରବଳ ଭଙ୍ଗାରୁଜା କରିଥିଲେ। ସେମାନେ ଗୋଟାବାୟାଙ୍କ ଇସ୍ତଫା ଦାବି କରିଥିଲେ। ଏହାପରେ ଶ୍ରୀଲଙ୍କା ରାଷ୍ଟ୍ରପତି ନିଜ ଘାରି ଛାଡି କେଉଁଆଡେ ପଳାଇ ଯାଇଥିବା କୁହାଯାଉଛି। ସେପଟେ ଶୁକ୍ରବାର ଦିନ ଶ୍ରୀଲଙ୍କାରେ ଅନିଶ୍ଚିତ କାଳ ପାଇଁ କର୍ଫ୍ୟୁ ଲଗାଯାଇଥିଲା। ଏହାସହ ସେନାକୁ ବି ଜାଗ୍ରତ କରିଥିଲେ ଶ୍ରୀଲଙ୍କା ସରକାର। ଶ୍ରୀଲଙ୍କା ପୁଲିସ ପ୍ରମୁଖ ଚନ୍ଦନା ବିକ୍ରମ ରତନେ କହିଛନ୍ତି କି ରାଜଧାନୀ କଲମ୍ବୋ ଓ ତା'ର ଆଖପାଖ ଅଞ୍ଚଳରେ ହଜାର ହଜାର ପ୍ରଦର୍ଶନକାରୀ ପ୍ରବେଶ କରିବା ଫଳରେ ଶୁକ୍ରବାର ରାତିରେ କର୍ଫ୍ୟୁ ଲଗାଯାଇଥିଲା। ଶୁକ୍ରବାର ପୁଲିସ କର୍ଫ୍ୟୁ ଲଗାଇବା ପୂର୍ବରୁ କଲମ୍ବୋରେ ଛାତ୍ର ବିକ୍ଷୋଭକାରୀଙ୍କ ଉପରକୁ ଲୁହ ବୁହା ଗ୍ୟାସ୍ ଓ ପାଣି ମାଡ କରିଥିଲା। ଏହି ସରକାର ବିରୋଧୀ ପ୍ରଦର୍ଶନରେ କେବଳ ଛାତ୍ର ନୁହନ୍ତି ଧାର୍ମିକ ନେତା, ରାଜନୈତିକ ଦଳ, ଶିକ୍ଷକ, କୃଷକ, ଚିକିତ୍ସକ ଓ ମାଛଧରାଳୀ ଏବଂ ସାମାଜିକ କାର୍ଯ୍ୟକର୍ତା ମଧ୍ୟ ସାମିଲ ଅଛନ୍ତି।

## ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଙ୍ଘେଙ୍କ ଇସ୍ତଫା



ନୂଆଦିଲ୍ଲୀ, ୦୯/୦୭ : ଶ୍ରୀଲଙ୍କାର ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି । ତେବେ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଙ୍ଘେଙ୍କ ଇସ୍ତଫା ଦେଇଛନ୍ତି । ନିଜେ ସେ ଟ୍ୱିଟ କରି ଏନେଇ ସୂଚନା ଦେଇଛନ୍ତି । ଶନିବାର ପ୍ରଥମେ ବିଦ୍ରୋହ ଶାଣିତ ହୋଇଥିଲା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ଷେ ରାଷ୍ଟ୍ରପତି ଭବନରୁ ପଳାୟନ କରିଥିଲେ । ଏହାର ସୁଯୋଗ ନେଇ ଶ୍ରୀଲଙ୍କା ଜନତା ତାଙ୍କ ଆବାସକୁ ନିଜ କବଜାକୁ ନେଇଥିଲେ । ତେବେ ସ୍ଥିତି ସମ୍ଭାଳିବାକୁ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଙ୍ଘେ ଜରୁରୀ ବୈଠକ ଡାକିଥିଲେ । ସେ ବାଚସ୍ପତିଙ୍କୁ ମଧ ସଂସଦର ଅଧିବେଶନ ଡାକିବାକୁ ଅପିଲ କରିଛନ୍ତି । ସେପଟେ ଶ୍ରୀଲଙ୍କାର ପାଦୁଜାନା ପେରାମୁନାର ୧୬ ସାଂସଦ ଚିଠି ଲେଖି ରାଷ୍ଟ୍ରପତିଙ୍କୁ ଶୀଘ୍ର ଇସ୍ତଫା ଦେବାକୁ ଅନୁରୋଧ କରିଛନ୍ତି ।

## କୋଏଲ୍ ନଦୀରେ ବୁଡ଼ିଗଲେ ଦୁଇ ଭାଇ

ରାଉରକେଲା, ୦୯/୦୭ (ନି.ପ୍ର): ଅଧା ରହିଲା ଜଗା ଦର୍ଶନ ! ବାହୁଡ଼ା ଯାତ୍ରା ଦେଖିବା ପୂର୍ବରୁ ପାଣିରେ ବୁଡ଼ି ପ୍ରାଣ ହରାଇଲେ ଦୁଇ ଭାଇ। ଅନ୍ୟ ଦୁଇ ଭାଇଙ୍କ ପତ୍ତା ମିଳୁନାହିଁ। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଦିନ ଏପରି ହୃଦୟବିଦାରକ ଘଟଣା ରାଉରକେଲାରେ ଘଟିଛି। ଝାରଖଣ୍ଡ ରାଞ୍ଚି ସହରର ସମ୍ପର୍କୀୟ ୪ ଭାଇ ରସୀ ସାହୁ(୧୧), କୁନାଲ୍ ସାହୁ(୧୩), ରୋନକ ସାହୁ ଓ କୌଶଲ ସାହୁ ବୁଲିବା ପାଇଁ ରାଉରକେଲା ସ୍ଥିତ ଝିରିପାଣିକୁ ଆସିଥିଲେ। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଦେଖିବା ପୂର୍ବରୁ ୪ ଭାଇ କୋଏଲ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ସେମାନେ ଗାଧଉଥିବା ବେଳେ ଝିରିପାଣି ପମ୍ପ ହାଉସ୍ ନିକଟରେ ବୁଡ଼ି ଯାଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଏଥିସହିତ ୪ ଭାଇଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ। ପରେ ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ଲୋକେ ମିଳିତ ଭାବେ ପାଣି ଭିତରୁ ରସୀ ସାହୁ ଓ କୁନାଲ୍ ସାହୁଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଅନ୍ୟ ଦୁଇ ଭାଇଙ୍କ ସମ୍ପର୍କରେ କୌଣସି ପତ୍ତା ମିଳୁନାହିଁ। ଏବେ ମଧ ଉଦ୍ଧାରକାର୍ଯ୍ୟ ଜାରି ରହିଛି।

## ଅମରନାଥ ଯାତ୍ରା ବେଳେ ଅଘଟଣ : ୧୫ରୁ ଅଧିକଙ୍କ ମୃତ୍ୟୁ



ନୂଆଦିଲ୍ଲୀ, ୦୯/୦୭ : ଦୁଇବର୍ଷ ପରେ ଅମରନାଥ ଯାତ୍ରା କରିବାର ସୁଯୋଗ ମିଳିଥିବାରୁ ଶ୍ରଦ୍ଧାଳୁଙ୍କ ମନରେ ନାହିଁ ନଥିବା ଉତ୍କଣ୍ଠା ଦେଖିଥିବାକୁ ମିଳିଥିଲା । ଅମରନାଥ ଯାତ୍ରା ଆରମ୍ଭ ହେବାର ସପ୍ତାହେ ପୂରିଥିବା ବେଳେ ଶୁକ୍ରବାର ଅମରନାଥର ପବିତ୍ର ଗୁମ୍ଫାରେ ଘଟିଛି ବଡ଼ ଅଘଟଣ । ବାଦଲ ଫାଟିବା ଦ୍ୱାରା ହଠାତ୍ ମାଡ଼ିଆସିଥିଲା ପାଣିର ପ୍ରଖର ସୁଅ । ଆଉ ଚାହୁଁଚାହୁଁ ଭାସିଗଲେ ଏକାଧିକ ଲୋକେ । ୧୫ରୁ ଅଧିକ ଲୋକଙ୍କର ପ୍ରାଣ ଯାଇଥିବା ବେଳେ ୪୦ରୁ ଅଧିକ ଲୋକେ ନିଖୋଜ ଅଛନ୍ତି । ଉଦ୍ଧାରକାରୀ ଦଳ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ ଏବଂ ଏପର୍ଯ୍ୟନ୍ତ ୧୫ହଜାରରୁ ଅଧିକ ଲୋକଙ୍କୁ ପାହାଡ଼ ତଳକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିସାରିଛନ୍ତି । ଅମରନାଥ ଯାତ୍ରା କରୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ପାଗ ସମ୍ପୂର୍ଣ୍ଣ ପ୍ରତିକୂଳ ଥିଲା । ଝିପଝିପ ବର୍ଷା କାରଣରୁ ପାଗ ପୂରା କୋହଲା ଥିଲା । କିନ୍ତୁ ଶୁକ୍ରବାର ସନ୍ଧ୍ୟା ସାଢ଼େ ୫ଟା ବେଳେ ହଠାତ୍ ଜୋରରେ ଶବ୍ଦ ହୋଇଥିଲା । ଗୁମ୍ଫାକୁ ଲାଗିଥିବା ପାହାଡ଼ରୁ ପାଣିର ପ୍ରଖର ସୁଅ ପ୍ରବାହିତ ହେବାରେ ଲାଗିଲା । ଦେଖୁ ଦେଖୁ ପାଣିର ସ୍ରୋତରେ ତୀର୍ଥଯାତ୍ରୀଙ୍କ ▶▶ପୃଷ୍ଠା ୭

## କାୟା ମେଲାଉଛି କରୋନା : ରେଡ୍ ଜୋନରେ ଖୋର୍ଦ୍ଧା, କଟକ ଓ ପୁରୀ



ଭୁବନେଶ୍ୱର,୦୯/୦୭ (ନି.ପ୍ର): ଓଡ଼ିଶାରେ କରୋନା ମିଟର ଉପରମୁହାଁ । ପ୍ରାୟ ୮ ମାସ ପରେ ପୁଣି ଥରେ ୫ ଶହ ଟପିଛି ଦୈନିକ ସଂକ୍ରମଣ । ୨୪ ଘଣ୍ଟା ମଧରେ ୫୧୨ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜୁନ ୨୮ରେ ଦୈନିକ ସଂକ୍ରମଣ ଶହେ ଟପିଥିଲା, ୧୨ ଦିନ ପରେ ଏହା ୫ ଗୁଣ ବଢ଼ିଯାଇଛି । ଦୈନିକ ସଂକ୍ରମଣର ଏହି ଟେବୁଲକୁ ଦେଖିଲେ ଜଣା ପଡୁଛି, ଧୀରେ ଧୀରେ ରାଜ୍ୟରେ କିପରି କାୟା ମେଲାଇ ଚାଲିଛି କରୋନା ସଂକ୍ରମଣ । ଖୋର୍ଦ୍ଧା, କଟକ ଓ ପୁରୀରେ ଟେଷ୍ଟ-ପଜିଟିଭ୍ ରେଟ୍ ବା ସଂକ୍ରମଣ ହାର ବଢ଼ିବାରେ ଲାଗିଛି । ସଂକ୍ରମଣହାର ଦୃଷ୍ଟିରୁ ଏହି ତିନି ଜିଲ୍ଲାକୁ ରେଡ ଜୋନ୍‌ରେ ରଖିଛି ସ୍ୱାସ୍ଥ୍ୟ ବିଭାଗ । ସବୁଠାରୁ ଚିନ୍ତାଜନକ ହୋଇଛି ଖୋର୍ଦ୍ଧାର ସ୍ଥିତି, କାରଣ ଏଠାରେ ୧୦.୬ ପ୍ରତିଶତ ହୋଇଛି ସଂକ୍ରମଣହାର । ଏହାର ଅର୍ଥ ହେଉଛି ୧୦୦ ଜଣ କରୋନା ଟେଷ୍ଟ କରୁଥିବା ବେଳେ ୧୦ ଜଣରୁ ଅଧିକ ପଜିଟିଭ୍ ବାହାରୁଛନ୍ତି । ସେହିପରି ▶▶ପୃଷ୍ଠା ୭

## ସିଞ୍ଜୋ ଆବେଙ୍କୁ ହତ୍ୟା କରିଥିବା ସ୍ୱୀକାର କଲା ଅଭିଯୁକ୍ତ

ନୂଆଦିଲ୍ଲୀ, ୦୯/୦୭ : ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ହତ୍ୟା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି । ନିର୍ବାଚନୀ ପ୍ରଚାର ସମୟରେ ନାରା ସହରରେ ଏକ ସଭାକୁ ସମ୍ବୋଧନ କରୁଥିବା ବେଳେ ଆବେଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଏହି ହତ୍ୟାକାଣ୍ଡ କେମିତି ଘଟିଲା ଏବଂ ଏହା ପଛର ଅସଲ କାରଣ କ'ଣ, ତାର ତଦନ୍ତ ପାଇଁ ଜାପାନ ସରକାର ୯୦ ଜଣିଆ କମିଟି ଗଠନ କରିଛନ୍ତି । ପୋଲିସର କହିବା ଅନୁସାରେ, ଆବେଙ୍କ ନାରା ଗସ୍ତ ନେଇ ପୂର୍ବଦିନ ସନ୍ଧ୍ୟାରେ ଆତତାୟୀକୁ ଖବର ମିଳିସାରିଥିଲା । ଆଉ ହତ୍ୟାକାରୀ ସୁଯୋଗର ଫାଇଦା ଉଠାଇ ଆବେଙ୍କ ଉପରକୁ ଗୁଳି ଚଳାଇଥିଲା । ପ୍ରଶ୍ନ ଉଠୁଛି, ପୂର୍ଣ୍ଣ ସୁରକ୍ଷା ଭିତରେ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କୁ କେମିତି ହତ୍ୟା କରାଗଲା ? ଅନ୍ୟପକ୍ଷରେ ପୁଲିସ୍ କହିଛି ଯେ ଆବେଙ୍କ ▶▶ପୃଷ୍ଠା ୭

## ରାଜ୍ୟରେ ୫ ଦିନ ଯାଏ ବର୍ଷା ସମ୍ଭାବନା

ଭୁବନେଶ୍ୱର,୦୯/୦୭ (ନି.ପ୍ର): ଉତ୍ତର ପଶ୍ଚିମ ଓ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରେ ରହିଥିବା ଘୂର୍ଣ୍ଣିବଳୟ ଯୋଗୁ ଓଡ଼ିଶା ଉପରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସହ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ମଧ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୪ରୁ ୫ ଦିନ ରାଜ୍ୟରେ ଜାରି ରହିବ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱର ସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଆସନ୍ତା ୨୪ ଘଂଟା ଯାଏ ୭ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲା ଗୁଡିକ ମଧ୍ୟରେ କନ୍ଧମାଳ, ନରଙ୍ଗପୁର, ନୂଆପଡ଼ା, କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ବରଗଡ଼ ▶▶ପୃଷ୍ଠା ୭

## ସିଞ୍ଜୋ ଆବେଙ୍କ ହତ୍ୟାକୁ ଅଗ୍ନିପଥ ସହ ଯୋଡ଼ିଲା ଟିଏମସି : ନିନ୍ଦା କଲା ବିଜେପି



କୋଲକାତା, ୦୯/୦୭ (ନି.ପ୍ର): ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ହତ୍ୟାକୁ ନେଇ ଟିଏମସି ବର୍ତ୍ତମାନର ଅଗ୍ନିପଥ ଯୋଜନା ସହ ଲିଙ୍କ କରିବା ପ୍ରସଙ୍ଗରେ କଡ଼ା ନିନ୍ଦା କରିଛି ବିଜେପି। ଟିଏମସିର ମାଉଥପିସ୍ ଜାଗୋ ଗ୍ରାହକରେ ପ୍ରକାଶିତ ବିବାଦୀୟ ଆଲେଖ୍ୟକୁ ନେଇ ଆପତ୍ତି ଉଠାଇଛି ପଶ୍ଚିମବଙ୍ଗ ବିଜେପି। ପଶ୍ଚିମବଙ୍ଗ ବିଜେପି ମୁଖ୍ୟ ମନୋଜ ତିଗା କହିଛନ୍ତି ଯେ, ମୋଦି ଯାହା କୁହନ୍ତି ଟିଏମସି ସର୍ବଦା ଏହାର ବୀପରିତ କାମ କରେ । ସେମାନଙ୍କର ଦେଶ ପ୍ରତି ଭଲ ପାଇବା ନାହିଁ। ସିଞ୍ଜୋ ଆବେଙ୍କ ସହ ମୋଦିଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ଥିଲା । ହେଲେ ସେହି ସମ୍ପର୍କକୁ ଆଧାର କରି ଯେଉଁ ଭଳି ଭାବେ ନକରାତ୍ମକ ଭାବେ ପ୍ରଦର୍ଶନ କରାଯାଉଛି ତାହା ଟିଏମିସର ବିକୃତ ମାନସିକତାକୁ ଦର୍ଶାଉଛି ବୋଲି ସେ କହିଛନ୍ତି । ଯାହା ଜାଗୋ ଗ୍ରାହକ ଲେଖିଛି ତାହା ସମ୍ପୂର୍ଣ୍ଣ ଭୁଲ। ଦେଶରେ ଯୁବପିଢ଼ିଙ୍କୁ ବିଭ୍ରାନ୍ତି କରିବାକୁ ଚେଷ୍ଟା କରୁଛି ଟିଏମସି। ବିଜେପି ଦେଶରେ ଏକ ରାଷ୍ଟ୍ରୀୟ ଭାବନା ତିଆରି କରିବାକୁ ଚେଷ୍ଟା କରୁଥିବା ବେଳେ ଟିଏମସି ଠିକ୍ ତାର ଓଲଟା କରୁଥିବା ସେ କହିଛନ୍ତି। ସୂଚନା ଅନୁଯାୟୀ, ତେବେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମସି) ଏହି ହତ୍ୟାକୁ ଦେଶରେ 'ଅଗ୍ନିପଥ' ନିଯୁକ୍ତି ସହ ଯୋଡିଛି। ଏ ନେଇ ▶▶ପୃଷ୍ଠା ୭


DADLS-26



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୨ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ପବିତ୍ର ଉଦ୍-ଉଜ୍-ଜୁହା ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

ଗଣେଶୀ ଲାଲ

(ଗଣେଶୀ ଲାଲ)

OIPR : 15001/13/0078/2223

DADLS-26



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୨ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା।

ପବିତ୍ର ଉଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁଁ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

କୋଭିଡର ବିପଦ ଏ ପର୍ଯ୍ୟନ୍ତ ଦୂର ହୋଇନାହିଁ । ତେଣୁ ମୋର ନିବେଦନ, ଆସନ୍ତୁ, ସମସ୍ତେ କୋଭିଡ ନିୟମ ପାଳନ କରିବା । ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତା ରକ୍ଷା କରି ନିଜେ ସୁସ୍ଥ ରହିବା ଓ ନିଜ ପରିବାରକୁ ମଧ୍ୟ ନିରାପଦ ରଖିବା ।

ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0078/2223

DADLS-26



ଇଦ୍-ଉଜ୍-ଜୁହା ଉପଲକ୍ଷେ ବାର୍ତ୍ତା

ତ୍ୟାଗ, ସମର୍ପଣ ଓ ଉତ୍ସର୍ଗର ପର୍ବ ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ମୁଁ ରାଜ୍ୟବାସୀ ସମସ୍ତ ମୁସଲମାନ ଭାଉଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

କରୋନା ମହାମାରୀର କଠିନ ସମୟରେ ଆପଣମାନେ କୋଭିଡ ନିୟମାବଳୀ ଅନୁପାଳନ ପୂର୍ବକ ଏହି ପର୍ବ ପାଳନ କରିବାକୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

ପ୍ରଦିପ କୁମାର ଅମାତ

(ପ୍ରଦିପ କୁମାର ଅମାତ)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR : 15001/13/0078/2223

# ଶ୍ରୀଗୁଣ୍ଡିଚାରୁ ଶ୍ରୀମନ୍ଦିର ବାହୁଡ଼ିଲେ ମହାପ୍ରଭୁ

## ଇମାମି ନଗର ବାହୁଡ଼ା ଯାତ୍ରାରେ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

ରେମୁଣା,୯/୦୭ (ନି.ପ୍ର): ବାଲଗୋପାଲପୁରସ୍ଥିତ ଇମାମି ନଗର ଶ୍ରୀଗୁଣ୍ଡିଚା ଛାଡ଼ି ମହାପ୍ରଭୁ ଶନିବାର ଅପରାହ୍ଣରେ ଶ୍ରୀମନ୍ଦିର ବାହୁଡ଼ି ଯାଇଛନ୍ତି । ୯ଦିନ ପାଇଁ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ଶ୍ରୀଗୁଣ୍ଡିଚା ଯାଇଥିବା ମହାପ୍ରଭୁ ଜଗନ୍ନାଥ, ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହ ପୁଣି ଶ୍ରୀମନ୍ଦିରକୁ ଫେରି ଆସିଛନ୍ତି । ଏଥିପାଇଁ ଇମାମି କ୍ଷେତ୍ରରେ ପ୍ରବଳ ଜନସମାଗମ ହୋଇଥିଲା । ହରିବୋଲ, ହୁଳୁହୁଳି, ଶଙ୍ଖ, ଘଂଟା, ମାଦଳର ତାଳରେ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ । ସତେଯେପରି ଭିନ୍ନ ଏକ ଶ୍ରୀକ୍ଷେତ୍ରର ଆଭାସ ହୋଇଥିଲା ଇମାମି ନଗର ବାହୁଡ଼ା ଯାତ୍ରା । ସକାଳେ ମଙ୍ଗଳାର୍ପଣ, ଦିନ ସାଢ଼େ ୧୦ଟାରେ ଆଜ୍ଞାମାଳ ଆସିବା ପରେ ମଧ୍ୟାହ୍ନରେ ଧାଡ଼ିପହଣ୍ଡି, ଅପରାହ୍ନ୨ଟା ୩୦ରେ ସ୍ଥାନୀୟ ଇମାମି ପେପର ମିଲ୍ସର ସଭାପତି ଆଶିଷ ଅବିନାଶ ଗୁପ୍ତା ଛେରାପହଁରା ସମାପନ ପରେ ସାଢ଼େ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା । ପରେ ରଥ ଉପରୁ ଠାକୁରମାନଙ୍କୁ ପହଣ୍ଡି କରାଯାଇ ଶ୍ରୀମନ୍ଦିରକୁ ନିଆଯାଇଥିଲା । ସନ୍ଧ୍ୟା ସାଢ଼େ ୭ଟାରେ ଅଧରପଣା ନୀତି ପରେ ଲକ୍ଷ୍ମୀନାରାୟଣ କଳି, ରସଗୋଲା ଭୋଗ ଏବଂ ତା'ପରେ ମହାପ୍ରଭୁଙ୍କ ନୀଳାଦ୍ରିବିଜେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ପୂଜକ ପ୍ରଦୀପ୍ତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ରୀତିନୀତି ସମ୍ପନ୍ନ ହୋଇଥିଲା । ରଥ ଯାତ୍ରା ଅବସରରେ ସୁଦୂର ବୃନ୍ଦାବନରୁ ଆସିଥିବା ରାସଲୀଳା ସଂସ୍ଥାନର କଳାକାରଙ୍କ ଦ୍ୱାରା ରଥ ଟଣାର ତାଳେତାଳେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ । ସେମାନଙ୍କ ସହ ଭକ୍ତମାନେ ମଧ୍ୟ ମସଗୁଲ ହୋଇଥିଲେ । ଏହି ଅବସରରେ ରଥ ବାହୁଡ଼ିବା ସମୟରେ ଚଳଚିତ୍ର ଓ ଯାତ୍ରା ଜଗତର ଚର୍ଚ୍ଚିତ ଅଭିନେତା ଅଭିନେତ୍ରୀଙ୍କ ମଧ୍ୟରେ ସ୍ୱରାଜ ବାରିକ, ଶିବାନୀ ସିଂ, ସଞ୍ଜୟ ଭୋଳ, କମଳ ନନ୍ଦ, ବାପି ପଣ୍ଡା, ଭାରତୀ ଧଳ ପ୍ରମୁଖ ଯୋଗଦେଇଥିଲେ । ରଥ ଯାତ୍ରା ଉତ୍ସବରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜଗନ୍ନାଥ ପ୍ରେମୀ ଭକ୍ତଗଣ ବିଭିନ୍ନ ଢ଼ଙ୍ଗରେ ଘଂଟା, ଘଡ଼ି ଓ ବାଦ୍ୟର ତାଳେ ତାଳେ ଉନ୍ମାଦିତ ହୋଇ ତାଙ୍କର ଭାବାବେଗର ବହିର୍ପ୍ରକାଶ କରିଥିଲେ । ସେହିପରି କଲିକତାସ୍ଥିତ ଇମାମି ଫାଉଣ୍ଡେସନର ହାଇଭ ଇଣ୍ଡିଆ ସଂସ୍ଥାନର ଡାକ୍ତର ଏବଂ ତାଙ୍କର ଟିମ୍ ତଥା ସ୍ଥାନୀୟ ପେପର ମିଲ୍ସର ଡାକ୍ତର ଏବଂ ତାଙ୍କ ଟିମ୍ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲେ । ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡାକ୍ତର ରାମଚନ୍ଦ୍ର କିସ୍କୁଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ସେବା ଓ ପରିମଳ ବ୍ୟବସ୍ଥା କରାଯାଇଥିଲା । ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା, କ୍ଲୋଜ ସର୍କିଟ କ୍ୟାମେରା, ଜଳ ସିଂଚନ ସାଙ୍ଗକୁ ସ୍ଥାନୀୟ ରେମୁଣା ପୁଲିସ ପ୍ରଶାସନ ପକ୍ଷରୁ ଥାନା ଅଧିକାରୀ ରବିନାରାୟଣ ଭୂୟାଁଙ୍କ ନେତୃତ୍ୱରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଉପରୋକ୍ତ କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ତଥା ଇମାମି ଗ୍ରୁପ୍‌ର ପୃଷ୍ଠପୋଷକ ରାଧାଶ୍ୟାମ ଅଗ୍ରୱାଲ ଏବଂ ରାଧାଶ୍ୟାମ ଗୋଏଙ୍କାଙ୍କ ପ୍ରତିନିଧିଭାବେ ସୁଶିଲ ଗୋଏଙ୍କାଙ୍କ ତତ୍ତ୍ୱାବଧାନରେ ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଳ ରଞ୍ଜନ ଦାସସାମନ୍ତରାୟ, କାରଖାନା ଉପସଭାପତି ରାଜେଶ କୁମାର ମିତଲ, ମୁଖ୍ୟ ପରିଚାଳକ ଡ. ୟୁସୁଫ ଅଲ୍ଲୀ ସୋଲାଙ୍କି, ଡିଜିଏମ ଦେବବ୍ରତ ହୋତା, ରମେଶ ଚନ୍ଦ୍ର ଖୁଂଟିଆ, ଏଜିଏମ ଓମପ୍ରକାଶ ଶର୍ମା, ଅନିଲ କୁମାର ସିଂଙ୍କ ସମେତ ସତ୍ୟସାଇ ସେବା ସଙ୍ଗଠନର କର୍ମକର୍ତ୍ତା ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ୧୦ ତାରିଖ ରବିବାର ସକାଳ ସାଢ଼େ ୮ଟାରେ ଶ୍ରୀଜୀଉମାନେ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀ ମନୋଜ କୁମାର ପାଢ଼ୀ ସୂଚନା ଦେଇଛନ୍ତି । ରଥ ଯାତ୍ରାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପ୍ରସାଦ ସେବନ ଓ ପାନୀୟ ଜଳର ବ୍ୟବସ୍ଥା ମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିଲା । ବାହୁଡ଼ା ଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ ।

## ଜିଲ୍ଲା ଟପର ଛାତ୍ରୀଙ୍କୁ ଷ୍ଟେଟ ବ୍ୟାଙ୍କ ତରଫରୁ ସାଇକେଲ ପ୍ରଦାନ

କେନ୍ଦ୍ରାପଡା,୯/୦୭ (ନି.ପ୍ର): ଚଳିତ ମେଟ୍ରିକ ପରୀକ୍ଷାରେ କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଅଂଚଳର ଛାତ୍ରୀ ମୋନାଶ୍ରୀ ବିଶ୍ୱାଳ ଜିଲ୍ଲାରେ ସର୍ବୋଚ୍ଚ ୫୮୫ ନମ୍ବର ରଖି ଟପର ହୋଇଥିବାରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କେନ୍ଦ୍ରାପଡାର ମୁଖ୍ୟ ଶାଖା ତରଫରୁ ତାଙ୍କୁ ଏକ ଏକ ସାଇକେଲ ପ୍ରଦାନ କରାଯାଇଛି । ମୁଖ୍ୟ ପ୍ରବନ୍ଧକ ପ୍ରକାଶ ଗ୍ରହଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଉତ୍ସବରେ ମୋନାଶ୍ରୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ଉଚ୍ଚ ଶିକ୍ଷା ପାଇଁ ସମସ୍ତ ଆର୍ଥିକ ସହଯୋଗ ଦେବା ପାଇଁ ପ୍ରତିଶୃତି ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ତାଙ୍କ ପିତା ମାତାଙ୍କ ସମେତ ରମାକାନ୍ତ ଅଗସ୍ତି, ରବି ନାରାୟଣ ନାୟକ, ଚିରଞ୍ଜୀବୀ ଜେନା, ଆଶିଷ କୁମାର ବାରିକ, କେଦାର ସ୍ୱାଇଁ, ଜଗନ୍ନାଥ ପଣ୍ଡା, ଧରଣୀଧର ଗୋଛାୟତ, ଲକ୍ଷ୍ମୀ ନାରାୟଣ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ ।

## ନାରାୟଣ ହେଲେ ବାରୁଅ ସମବାୟ ସମିତିର ସଭାପତି

କେନ୍ଦ୍ରାପଡା,୯/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୁଅ ପଂଚାୟତର ପୂର୍ବତନ ସରପଂଚ ନାରାୟଣ ସ୍ୱାଇଁ ବାରୁଅ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଶୁକ୍ରବାର ନିର୍ବାଚନରେ ଶ୍ରୀ ସ୍ୱାଇଁ ୧୨ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ବିରୋଧୀ ମାତ୍ର ୩ ଖଣ୍ଡ ଭୋଟ ପାଇଥିଲେ । ନିର୍ବାଚନ ଅଧିକାରୀ ମନୋଜ କୁମାର ପଡିଆରୀ, ପ୍ରିଜାଇଡିଙ୍ଗ ଅଫିସର ହେମନ୍ତ କୁମାର ପାତ୍ର, ସମବାୟ ସମିତିର ସଂପାଦକ ଶ୍ରୀହର୍ଷ ମହାନ୍ତି ତାଙ୍କୁ ସଭାପତି ଭାବେ ଘୋଷଣା କରିବା ପରେ ସେ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡିଛି ।

# କେନ୍ଦୁଝରରେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହାତୀପଲ : ଭାଙ୍ଗିଲେ ଘର ଖାଇଲେ ଭାତ

କେନ୍ଦୁଝର,୯/୦୭ (ନି.ପ୍ର): କେନ୍ଦୁଝର ରେ ହାତୀପଲଙ୍କ ଉପଦ୍ରବ ଥମିବାରେ ନାମ ନେଉନାହିଁ । ଜଙ୍ଗଲର ଏହି ବିରାଟକାୟ ଜୀବ ପାଇଁ ଖାଦ୍ୟ ସଙ୍କଟ ଦେଖା ଦେଇଛି । ବିଭିନ୍ନ ସମୟରେ ମଣିଷ ସମାଜ ଦ୍ୱାରା ତଥାକଥିତ ବିକାଶ ନାମରେ କେତେବେଳେ ହାତୀପଲଙ୍କ ଗତପଥ ଅବରୋଧ କରାଗଲାଣିତ ଆଉ କେତେବେଳେ ଖଣିଖାଦାନ ନାମରେ ଜଙ୍ଗଲ ଧ୍ୱସଂ କରାଗଲାଣି । ଫଳରେ ଦେଶର ଐତିହ ହାତୀପଲଙ୍କର ଶାନ୍ତି ନଷ୍ଟ ହେବା ସହ ସେମାନଙ୍କ ପାଇଁ ଖାଦ୍ୟର ଅଭାବ ଦେଖା ଦେଇଛି । ଫଳରେ ସେମାନେ ଏବେ ଗାଁ ମୁହାଁ ହୋଇଛନ୍ତି । ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁ ମୁହାଁ ହେବାରେ ଲାଗିଛନ୍ତି । ଭୋକ ବିକଳରେ ଗାଁ ରେ ପଶି ଘର ଭାଙ୍ଗି ଘର ଭାଙ୍ଗି ଖାଦ୍ୟ ଖାଇଯାଉଛନ୍ତି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲାର ତେଲକୋଇ ଅଂଚଳରେ । ଏହି ଅଂଚଳରେ ହାତୀପଲଙ୍କର ଘର ଭାଙ୍ଗିବା ଯେଭଳି କେବଳ ଏକ ନିତି ଦିନିଆ ଘଟଣାରେ ପରିଣତ ହୋଇନାହିଁ ବଂର ଅଣଆୟତକୁ ଚାଲିଗଲାଣି । ଏହି ଅଂଚଳରେ ହାତୀପଲ କେତେବେଳେ ଘର ଭାଙ୍ଗୁଛନ୍ତି ତ କେତେବେଳେ ଲୋକଙ୍କ ଜୀବନ ନେବା ସହ ଆକ୍ରମଣ ମଧ୍ୟ କରୁଛନ୍ତି । ହାତୀପଲଙ୍କୁ ଘଉଡାଇବା ଦିଗରେ ବନ ବିଭାଗ ଯେତେଟା ତତ୍ପର ପ୍ରକାଶ କରିବା କଥା , କରୁନାହିଁ ବୋଲି ଲୋକମାନେ ସିଧା ସଳଖ କହୁଛନ୍ତି । ଯେଉଁଥିପାଇଁ ଲୋକଙ୍କ ଉପରେ ବିପଦ ବଢିବାରେ ଲାଗିଥିବା ସେମାନେ କହୁଛନ୍ତି । ଯେଉଁଥିପାଇଁ ହୁଏତ ଯେ କୌଣସି ସମୟରେ ବନ ବିଭାଗ ଲୋକଙ୍କର ଆକ୍ରୋସର ଶୀକାର ହେବା ସମ୍ଭାବନାକୁ ଏଡାଇ ଦିଆଯାଇପାରୁନାହିଁ । ଗତକାଲି ବିଳମ୍ବିତ ରାତ୍ରୀରେ ବିମଳା ଫରେଷ୍ଟ ବିଟ ର ଆକୁଳ ପଂଚାୟତ ବନବିହାରୀପୁର ଗାଂରେ ତିନି ଟିକିଆ ହାତୀପଲ ପଶି ଉପଦ୍ରବ କରିଛନ୍ତି । ଘରେ ଧାନ ଚାଉଳ ନଥିବା ବେଳେ ଭୋକ ବିକଳରେ ହାତୀପଲ ଶତ୍ରୁ ମୁଣ୍ଡାଙ୍କ ଘରକୁ ଭାଙ୍ଗି ଭାତ ଖାଇଯାଇଥିଲେ । ତେବେ ହାତୀପଲ ଘର ଭାଙ୍ଗିବା ସମୟରେ ସେହି ଘରେ ଶୋଇଥିଲେ । ସେମାନଙ୍କୁ ଦେଖି ହାତୀ ଶୁଣ୍ଢରେ ଟାଣିବାକୁ ଚେଷ୍ଟା କରି ଚେଷ୍ଟା କରିଥିଲା । ତେବେ ହାତୀପଲଙ୍କ ଭାଙ୍ଗିବା ଦେଖି ସାହୀ ଲୋକମାନେ ପହଂଚି ହାତୀପଲଙ୍କୁ ଘଉଡାଇ ଦେବା ଫଳରେ ବାପ ପୁଅ ଅଳ୍ପକେ ବର୍ତି ଯାଇଥିଲେ ।

## ଯୋଡା ବୃଦ୍ଧାଶ୍ରମ ସାମାଜିକ ନିରାପତ୍ତାକୁ ସୁଦୃଢ କରିଛି

କେନ୍ଦୁଝର, ୮ ଜୁଲାଇ ( ହି . ସ)- ଖୁସି ବାଂଟୁଛି ଯୋଡା ବୃଦ୍ଧାଶ୍ରମ । ସମାଜର ବାସହୀନ, ପରିତ୍ୟକ୍ତ, ଅସହାୟ ବୟସ୍କ ବ୍ୟକ୍ତିଙ୍କୁ ଆଶ୍ରା ଦେଇ ଯୋଡା ବୃଦ୍ଧାଶ୍ରମ ସେମାନଙ୍କର ସାମାଜିକ ନିରାପତା ସହିତ ଅନ୍ୟାନ୍ୟ ଆନୁସଙ୍ଗିକ ସେବାକୁ ନିଶ୍ଚିତ କରାଉଛି । ଗତ ୨୦୨୧ ମସିହା ନଭେମ୍ବର ୧୮ ତାରିଖ ଦିନ ୫୦ ଶଯ୍ୟା ବିଶିଷ୍ଟ ଉକ୍ତ ବୃଦ୍ଧାଶ୍ରମକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଲୋକାର୍ପଣ କରିଥିଲେ । ଚଳିତ ଜୁଲାଇ ୭ ତାରିଖ ଗୁରୁବାର ଦିନ ଜିଲ୍ଲାପାଳ ଆଶିଷ ଠାକରେ ଯୋଡାଗସ୍ତ ଅବସରରେ ଉକ୍ତ ବୃଦ୍ଧାଶ୍ରମ ପରିଦର୍ଶନ କରି ଏହାର ଭିତିଭୂମି ଓ ପରିଚାଳନା ବ୍ୟବସ୍ଥା, ଅନ୍ତେବାସୀମାନଙ୍କ ପାଇଁ ଯୋଗାଇ ଦିଆଯାଉଥିବା ସୁବିଧାର ତଦାରଖ କରିଥିଲେ ଏବଂ ଅନ୍ତେବାସୀ ମାନଙ୍କ ସହ ବାର୍ତାଳାପ କରି ସେମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ । ଅତ୍ୟାଧୁନିକ ଆବଶ୍ୟକୀୟ ସୁବିଧା ଉପଲବ୍ଧ ଥିବା ଯୋଡା ବୃଦ୍ଧାଶ୍ରମ ଅସହାୟ, ପରିତ୍ୟକ୍ତ ଅନ୍ତେବାସୀ ମାନଙ୍କର ସାମାଜିକ ନିରାପତାକୁ ସୁଦୃଢ କରିଛି ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଯୋଡା ପୌରପାଳିକା ଅଂଚଳରେ ୨ (ଦୁଇ) ଏକର ପରିସର ସ୍ଥାନରେ ୩୬୦୦ ବର୍ଗ ମିଟର ବିଶିଷ୍ଟ (ଦୁଇଟି କୋଠା) କୋଠାରେ ଉକ୍ତ ବୃଦ୍ଧାଶ୍ରମ କାର୍ଯ୍ୟକ୍ଷମ କରାଯାଇଛି । ଏଠାରେ ପାନୀୟ ଜଳ, ଶୌଚାଳୟ, ରୋଷ ଶାଳା, ପାକଶାଳା, ଆବାସିକ ଗୃହ, ଆମୋଦ ଦାୟକ କ୍ୟାମ୍ପୋସ୍ ବ୍ୟବସ୍ଥା କରାଯାଇଛି । ଏହି ପ୍ରକଳ୍ପ ଡି.ଏମ୍.ଏଫ୍. (ଜିଲ୍ଲା ଖଣିଜ ପ୍ରତିଷ୍ଠାନ) ସହାୟତାରେ ଚାଲୁଛି । ଉଲ୍ଲେଖଯୋଗ୍ୟ ଯେ ଯୋଡା ବୃଦ୍ଧାଶ୍ରମରେ ଆବଶ୍ୟକୀୟ ସମସ୍ତ ବ୍ୟବସ୍ଥା ଉପଲବ୍ଧ କରାଯାଇଛି । ୨୪ଘଂଟ ଆବାସିକ ବ୍ୟବସ୍ଥା, ପୁଷ୍ଟିକର ସୁଷମ ଖାଦ୍ୟ, ଅନ୍ତେବାସୀଙ୍କ ପାଇଁ ପୋଷାକ ପରିଚ୍ଛଦ, ବୃଦ୍ଧାଶ୍ରମର ପରିମଳ, ସ୍ୱାସ୍ଥ୍ୟରକ୍ଷା, ମନୋରଞ୍ଜନ ନିରାପତା ବ୍ୟବସ୍ଥା, ଡାକ୍ତରୀ ସୁବିଧା ଉପଲବ୍ଧ କରାଯାଇଛି । ଏତଦ୍‌ବ୍ୟତୀତ ସରକାରଙ୍କ ଦ୍ୱାରା ପ୍ରବର୍ତିତ ବିଭିନ୍ନ କଲ୍ୟାଣମୂଳକ ଯୋଜନା, ପେନ୍‌ସନ୍, ବୀମା ଇତ୍ୟାଦି ଯୋଜନା ସହ ଅନ୍ତେବାସୀଙ୍କୁ ସଂଯୁକ୍ତ କରାଯାଉଛି । ଅସହାୟ, ନିରାଶ୍ରୟ ବ୍ୟକ୍ତିମାନଙ୍କୁ ନିରାପତା ପ୍ରଦାନ ଏବଂ ସେମାନଙ୍କ ଗଣାତ୍ମକ ଜୀବନ ପାଇଁ ପ୍ରଣୀତ "ଓଡିଶା ମେଂଟନାନ୍ସ ଅଫ୍ ପ୍ୟାରେଂଟ୍‌ସ୍ ଏଣ୍ଡ୍ ୱେଲ୍‌ଫେୟାର ଅଫ୍ ସିନିୟର ସିଟିଜେନ୍ ରୁଲ୍ସ-୨୦୦୯ ଅନୁଯାୟୀ ଉକ୍ତ ବୃଦ୍ଧାଶ୍ରମ ସ୍ଥାପନ କରାଯାଇଛି ।

# ବନ ମହୋତ୍ସବ ସଚେତନତା ରାଲି ଓ ଚାରା ରୋପଣ

ବଲାଙ୍ଗିର,୯/୦୭ (ନି.ପ୍ର): ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଜଳବାୟୁ ପରିବର୍ତନ ବିଭାଗ ପୌରହିତ୍ୟରେ ଆଜାଦି କି ଅମୃତ ମହୋତ୍ସବ ଆଜି ଏଠାରେ ପାଳିତ ହୋଇଯାଇଛି । ୭୩ ତମ ବନ ମହୋତ୍ସବ ଅବସରରେ ସ୍ଥାନୀୟ ଟାଉନ୍ ବାଳିକା ବିଦ୍ୟାଳୟ ଠାରୁ ଏକ ବିରାଟ ସଚେତନତା ରାଲି ବାହାରିଥିଲା । ଏଥିରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ମାନେ ଯୋଗଦେଇ ପରିବେଶ ସମ୍ପର୍କୀୟ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ସି ଏନ୍ ସି କମର୍ସ କଲେଜ ଓ ଟାଉନ୍ ବାଳିକା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ରାଲିରେ ଭାଗ ନେଇଥିଲେ । ଘୁବୁକୁଡୁ ବାଦକ ସାନ-ବଡ଼ଙ୍କ ଘୁଡ଼କା ବାଦନ ରାଲିରେ ସମସ୍ତଙ୍କୁ ଉତ୍ସାହିତ କରିଥିଲା ।

ଏହି ଅବସରରେ ସ୍ଥାନୀୟ କଦଳୀମୁଣ୍ଡା ନର୍ସରୀ ଠାରେ ସହରାଂଚଳ ବନୀକରଣ ସମେତ ପରିବେଶ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । କବି ତଥା ବନ ବିଭାଗର କର୍ମଚାରୀ ଅର୍ଜୁନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଅଧକ୍ଷତା କରି ବଲାଙ୍ଗିର ଡିଏଫଓ ନୀତିଶ କୁମାର ସୂଚନା ଦେଇ ପରିବେଶକୁ ସନ୍ତୁଳିତ କରିବା କ୍ଷେତ୍ରରେ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ । ସହରୀ ବନୀକରଣ ବଲାଙ୍ଗିର ସମେତ ଅନ୍ୟ ଜିଲ୍ଲାର ୫ ଟି ସହରରେ ବ୍ୟାପକ କରିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ଶ୍ରୀ ନୀତିଶ କୁମାର ମତ ଦେଇଥିଲେ । ବଲାଙ୍ଗିର ସହର ଭିତରେ ୩୦ ଟି ଚିହ୍ନଟ ସ୍ଥାନରେ ଗଛ ଲଗାଯିବାକୁ ସେ କହିଥିଲେ । ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗ୍ରାମାଚଂଳରେ ଅଧିକ ଗଛ ଲଗାଇବାକୁ ତଥା ଏଥିରେ ସବୁଜ ବଲାଙ୍ଗିର କରିବା ଦିଗରେ ଯତ୍ନବାନ୍ ହେବକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ଏସପି ନୀତିନ୍ କୁଶଲକର ଯୋଗ ଦେଇ ଥିବାବେଳେ ଅନ୍ୟତମ ଅତିଥି ଭାବରେ ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ଲାଗୁରି, ବଲାଙ୍ଗିର ମୁନିସିପାଲିଟି ପୌରାଧକ୍ଷା ଲିକା ସାହୁ ମଂଚାସୀନ ରହି ଜଙ୍ଗଲ ସୁରକ୍ଷା ଓ ବନୀକରଣକୁ ଏକ ଅଭିଯାନ ଭାବେ ଗ୍ରହଣ କରି ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ପରମର୍ଶ ଦେଇଥିଲେ । ଶେଷରେ ଏ ସି ଏଫ୍ ବାବାଜୀ ଚରଣ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରେ ପ୍ରତ୍ୟେକ ଅତିଥି ବଲାଙ୍ଗିର ସହର ପାଇଁ ଚିହ୍ନଟ ବନରେ ଆରମ୍ଭ କରି ନର୍ସରୀ ପରିସରରେ ଗୋଟିଏ ଗୋଟିଏ ଗଛ ଲଗାଇଥିଲେ । ଏଥିରେ ଜଙ୍ଗଲ ବିଭାଗର ସମସ୍ତ କର୍ମଚାରୀ, ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବୀ, ପରିବେଶ ପ୍ରେମୀ, ସାମ୍ବାଦିକ ଓ ଗଣମାଧମ ପ୍ରତିନିଧି ମାନେ ଯୋଗ ଦେଇଥିଲେ । ଟାଉନ୍ ବାଳିକା ହାଇସ୍କୁଲ ଛାତ୍ରୀ ମାନେ ବିଭିନ୍ନ ମହାନ୍ ବ୍ୟକ୍ତି ବେଶରେ ଥିଲାବେଳେ ଜରାସିଂହାର ଏକ ଦଳ ମନୋରଞ୍ଜନ ସହିତ ପରିବେଶ ବାର୍ତା ପ୍ରଚାର କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବଲାଙ୍ଗିର ରେଞ୍ଜ ଅଧିକାରୀ କେଶବ କୃଷ୍ଣ ନାୟକଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ ମାନେ ବ୍ୟବସ୍ଥିତ କରିଥିଲେ ।

# ୱାଇଲଡ଼ ଲାଇଫ ସାଞ୍ଚୁରୀ ଅଛି, ଜୀବଜନ୍ତୁଙ୍କ ଦେଖା ନାହିଁ

କନ୍ଧମାଳ,୯/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଗୋଟିଏ ମାତ୍ର ୱାଇଲଡ଼ ଲାଇଫ ସେଞ୍ଚୁରୀ ରହିଛି । କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନ ବିଭାଗ ଡିଭିଜନ ଅଧିନରେ । ବାଲିଗୁଡ଼ା ବନ ବିଭାଗ ଡିଭିଜନର ତୁମୁଡିବନ୍ଧ ଓ କୋଟଗଡ଼ ବନାଞ୍ଚଳ ମଧ୍ୟରେ ୩ହଜାର ୯୯୭ ବର୍ଗ କିମି ବିଶିଷ୍ଟ ୱାଇଲଡ ଲାଇଫ ସାଙ୍କଚୁରୀ ରହିଛି । କୋଟଗଡ଼ ୱାଇଲଡ ଲାଇଫ ସାଙ୍କଚୁରୀ କୁହାଯାଉଛି ।

ଗତ ୨୦ ବର୍ଷ ହେଲା ଏହି ଜଙ୍ଗଲ ଅଞ୍ଚଳକୁ ସାଙ୍କଚୁରୀ ଘୋଷଣା କରାଯାଇଛି । ସେତେବେଳେ ଏ ସବୁ ଅଞ୍ଚଳ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ବାଘ ହାତୀ, ଭାଲୁ"ହରିଣ, ସମ୍ବର,ଜିଆଦ, ବାରହା କୁଟୁରା ସମେତ ବହୁ ପଶୁ ଯନ୍ତୁ ଥିଲେ । ହେଲେ ସାଙ୍କଚୁରୀ ଭିତରେ ଜନବସତି ଗାଁରହିବାମନାଥିରେ ମଧ ରହିଆସୁଛନ୍ତି ବହୁ ଆଦିବାସୀ ,କୁଟିଆ ଓ ଦେଶିଆ କନ୍ଧ । କାଳକ୍ରମେ ଶୀକାରୀଙ୍କ ଅବାଧ ଶୀକାର ଯୋଗୁ ବନ୍ୟପ୍ରାଣୀଙ୍କସଂଖ୍ୟା କମିବାରେ ଲାଗିଛି । ବହୁତ କମ ସଂଖ୍ୟକ କଲରାପତରିଆ , ଚିତାବାଘ , ଜଙ୍ଗଲୀ ଭାଲୁ , ରହିଥିବାବେଳେ ହାତୀ ଯା ଆସ ମଧ କରିଥାନ୍ତି । ସାଞ୍ଚୁରୀ ମଧରେ ସୁନ୍ଦର ଜଳପ୍ରପାତ ଦୁଇଟି ରହିଛି ।

ଏହି ସାଙ୍କ ଚୁରୀ ର ବାଉଣ୍ଡରୀ ନାହିଁ ,ସଂପୂର୍ଣ୍ଣ ଖୋଲା । ସବୁଆଡୁ ରାସ୍ତା ରହିଛି । ଫଳରେ ୨୦୦୭/୦୮ ମସିହା ରୁ ନକ୍ସଲମାନେ କ୍ୟାମ୍ପ କରି ରହୁଛନ୍ତି । ପୋଲିସ ଓ ନକ୍ସଲ ମଧରେ ଗୁଳି ବିନିମୟ ହୋଇଛି ଅନେକ ବାର । କିଛି ସୁରକ୍ଷାକର୍ମୀଙ୍କ ମୃତ୍ୟୁ ହୋଇଥିବାବେଳେ କିଛି ସାଧାରଣ ଲୋକଙ୍କ ମଧ ମୃତ୍ୟୁ ଘଟିଛି ଏହି ସାଞ୍ଚୁରୀ ଅଞ୍ଚଳରେ। ତୁମୁଡିବନ୍ଧ ଓ କୋଟଗଡ଼ ଅଞ୍ଚଳ ନକ୍ସଲ ଉପଦୃତ ଅଞ୍ଚଳ ଭାବେ ପରିଚିତ ।

ଫଳରେ ସରକାରୀ ବାବୁମାନଙ୍କ ପାଦ ପଡୁନି ଏହି ଅଞ୍ଚଳରେ । ଯାହାକିଛିଉନ୍ନୟନ୍ନ କାର୍ଯ୍ୟ ହେଉଛି ସିଂହଭାଗ ଅର୍ଥ ସ୍ୱାହା କରିଦେଉଛନ୍ତି ତଳିଆ କର୍ମଚାରୀମାନେ ।

## ବିଦ୍ୟାଳୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

କନ୍ଧମାଳ ,୯/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲାର ଚକାପାଦ ବ୍ଲକ ଅନ୍ତର୍ଗତ ଶଙ୍କରାଖୋଲ ଠାରେ ଅବସ୍ଥିତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧକ୍ଷ ଡ଼ଃ ସନ୍ତୋଷ କୁମାର ପ୍ରଧାନଙ୍କ ସଭାପତିତ୍ୱରେ "ବିଦ୍ୟାଳୟ ସୁରକ୍ଷା ସପ୍ତାହ" ଉଦଯାପିତ ହୋଇଯାଇଛି । ଏହି ଉତ୍ସବରେ ଶଙ୍କରାଖୋଲ ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ଜାନକୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ପୂର୍ବତନ ଏସବିଆଇ ଶାଖା ପରିଚାଳକ ଅନିରୁଦ୍ଧ ପ୍ରଧାନ ଯୋଗ ଦେଇ ଥିଲେ । ସେହିପରି ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ସରୋଜ କୁମାର ବେହେରା, ମନୋଜ କୁମାର ଗୌଡ଼,ଅଧାପକ ଡ଼ଃ ବାବୁଲା ପାଟଯୋଶୀ ଏବଂ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

## ଗୋବର୍ଦ୍ଧନପୁର ଶନି ମନ୍ଦିର ଓ ଗଡିଶ୍ୱର ମନ୍ଦିରରୁ ଚୋରି: ହୁଣ୍ଡି ଡାଡି ଟଙ୍କା ଲୁଟିନେଲେ

ପିପିଲି,୯/୦୭ (ନି.ପ୍ର): ପୁରୀ ଜିଲ୍ଲା ପିପିଲି ଥାନା ଅନ୍ତର୍ଗତ ଗୋବର୍ଦ୍ଧନପୁର ଅଂଚଳରେ ଥିବା ଶନିମନ୍ଦିର ଓ ଗଡିଶ୍ୱର ମନ୍ଦିରରୁ ଲୁଟ୍ ହୋଇଛି । ଦୁର୍ବୃତ ମାନେ ଗତକାଲି ବିଳମ୍ବିତ ରାତିରେ ଏହି ଦୁଇ ମନ୍ଦିରର ମୁଖ୍ୟ ଫାଟକର ତାଲା ଭାଙ୍ଗି ଭିତରେ ପଶିବା ସହ ହୁଣ୍ଡି ଡାଡି ଟଙ୍କା ଲୁଟି ନେଇଛନ୍ତି । ଏହାପରେ ହୁଣ୍ଡିକୁ ନିକଟସ୍ଥ ଦୟାନଦୀରେ ଫିଙ୍ଗି ଦେଇ ଚାଲିଯାଇଛନ୍ତି । ଏଥିସହ ମନ୍ଦିରରେ ଥିବା ପିତଳ ମୂର୍ତି ଓ ଅନ୍ୟାନ୍ୟ ମୂର୍ତି ଚୋରି ହୋଇଛି । ଗ୍ରାମବାସୀ ଆଜି ସକାଳୁ ଏ ସମ୍ପର୍କରେ ଜାଣିବା ପରେ ପିପିଲି ଥାନାରେ ଏତଲା ହୋଇଛି । ଏତଲାକୁ ଭିତି କରି ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି ।

ଏଠାରେ ଉଲ୍ଲେଖଯୋଗ୍ୟ, ଗତ ଏକ ମାସ ମଧ୍ୟରେ ପିପିଲି ଅଂଚଳର ୧୦ଟି ମନ୍ଦିରରୁ ଚୋରି ହୋଇଛି । ଅନୁରୂପ ଭାବେ ଗତ ଜୁନ୍ ୨ ତାରିଖ ବିଳମ୍ବିତ ରାତିରେ ପିପିଲି ଥାନା ଅନ୍ତର୍ଗତ ନୂଆଶାସନ ଗ୍ରାମରେ ଥିବା ଶ୍ରୀ ନୃସିଂହନାଥ ମନ୍ଦିରରୁ ଚୋରି ହୋଇଥିଲା । ଦୁର୍ବୃତ ମାନେ ସମାନ ଢ଼ଙ୍ଗରେ ମନ୍ଦିରର ମୁଖ୍ୟ ଫାଟକ ତାଲା ଭାଙ୍ଗି ଭିତରେ ପଶିଥିଲେ । ୧୫ଟି ଅଷ୍ଟଧାତୁ ମୂର୍ତି, ଠାକୁରଙ୍କ ରୂପା କିରଟୀ ଏବଂ ଦାନବାକ୍ସ ଚୋରି କରିନେଇଥିଲେ । ମନ୍ଦିର ପରିଚାଳନା କମିଟିର ଏତଲାକୁ ଭିତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତେବେ ଇତିମଧ୍ୟରେ ମାସେରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଚୋର ଧରିବା କିମ୍ବା ଚୋରି ସାମଗ୍ରୀ ଉଦ୍ଧାର କରିବାରେ ପୋଲିସ ବିଫଳ ହୋଇଛି । ଗୋଟିଏ ବି ଘଟଣାରେ ପୋଲିସକୁ ଏଯାଏଁ ସଫଳତା ମିଳିପାରିନାହିଁ । ଏପରି ସ୍ଥିତିରେ ପୁଣି ଥରେ ଦୁଇଟି ମନ୍ଦିରରୁ ଚୋରି କରି ପୋଲିସକୁ ଖୋଲା ଚ୍ୟାଲେଞ୍ଜ୍ ଦେଇଛନ୍ତି ଚୋର ଦଳ । ଅନ୍ୟପକ୍ଷରେ ପୋଲିସର ଏଭଳି ନିଷ୍କ୍ରିୟତାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

## କ୍ରେଡିଟ-କୋ-ଅପରେଟିଭ ସୋସାଇଟିର ଉପ ସଭାପତି ହେଲେ ସାବାନା ପରୱିନ

କେନ୍ଦ୍ରାପଡା,୯/୦୭ (ନି.ପ୍ର): କେନ୍ଦ୍ରାପଡା କ୍ରେଡିଟ-କୋ-ଅପରେଟିଭ ସୋସାଇଟିର ଉପ ସଭାପତି ପଦବୀ ପାଇଁ ନିର୍ଦ୍ଦେଶିକା ସାବାନା ପରୱିନ ଏକମାତ୍ର ପ୍ରାର୍ଥୀନୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ନିର୍ବାଚନ ଅଧିକାରୀ ମୃତ୍ୟୁଞ୍ଜୟ ଶତପଥୀ ତାଙ୍କୁ ନିଦ୍ୱନ୍ଦରେ ନିର୍ବାଚିତ ଘୋଷଣା କରିଥିଲେ । ବିଶିଷ୍ଟ ସମବାୟବିତ୍ ତଥା ସମିତିର ପ୍ରତିଷ୍ଠାତା ସଭାପତି ପ୍ରମୋଦ ସାହୁ ଓ ଅନ୍ୟ ନିର୍ଦ୍ଦେଶକ ସେକ ରିୟାଜତ ଯଥାକ୍ରମେ ପ୍ରସ୍ତାବକ ଓ ସମର୍ଥକ ରହିଥିଲେ । ଏହି ନିର୍ବାଚନ ସମୟରେ ନିର୍ଦ୍ଦେଶକ କୈଳାସ ବେହେରା, ଦିଲିପ ପାତ୍ର, ଅକ୍ଷୟ ଦାସ, ସୁଶାନ୍ତ ମହାରଣା, ଅନୁସୟା ସାମଲ, ବଲ୍ଲଭ ନନ୍ଦି, ଗୀତାଞ୍ଜଳୀ ସାହୁ, ପ୍ରଭାତୀ ଲେଙ୍କା, ଜିତେନ୍ଦ୍ର ଖୁଣ୍ଟିଆ, ଦିଲିପ ରାଉତ, ପ୍ରଫୁଲ୍ଲ ମିସ୍ତ୍ରୀ, ଅମିତାବ ସାହୁ ପ୍ରମୁଖ ଉପସ୍ଥିତ ରହି ଉପ ସଭାନେତ୍ରୀ ଶ୍ରୀମତୀ ପରୱିନଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ ।

# କେନ୍ଦ୍ର ପଞ୍ଚାୟତରାଜ ଅତିରିକ୍ତ ଶାସନ ସଚିବଙ୍କ ବଲାଙ୍ଗିର ପରିଦର୍ଶନ

ବଲାଙ୍ଗିର ,୯/୦୭ (ନି.ପ୍ର): କେନ୍ଦ୍ର ସରକାର ଙ୍କ ପଞ୍ଚାୟତ ରାଜ ମନ୍ତ୍ରଣାଳୟ ର ଅତିରିକ୍ତ ଶାସନ ସଚିବ ତଥା ବଲାଙ୍ଗିର ଜିଲ୍ଲା ଦାୟିତ୍ୱରେ ଥିବା ଜଳ ଶକ୍ତି ଅଭିଯାନର କେନ୍ଦ୍ରୀୟ ନୋଡାଲ ଅଫିସର ଡା ସି ଏସ୍ କୁମାର ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସି ଆଜି ପୂର୍ବାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ରେ ଥିବା ଜଳ ଶକ୍ତି କେନ୍ଦ୍ର ପରିଦର୍ଶନ କରି ବଲାଙ୍ଗିର ଜିଲ୍ଲାରେ ଜଳ ଶକ୍ତି ଅଭିଯାନ ର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ । ସେଠାରେ ସେ ଜଳ ଶକ୍ତି କେନ୍ଦ୍ର ଦ୍ୱାରା ପ୍ରକାଶିତ ଜଳ ଶକ୍ତି ସମାଚାର ପୁସ୍ତକ କୁ ଉନ୍ମୋଚନ କରିଥିଲେ. ପରେ ସେ ସଇଁତଳା ବ୍ଲକ ସ୍ଥିତ କୁରୁମକେଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ ରେ ଯାଇ ସରକାରୀ ବିକ୍ରୟ କେନ୍ଦ୍ରରେ ହିତାଧିକାରୀ ମାନକୁ ଦିଆ ଯାଇଥିବା ଅତ୍ୟାବଶ୍ୟକ ସମାଗ୍ରୀ ବଣ୍ଟନ ବ୍ୟବସ୍ଥା ର ତଦାରଖ କରିଥିଲେ । ପରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସରପଞ୍ଚ,ସମିତି ସଭ୍ୟ ଓ ୱାର୍ଡ଼ ମେମ୍ବର ମାନକୁ ସାହ ଗ୍ରାମ ସଭା ବୈଠକ ଷ୍ଟାଣ୍ଡିଂ କମିଟି ବୈଠକ ଗ୍ରାମ ପଞ୍ଚାୟତ ଉନ୍ନୟନ ଖସଡା, ଇଣ୍ଟରନେଟ ର ଉପଲବ୍ଧତା ଆଦି ଉପରେ ଆଲୋଚନା ସହିତ ହରିତ୍ ଉର୍ଜା ମଧ୍ୟମରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ । ଅଙ୍ଗନବାଡି କେନ୍ଦ୍ର ଇତ୍ୟାଦି ସ୍ଥାନ ମାନଙ୍କରେ ସୋଲାର ପ୍ଲାଣ୍ଟ ସ୍ଥାପନ ନିମନ୍ତେ ପରାମର୍ଶ ଦେଇଥିଲେ ଓ ପଞ୍ଚାୟତ ରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ପରେ ସଇଁତଳା ବ୍ଲକ ଅନ୍ତର୍ଗତ କରମତଲା ଗ୍ରାମ ପଞ୍ଚାୟତ ଅଧିନସ୍ଥ ତୁଷ୍ଟା ପାଲି ଗ୍ରାମକୁ ଯାଇ ପ୍ରଧାନ ମନ୍ତ୍ରୀ କୃଷି ଶିଚାଇ ଯୋଜନା, ଏମ୍ ଏନ୍ ଆର୍ ଜୀ ଏସ୍ ଜରିଆରେ ଚାଷୀମାନେ କରିଥିବା ଟିସୁ କଲଚର କଦଳୀ ଚାଷ ଓ ଆମ୍ବ ବଗିଚା ପରିଦର୍ଶନ କରିବା ସହ ଚାଷୀ ମାନକ ବଜାର୍ ବ୍ୟବସ୍ଥା ଆୟ ଏବଂ ଚାଷକାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଚାଷୀମାନେ ଜଳ ସେଚନ ସୁବିଧା କରିବା ନିମନ୍ତେ କେନ୍ଦ୍ରୀୟ ନୋଡାଲ ଅଧିକାରୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେଠାରୁ ଟିଟଲାଗଡ଼ ଯାଇ ସହର ସ୍ଥିତ ଏଲ୍ ଆଇସି ନିକଟ ରେ ଥିବା ଚେକ୍ ଡ୍ୟାମ ପରିଦର୍ଶନ କରି ଥିଲେ । ଏହାର୍ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଅନୁଧାନ କରିବା ସହ ଏଥିରେ ପାଣି ଯେପରି ରହିପାରିବ ସେଦିଗରେ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ସେଠାରୁ ମହାରାଜା ସାଗର ପରିଦର୍ଶନ କରିବାସହ ଏହାର୍ ଉନ୍ନତିକରଣ ଏବଂ ସୌନ୍ଦର୍ଯ୍ୟ କରଣ ନିମନ୍ତେ କରା ଯାଉଥିବା କାର୍ଯ୍ୟ ର ଅନୁଧାନ କରିଥିଲେ । କେନ୍ଦ୍ରୀୟ ନୋଡାଲ ଅଧିକାରୀ ଡାଃ କୁମାର ଙ୍କ ଏହି ଗସ୍ତ ସମୟରେ ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଲ୍ ରାଣା । କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ର ବୈଜ୍ଞାନିକ ବିଭୂତି ଭୂଷଣ ସାହୁ. ଟିଟିଲାଗଡ଼ ଉପଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଅତିରିକ୍ତ ପି ଡି ଡି ଆର୍ ଡିଏ ଗୁଣନିଧି ନାଏକ. ପି ଡି ସହରାଞ୍ଚଳ ସୁଦର୍ଶନ ସାଏ ପ୍ରମୁଖ ଉପସ୍ଥିତ ଥିଲେ । ମହାରାଜା ସାଗର ପ୍ରକଳ୍ପ ର ଟିଟଲାଗଡ଼ ପୌର ପରିଷଦ ଅଧକ୍ଷା ମମତା ଦେବୀ ଜୈନ ଉପାଧ୍ୟକ୍ଷ ପୁଷ୍ପା ମଞ୍ଜରି ଜାଲ. ୱାର୍ଡ ସଭ୍ୟ ମାନେ ଉପସ୍ଥିତ ରହି କେନ୍ଦ୍ରୀୟ ନୋଡାଲ ଅଧିକାରୀ ସହିତ ଆଲୋଚନା କରିଥିଲେ । ସେ ପରେ ୫ ଟି ଅଧୀନରେ ରୂପାନ୍ତରିତ ହୋଇଥିବା ଟିଟିଲାଗଡ଼ ସହରର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ରେ ଯାଇ ସ୍ମାର୍ଟ କ୍ଲାସ୍ ରୁମ୍ ଇ ଲାଇବ୍ରେରୀ ପରିଦର୍ଶନ କରିବା ସହ ଶିକ୍ଷକ ଶିକ୍ଷୟିତ୍ରୀ ସହ ଶିକ୍ଷାଦାନ ବ୍ୟବସ୍ଥା ଭିତ୍ତିଭୂମି ବିଷୟ ରେ ଆଲୋଚନା କରିଥିଲେ । ସ୍ମାର୍ଟ କ୍ଲାସ୍ ରୁମ୍ ରେ ୯ ଶ୍ରେଣୀର ଗଣିତ ବିଷୟ ରେ ଶିକ୍ଷକ ପଢାଉଥିବା ସମୟରେ ପଢିଥିବା ଛାତ୍ରମାନଙ୍କ ଜ୍ଞାନ୍ ପରୀକ୍ଷା କରିଥିଲ । ଲାଇବ୍ରେରୀ ରେ ଯଥାଶୀଘ୍ର କମ୍ପୁଟର ସହିତ ଇଣ୍ଟର୍ ନେଟ୍ ସଂଯୋଗୀକରଣ କରିବାକୁ ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଖୋଲାନ ଗ୍ରାମ ରେ ନିର୍ମାଣ ହୋଇଥିବା ଅମୃତ ସରୋବର କାର୍ଯ୍ୟ ତଦାରଖ କରି ସରପଞ୍ଚ ସହିତ ଆଲୋଚନା କରିଥିଲେ ।କାର୍ଯ୍ୟ ରେ ସନ୍ତୋଷ ପ୍ରକାଶ ସହ ତୁରନ୍ତ କରିବା ପରାମର୍ଶ ଦେଇଥିଲେ । ପରେ ଶିକିର ଗ୍ରାମ କୁ ଯାଇ ସେଠାରେ ନିର୍ମିତ ଅମୃତ ସରୋବର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଅନୁଧାନ କରିଥିଲେ ସରୋବର ଚାରି ପାଖରେ ବୃକ୍ଷ ରୋପଣ କରିବା କୁ ପରାମର୍ଶ ଦେଇଥିଲେ ।

## ସ୍କୁଲକୁ ଯିବାପାଇଁ ରାସ୍ତା ନାହିଁ, ଛାତ୍ରଛାତ୍ରୀ ହଟ୍ଟହଟା

କେନ୍ଦ୍ରାପଡା,୯/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ଗ୍ରାମ ପଂଚାୟତରେ ଥିବା କଦଳିବାଡି ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଯିବାପାଇଁ ରାସ୍ତା ନଥିବାରୁ ଛାତ୍ରଛାତ୍ରୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରାୟ ୨୦ ବର୍ଷ ହେବ ସ୍କୁଲ ନିର୍ମାଣ ହେବା ଦିନଠାରୁ ପଢୁଥିବା ଛାତ୍ରଛାତ୍ରୀ ମାନେ ଜଣଙ୍କ ବ୍ୟକ୍ତିଗତ ଜମିରେ ସ୍କୁଲକୁ ଯିବା ଆସିବା କରୁଛନ୍ତି । ଏହା ସ୍କୁଲ ରାସ୍ତା ହୋଇ ନଥିବାରୁ ରାସ୍ତାର ମରାମତି ଓ ଉନ୍ନତି ବିଧାନ କରାଯାଇ ନଥିବାରୁ ପିଲାମାନେ ବର୍ଷାଦିନେ ଆଣ୍ଠୁଏ ପାଣିରେ ପଶି ଯିବା ଆସିବା କରୁଛନ୍ତି । ସ୍କୁଲକୁ ସରକାରୀ ରାସ୍ତା ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ସରପଂଚ ପ୍ରସନ୍ନ ରାଉତ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି

## ରଞ୍ଜିତ ହେଲେ କୋର ସମବାୟ ସମିତିର ସଭାପତି

କେନ୍ଦ୍ରାପଡା,୯/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋର ପଂଚାୟତରେ ଥିବା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଭାବେ ରଞ୍ଜିତ ପ୍ରସାଦ ଜେନା ନିର୍ବାଚିତ ହୋଇଛନ୍ତି । ଗୁରୁବାର ନିର୍ବାଚନରେ ଶ୍ରୀ ଜେନା ୮ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ବିରୋଧୀ ୭ ଖଣ୍ଡ ଭୋଟ ପାଇଥିଲେ । ନିର୍ବାଚନ ଅଧିକାରୀ ନିମାଇଁ ଚରଣ ପରିଡା ତାଙ୍କୁ ସଭାପତି ଭାବେ ଘୋଷଣା କରିବା ପରେ ସେ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡିଛି । ସମବାୟ ସମିତିର ସଂପାଦକ ନେତ୍ରାନନ୍ଦ ସାହୁ ଶ୍ରୀ ଜେନାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ସମୟରେ କୃଷ୍ଣଚନ୍ଦ୍ର ମଳିକ, ବାବାଜୀ ମଳିକ, ମଧୁସ୍ମିତା ନାୟକ, ପ୍ରଭାସ ବରାଳ, ମଳୟ ସାହୁ ପ୍ରମୁଖ ନିର୍ଦ୍ଦେଶକ ଉପସ୍ଥିତ ଥିଲେ ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୮୨**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ପୁରୀରେ ଥିବା ସମୟରେ ୧୯୩୪ ସାଲ ମେ ମାସରେ ମାସକର ଛୁଟି ନେଇ ସମ୍ବଲପୁର ଆସି ମୋର ଚତୁର୍ଥ କନ୍ୟା ନିରୁପମାର ଓ ଜ୍ୟେଷ୍ଠପୁତ୍ର ସତ୍ୟଗୋପାଳର ବିବାହ କ୍ରିୟା ସମ୍ପାଦନ କଲି । ସେତେବେଳେ ନିରୁପମାର ବୟସ ୧୪ବର୍ଷ ଓ ସତ୍ୟଗୋପାଳର ବୟସ ୧୯ ବର୍ଷ ମାତ୍ର ।

ନିରୁପମା ସକାଶେ ସ୍ଥିର ହୋଇଥିବା ବରପାତ୍ରର ବୟସ ମଧ ୧୯ବର୍ଷ । ସେ ଓ ସତ୍ୟଗୋପାଳ ଉଭୟେ ରେଭେନ୍‌ସା କଲେଜର ଛାତ୍ର । ଉଭୟ ବିବାହ ସାରଦା ଆଇନ୍ ଅନୁସାରେ ସମ୍ପନ୍ନ ହେଲା । ଏହା ଥିଲା ସମ୍ବଲପୁର ବ୍ରାହ୍ମଣ ସମାଜରେ ସାରଦା ଆଇନାନୁସାରେ ସର୍ବପ୍ରଥମ ବିବାହ ।

ଶ୍ରୀପଞ୍ଚମୀ ଦିନ ସତ୍ୟବାଦୀ ସ୍କୁଲରେ ଅନୁଷ୍ଠିତ ସରସ୍ୱତୀ ପୂଜାକୁ ଛାତ୍ରମାନଙ୍କଠାରୁ ନିମନ୍ତ୍ରଣ ପାଇଥିଲି । ସେଠାରୁ ଶ୍ରୀରାମଚନ୍ଦ୍ରପୁର ଶାସନକୁ ମୋର ଜଣକେତେ ବନ୍ଧୁଙ୍କୁ ଦେଖିବାକୁ ମଧ ଯାଇଥିଲି । ୧୯୦୪ ମସିହାରେ ପୁରୀ ବ୍ରାହ୍ମଣ ସମିତି ବୋଡିଂରେ ରହିଥିବା ସମୟରୁ ଏହି ବନ୍ଧୁମାନଙ୍କ ସହିତ ଘନିଷ୍ଠତା ଅକ୍ଷୁଣ୍ଣ ହୋଇ ରହିଥିଲା ଓ ପୁରୀକୁ ଆସିବା ଦିନରୁ ସେହି ବନ୍ଧୁତ୍ୱ ପୁନଃଜାଗ୍ରତ ହୋଇଥିବା ଅନୁଭବ କରୁଥିଲି । ଦେଖିଲି, ସତ୍ୟବାଦୀ ସ୍କୁଲ ଆଉ ପୂର୍ବ ସ୍କୁଲ ହୋଇନାହିଁ । ଏହାର କଙ୍କାଳର ସୁଦ୍ଧା ଅସ୍ତିତ୍ୱ ଅନୁଭୂତ ହେଉନାହିଁ । ଗୋପବନ୍ଧୁ ଏହାକୁ ପୁନାର ଫର୍ଗଶନ କଲେଜର ଛାଞ୍ଚରେ ଗଢ଼ିବାକୁ ଯାଉଥିଲେ । ଗୋପାଳକୃଷ୍ଣ ଗୋଖଲେ ଓ ତାଙ୍କ ସହକର୍ମୀମାନଙ୍କ ତୁଲ୍ୟ ନୀଳକଣ୍ଠ, କୃପାସିନ୍ଧୁ, ଗୋଦାବରୀଶ, ହରିହର ପ୍ରଭୃତି ନିଃସ୍ୱାର୍ଥପରାୟଣ ଶିକ୍ଷକବୃନ୍ଦ ନାମମାତ୍ର ପାରିଶ୍ରମିକ ନେଇ ସ୍କୁଲର ଶିକ୍ଷକତା ଓ ପରିଚାଳନା ଭାର ଗ୍ରହଣ କରିଥିଲେ । ବିହାର ଓ ଓଡ଼ିଶାର ତଦାନୀନ୍ତନ ଲାଟ୍ ଗେଟ୍ ସାହେବଙ୍କ (Sir Edward Gait) ଠାରୁ ଆରମ୍ଭ କରି ଭାରତବର୍ଷର ବିଖ୍ୟାତ ଶିକ୍ଷାବିତ୍‌ଗଣ ଏହି ସ୍କୁଲ ପରିଦର୍ଶନ କରି ଉଚ୍ଚ ପ୍ରଶଂସାସୂଚକ ମନ୍ତବ୍ୟମାନ ପ୍ରକାଶ କରିଥିଲେ । ୧୯୧୭ ସାଲରେ ଗୋପବନ୍ଧୁ ବିହାର ଓ ଓଡ଼ିଶାରେ ବ୍ୟବସ୍ଥାପକ ସଭାର ସଦସ୍ୟପଦରେ ନିର୍ବାଚିତ ହୋଇ ଉକ୍ତ ସଭାରେ ପ୍ରସ୍ତାବ ଉପସ୍ଥାପିତ କରିଥିଲେ ଯେ, ସରକାର ବହୁ ବ୍ୟୟସାପେକ୍ଷା ସ୍କୁଲଗୃହମାନ ନିର୍ମାଣରେ ଯେଉଁ ଅଜସ୍ର ଅର୍ଥବ୍ୟୟ କରୁଅଛନ୍ତି ତାହା ପରିବର୍ତ୍ତରେ ଛାତ୍ରମାନଙ୍କ ଶିକ୍ଷାରେ ସାହାଯ୍ୟଦାନ, ପୁସ୍ତକକ୍ରିୟାଦିରେ ଅର୍ଥ ବିନିଯୋଗ କରି କେବଳ ଶୀତତାପରୁ ରକ୍ଷା ହେବାଭଳି ଗୃହନିର୍ମାଣ କରିବା ଓ ଯଥାସମ୍ଭବ ପୂର୍ବକାଳର ଗୁରୁକୂଳ ତୁଲ୍ୟ ମୁକ୍ତ ସ୍ଥାନରେ ଶିକ୍ଷାଳୟମାନ ସ୍ଥାପନ କରିବା ଉଚିତ । ଏହି ପ୍ରସ୍ତାବ ସର୍ବସମ୍ମତିକ୍ରମେ ବ୍ୟବସ୍ଥାପକ ସଭାରେ ଗୃହୀତ ହୋଇଥିଲା । ସତ୍ୟବାଦୀର ଛୁରୀଅନା କାନନ ମଧ୍ୟସ୍ଥ ଶିକ୍ଷାଳୟ ଦୂର ଦୂରାନ୍ତରୁ ଛାତ୍ରବୃନ୍ଦ ଆକର୍ଷଣ କରିବାକୁ ଲାଗିଲା । ଏହି ବିଦ୍ୟାଳୟର କୀର୍ତ୍ତି କ୍ରମେ କ୍ରମେ ଚତୁର୍ଦ୍ଦିଗରେ ବିସ୍ତୃତ ହେବାକୁ ଲାଗିଲା-

ସତ୍ୟବାଦୀ ସ୍କୁଲର ପୂର୍ବତନ ଛାତ୍ରମାନେ ଆଜି ସୁଦ୍ଧା ବିଶେଷତ୍ୱର ଦୃଷ୍ଟିରେ ଦୃଷ୍ଟି ଅଟନ୍ତି । ସେହି ସ୍କୁଲ ଆଉ ନାହିଁ । ପରବର୍ତ୍ତୀ ଭାରତବ୍ୟାପୀ ସ୍ୱାଧୀନତାମୂଳକ ଆନ୍ଦୋଳନରେ ଏହା ଜାତୀୟ ସ୍କୁଲରେ ପରିଣତ ହେଲା । ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରି ଶିକ୍ଷକ ଓ କର୍ମୀଗଣ କାରାରୁଦ୍ଧ ହେଲେ । ବିଦେଶୀୟ ସରକାରୀ ନୀତି ବଳରେ ସ୍କୁଲକୁ ଭାଙ୍ଗି ଦିଆଗଲା ଓ ତତ୍‌ପରିବର୍ତ୍ତରେ ସରକାରୀ ଛାଞ୍ଚରେ ବର୍ତ୍ତମାନ ସ୍କୁଲକୁ ରୂପ ଦିଆ ହୋଇଅଛି ।

ବ୍ରାହ୍ମଣ ଶାସନ ମଧ୍ୟରେ ବହୁବାର ମୁଁ ବୁଲି ଯାଇଅଛି । ବନ୍ଧୁମାନେ ଯାତ୍ରା, ପର୍ବ ଉପଲକ୍ଷରେ ମୋତେ ନିମନ୍ତ୍ରଣ କରନ୍ତି । ଥରେ ପଣ୍ଡିତ ଫକୀର ମିଶ୍ରଙ୍କ ନିମନ୍ତ୍ରଣରେ ରୁକ୍ମିଣୀ-ବିବାହ ଉତ୍ସବ ଉପଲକ୍ଷେ ରାୟ ଚକ୍ରଧରପୁର ଶାସନକୁ ମୋ ପିଲାମାନଙ୍କୁ ନେଇ ଯାଇଥିଲି । ଯାତ୍ରାର ଆଲୋକ ସମ୍ଭାର, ବହୁ ପ୍ରକାର ବାଣର ଗର୍ଜ୍ଜନ ଦେଖି ମୋ ପିଲାଦିନର ୧୯୦୪ ମସିହାରେ ପୁରୀ ବ୍ରାହ୍ମଣ ସମିତି ବୋଡିଂରେ ଅବସ୍ଥାନକାଳୀନ ଶ୍ରୀରାମଚନ୍ଦ୍ରପୁରରେ ଅନୁଷ୍ଠିତ ଶୀତଳ ଷଷ୍ଠୀ ଉତ୍ସବରେ ପ୍ରଥମ ଖଣ୍ଡି ଓ ଦ୍ୱିତୀୟ ଖଣ୍ଡି ମଧ୍ୟରେ ପ୍ରତିଯୋଗିତାମୂଳକ ହାବେଳିର ଗର୍ଜ୍ଜନ ସ୍ମୃତିପଥରେ ଆବିର୍ଭୂତ ହୋଇ ଯାଉଥାଏ । ଏହି ସମୟରେ ରାୟ ଚକ୍ରଧରପୁରର ବନ୍ଧୁମାନଙ୍କ ସହିତ ଭାର୍ଗବୀ ନଦୀରେ ସ୍ନାନ ସମୟରେ ଗୋଟିଏ କୌତୂହଳପୂର୍ଣ୍ଣ ଗଳ୍ପ ଶୁଣିଲେ । ବନ୍ୟାକ୍ଳିଷ୍ଟ ଅଞ୍ଚଳରେ ଭ୍ରମଣ କରୁ କରୁ ଦିନେ ବିହାର-ଓଡ଼ିଶା ସରକାରଙ୍କ ଚିଫ-ସେକ୍ରେଟାରୀ ହେମଣ୍ଡ ସାହେବ (E.L.L. Hammond, I.C.S.) ଭାର୍ଗବୀ କୂଳବର୍ତ୍ତୀ ଗୋଟିଏ ଶାସନର ଉପକଣ୍ଠରେ ଆସି ଉପସ୍ଥିତ ହେଲେ ଓ ନିକଟରେ ଜଣେ ବ୍ରାହ୍ମଣ ଯୁବକଙ୍କୁ ଦେଖି ସେହି ଗ୍ରାମର ନାମ ଓ ଗ୍ରାମବାସୀମାନେ କେଉଁ ଜାତୀୟ ବୋଲି ପ୍ରଶ୍ନ କଲେ । ଯୁବକ ଗ୍ରାମର ନାମ ସହିତ କହିଲେ ଯେ ଗ୍ରାମବାସୀ ପ୍ରାୟ ସମସ୍ତେ ଜାତିରେ ବାହ୍ମଣ । ସାହେବ 'ବ୍ରାହ୍ମଣ'ର ବ୍ୟାଖ୍ୟାନ କରି ଯୁବକଙ୍କୁ କହିଲେ 'ଓଃ'! ଯେଉଁମାନେ ଅନ୍ନ ଦ୍ରବ୍ୟରେ ପ୍ରତିପାଳିତ ।' ଯୁବକ ତାକୁ ବିଦ୍ରୂପ କଲା ତୁଲ୍ୟ କହିଲେ, 'ଆଜିକାଲି ୟୁରୋପୀୟମାନେ ଶ୍ରେଷ୍ଠ ବ୍ରାହ୍ମଣ । ଯେହେତୁ ସେମାନେ ସମଗ୍ର ପୃଥିବୀକୁ ଗ୍ରାସ କଲେଣି ।'

ପୁରୀରେ ଅବସ୍ଥାନ ମୋର କର୍ମମୟ ଜୀବନର ଅନୁକୂଳ ନୁହେଁ ବୋଲି ମୋର ମନେହେଲା । ଏହା ମୁଁ କ୍ରମେ କ୍ରମେ ଅନୁଭବ କଲି । ଜଗନ୍ନାଥଙ୍କ ବାରମାସକୁ ତେର ପର୍ବ । ଏହା ଉପରେ କେଉଁ ଦିନ ଠାକୁରଙ୍କ ସୁନାବେଶ, କେଉଁଦିନ ଗଜୋଦ୍ଧାରଣ ବେଶ, ଆଉ କେତେ । ଠାକୁରଙ୍କ ପହଡ଼, ଅବକାଶ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ, ଆଳତି, ମେଳା ତ ଲାଗିରହିଛି । ପଣ୍ଡାଙ୍କ ଗୁମାସ୍ତା ଆସି ପ୍ରତ୍ୟହ ଠାକୁରଙ୍କ ପାଦୁକ ସହିତ ଏ ସମସ୍ତର ଖବର ଦେଇ ଯାଉଛନ୍ତି । ଆଉ ଦେଖିବା ପାଇଁ ଆମ୍ଭେମାନେ ସମସ୍ତେ ଦେଉଳକୁ ଯାଉଅଛୁ । ଫଳରେ ପିଲାଙ୍କ ପଢ଼ାପଢ଼ି ଆଉ ହେଉନାହିଁ । କେବଳ ଠାକୁର ଦର୍ଶନରେ ଧର୍ମମୟ ଜୀବନ ପ୍ରତିଷ୍ଠା ସମ୍ବନ୍ଧରେ ମୋର ବିଶ୍ୱାସ ଅଳ୍ପ । କର୍ତ୍ତବ୍ୟନିଷ୍ଠା ଧର୍ମର ଏକ ବିଶିଷ୍ଟ ଅଙ୍ଗ । କର୍ତ୍ତବ୍ୟପାଳନରେ ଅବହେଳା ମହାପାପ ବୋଲି ମୁଁ ମନେକରେ । ଭଗବାନ ପରିବାରରେ ଯେଉଁ ସନ୍ତାନସନ୍ତତିଙ୍କୁ ଜନ୍ମ ଦେଇଅଛନ୍ତି ସେମାନଙ୍କ ଲାଳନପାଳନରେ ତ୍ରୁଟିକରି କେବଳ ପାରମ୍ପରିକ ଦେବ ପୂଜାରେ ସମୟ କ୍ଷେପଣ କଦାପି କର୍ତ୍ତବ୍ୟପାଳନର ଅଙ୍ଗୀଭୂତ ନୁହେଁ । ପିଲାଙ୍କୁ ଉପଯୁକ୍ତ ଶିକ୍ଷାଦେବାକୁ ହେବ । ଏହା ମୁଁ ହୃଦୟଙ୍ଗମ କରି ଝିଅମାନଙ୍କୁ ଉଚ୍ଚଶିକ୍ଷା ଦେଲେ ଗୁରୁତର ସାମାଜିକ ସମସ୍ୟାମାନ ସହଜରେ ସମାଧାନ ହେବା ସଙ୍ଗେ ସଙ୍ଗେ ଏମାନଙ୍କ ଜ୍ଞାନ ବିକାଶ ହେବ ଓ ଏମାନଙ୍କ ଜୀନନରେ କୌଣସି ପ୍ରକାର ଦୁର୍ଘଟଣା ବା ଅସୁବିଧାଜନକ ପରିସ୍ଥିତି ଉପସ୍ଥିତ ହେଲେ ଶିକ୍ଷାବଳରେ ନିଜ ଜୀବନକୁ ସୁଶୃଙ୍ଖଳ କରିପାରିବେ- ଏହି ଦୃଢ଼ବିଶ୍ୱାସର ବଶବର୍ତ୍ତୀ ହୋଇ ଏମାନଙ୍କୁ ଉଚ୍ଚଶିକ୍ଷା ଦେବାରେ ପ୍ରବୃତ୍ତ ହେଲି । ପୁରୀରେ ଇଂରେଜୀ ପଢ଼ାହେଉଥିବା ବାଳିକା ସ୍କୁଲ ସେହି ସମୟରେ ନଥିଲା । ବାଳକମାନଙ୍କ ସହିତ ବାଳିକାମାନଙ୍କ ସହଶିକ୍ଷାର ବ୍ୟବସ୍ଥା ସ୍କୁଲରେ ନଥିଲା । ସୁତରାଂ ଉଚ୍ଚ ଇଂରାଜୀ ଶିକ୍ଷାଦେବାକୁ ହେଲେ କଟକରେ ଯାଇ ରହିବାକୁ ହେବ । ସେଠାରେ ରେଭେନ୍ସା ବାଳିକା ସ୍କୁଲ ଏହା ସକାଶେ ଉପଯୁକ୍ତ ଅନୁଷ୍ଠାନ । ଗୋଟିଏ ସୁଯୋଗ ଆସି ଉପସ୍ଥିତ ହେଲା । ଡେପୁଟି କଲେକ୍ଟର ଶ୍ରୀ ଗୋପୀନାଥ ଦାଶଙ୍କ ଘର ପୁରୀରେ । ଏହି ସମୟରେ ସେ କଟକରେ ଅବସ୍ଥାପିତ ହୋଇ ରହିଥିଲେ । ତାଙ୍କ ଅବଶିଷ୍ଟ କାର୍ଯ୍ୟକାଳ ସ୍ୱଳ୍ପ ଥିବା କାରଣରେ ସେ ପୁରୀକୁ ବଦଳି ସକାଶେ ଦରଖାସ୍ତ କରିଥିଲେ ଓ କମିଶନର ପୁରୀରେ ଥିବା କୌଣସି ଡେପୁଟି କଲେକ୍ଟର କଟକକୁ ଆସିବାକୁ ଇଚ୍ଛୁକ ହେଲେ ତାଙ୍କୁ ପୁରୀକୁ ବଦଳି କରାଯାଇ ପାରିବ ବୋଲି ମତ ପ୍ରକାଶ କରି ପୁରୀ କଲେକ୍ଟରଙ୍କୁ ଲେଖିଥିଲେ । ମୁଁ ତ ଝିଅକୁ ପାଠ ପଢ଼ାଇବା ପ୍ରତିଜ୍ଞାରେ ପାଗଳ । ମୁଁ ଏଥିରେ ରାଜି ହେଲି ଓ ମୋତେ କଟକ ବଦଳି ହେବା ହୁକୁମ ହେଲା । (କ୍ରମଶଃ)

## ପର୍ଦ୍ଦା ପଛର କଥା

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।



ଭାଗ- ୫୬

### ॥ ସ୍ମାଇଲ୍ ପ୍ଲିଜ୍ ॥

ସ୍ମାଇଲ୍ ପ୍ଲିଜ୍ । ଏମିତି ଏକ ଶୀର୍ଷକ ଶୁଣିବା ମାତ୍ରେ ମୋର ଆଗ୍ରହ ବଢ଼ିଗଲା । ଶୀର୍ଷକରୁ ମନେହୁଏ ଏହା ଏକ ନିଛକ ପ୍ରେମ କାହାଣୀ । ମାତ୍ର କାହାଣୀଟି ଶୁଣିଲା ପରେ ମୋର ଧାରଣା ପରିବର୍ତ୍ତନ ହୋଇଯାଇଥିଲା । ପ୍ରେମ ତ ଥିଲା ନିଶ୍ଚୟ ହେଲେ ପ୍ରେମ ଅପେକ୍ଷା ଫ୍ୟାମିଲି ସେଣ୍ଟିମେଣ୍ଟ ପ୍ରଚୁର ଥିଲା । ନାୟକ ସବ୍ୟସାଚୀଙ୍କ ମନକୁ କାହାଣୀଟି ପାଇଯାଇଥିଲା ଓ ମତେ ନେଇ ନିର୍ଦ୍ଦେଶକ ମୂରଲିଧରନ୍‌ଙ୍କ ସାଥିରେ ମିଶାଇଲେ । ଏସ.କେ. ମୂରଲିଧରନ୍ ଓଲିଉଡ୍‌ରେ ପ୍ରଥମେ ପ୍ରବେଶ କରିଥିଲେ ଜଣେ କୋରିଓଗ୍ରାଫର ଭାବରେ । ବେଶ୍ ନାମ କମାଇଥିଲେ । ହେଲେ ନିର୍ଦ୍ଦେଶନା ଦେଇ ପ୍ରଥମ ଚଳଚ୍ଚିତ୍ରରୁ ଜଣେ ହିଟ୍ ନିର୍ଦ୍ଦେଶକ ଭାବରେ ମାନ୍ୟତା ପାଇଲେ ।

ନିର୍ଦ୍ଦିଷ୍ଟ ଦିନ ପ୍ରଦ୍ୟୁମ୍ନସରଙ୍କ ଘରେ ସୁଟିଂ ହେଲା । ନିର୍ଦ୍ଦେଶକ କାହାଣୀ କହିଲେ; କାହାଣୀଟି ଜଣେ ଫଟୋ ଗ୍ରାଫରର । ଜଣେ ବଦ୍‌ମିଜାଜୀ, ଅହଂକାରୀ ବ୍ୟକ୍ତିଙ୍କ ଘରକୁ ଫଟୋଗ୍ରାଫର ଯାଇଥାଏ ଗୋଟିଏ ଫଟୋ ଉଠାଇବା ପାଇଁ । ସେହି ବଦ୍‌ମିଜାଜୀ ବ୍ୟକ୍ତି ନିଜର ବୃଥା ଅଭିମାନ ପାଇଁ ଦୁଇପୁତ୍ର ଦୁଇ କନ୍ୟାଙ୍କୁ ଦୂରେଇ ନିଃସଙ୍ଗ ଜୀବନଯାପନ କରୁଥାନ୍ତି । ନିଜ ସାନଝିଅ ଇଚ୍ଛା ବିରୁଦ୍ଧରେ ବିବାହ କରିବା ଓ ଏହାକୁ ସ୍ୱୀକାର ନ କରିବା ଫଳରେ ସବୁ ସନ୍ତାନ ସେଇ ବୃଦ୍ଧଙ୍କଠାରୁ ଦୂରେଇ ଯା'ନ୍ତି । ବୃଦ୍ଧଙ୍କ ମୁହଁରୁ ହସ ଲିଭିଯାଏ । ନାୟକ (ଫଟୋଗ୍ରାଫର) ବୃଦ୍ଧଙ୍କର ନିଟକତର ହୁଏ ଓ ମନେମନେ ପ୍ରତିଜ୍ଞା କରେ ବୃଦ୍ଧଙ୍କ ମୁହଁରେ ପୁଣି ହସ ଫେରାଇ ଆଣିବ । ସମଗ୍ର ପରିବାରଟିକୁ ଏକାଠି କରିବ ଓ ଆଉଥରେ ସେ ଘରକୁ ଖୁସି ଫେରି ଆସିବ । ନାୟକ ବୃଦ୍ଧଙ୍କର ସନ୍ତାନମାନଙ୍କର ଠିକଣା ସଂଗ୍ରହ କରେ ଓ ନାଟକ ସୃଷ୍ଟି କରି ସମସ୍ତଙ୍କର ବିଶ୍ୱାସ ଭାଜନ ହୁଏ । ଘଟଣା କ୍ରମରେ ନାୟିକା ସହ ଦେଖାହୁଏ ଓ ପ୍ରେମ ଗଭୀର ହୁଏ । ପରିବାର ଏକାଠି ହେବା ପୂର୍ବରୁ ନାୟକ ଜାଣେ ଯେ ତା' ପ୍ରେମିକାଟି ବୃଦ୍ଧଙ୍କର ନାତୁଣୀ । ବୃଦ୍ଧ ସେମାନଙ୍କ ପ୍ରେମକୁ କାଳେ ସ୍ୱୀକୃତି ନଦେବେ ଓ ପୁଣି ପରିବାରରେ ଅଶାନ୍ତି ସୃଷ୍ଟି ହେବ, ସମଗ୍ର ପରିବାରକୁ ଏକାଠି କରିବାର ସ୍ୱପ୍ନ ତା'ର ଅଧୁରା ରହିଯିବ, ଏଇଆ ଚିନ୍ତା କରି ନାୟକ ତା' ପ୍ରେମିକାଠାରୁ ଦୂରେଇ ଯାଏ । ଅଥଚ ପ୍ରେମିକାଟି ଏସବୁ ଜାଣି ନଥାଏ ।

ନିର୍ଦ୍ଦିଷ୍ଟ ସମୟରେ ବୃଦ୍ଧଙ୍କ ଘରେ ପୁଣି ସନ୍ତାନମାନେ ଏକାଠି ହୋଇଛନ୍ତି । ପୁରା ପରିବାରର ଫଟୋ ନେବାପାଇଁ ନାୟକକୁ ନିମନ୍ତ୍ରଣ କରାଯାଇଛି । ନାୟିକା ନାୟକକୁ ଦେଖି ପଚାରୁଛି କାହିଁକି ଏତେଦିନ ଦୂରେଇ ରହିଛି ବୋଲି । ନାୟକ ସବୁକଥା କହୁଛି । ବୃଦ୍ଧ ଏମାନଙ୍କର କଥୋପକଥନ ଶୁଣୁଛନ୍ତି ଓ କ୍ଲାଇମାକ୍ସରେ ଏ ଦୁଇଜଣଙ୍କୁ ଏକାଠି କରୁଛନ୍ତି ।

କାହାଣୀଟି ଏକ କାନାଡ଼ା ଚଳଚ୍ଚିତ୍ରରୁ ଗ୍ରହଣ କରାଯାଇଥିଲା । ଚମତ୍କାର ସ୍କ୍ରିନ୍ ପ୍ଲେ । ନିର୍ଦ୍ଦେଶକ ମୂରଲିଧରନ୍ ନୂଆକରି ସ୍କ୍ରିନ୍ ପ୍ଲେ କରୁଥାନ୍ତି ଓ ମୁଁ ସଂଳାପ ଲେଖୁଥାଏ । ସ୍କ୍ରିପ୍ଟ ସରିବା ପୂର୍ବରୁ ପ୍ରଯୋଜକ ଓହରିଗଲେ । ସବ୍ୟସାଚୀ ପୁଣି ଜଣେ ପ୍ରଯୋଜକଙ୍କୁ ଆଣିଲେ । ସେ ମଧ ଓହରିଗଲେ ପ୍ରୋଜେକ୍ଟରୁ । ଏଡ଼େ ସୁନ୍ଦର କାହାଣୀଟି ଚଳଚ୍ଚିତ୍ରରେ ରୂପାନ୍ତରିତ ହୋଇପାରିବ ନାହିଁ ବୋଲି ଆମେ ଧରିନେଲୁ ।

ଏହିପରି ଭାବରେ ଅନ୍ୟ ଦୁଇଜଣ ପ୍ରଯୋଜକ ମଧ ବିଭିନ୍ନ କାରଣରୁ ଓହରିଗଲେ । ଆମେ କିନ୍ତୁ ସଂକଳ୍ପ ନେଇଥିଲୁ କାହାଣୀଟିକୁ ଯେପରି ହେଲେ ଚଳଚ୍ଚିତ୍ରରେ ରୂପାନ୍ତରିତ କରିବୁ । ମୁଁ ମଧ ସମସ୍ତ ସତର୍କତାର ସହ ସଂଳାପ ଲେଖିଥାଏ ।

ପ୍ରଯୋଜକ ସୀତାରାମ୍ ଅଗ୍ରୱାଲ୍ କାହାଣୀ ଶୁଣି ଚଳଚ୍ଚିତ୍ର କରିବା ପାଇଁ ଆଗ୍ରହ ପ୍ରକାଶ କଲେ । କଟକସ୍ଥିତ ତାଙ୍କ ବାସଭବନ/ ଅଫିସ୍‌ରେ କାହାଣୀ ଆଲୋଚନା ଚାଲିଲା । ସୀତାରାମ ବାବୁ କିଛି ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେଲେ । ଅସୁବିଧା କିଛି ନଥିଲା । ମାତ୍ର ଗୋଟିଏ କଥାରେ ନିର୍ଦ୍ଦେଶକ ମୂରଲିଧରନ୍ ସୀତାରାମ ବାବୁଙ୍କ ସହ ଏକମତ ହୋଇ ପାରିଲେ ନାହିଁ । ପ୍ରଥମତଃ ସୀତାରାମ ବାବୁ ଚାହୁଁଥିଲେ ପ୍ରେମାନନ୍ଦ ମ୍ୟୁଜିକ କରନ୍ତୁ । ମାତ୍ର ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାରଙ୍କୁ କଥା ଦେଇଥିଲେ । ସୀତାରାମ ବାବୁ ରାଜି ହେଲେ ତେବେ ପ୍ରଶ୍ନ ଉଠିଲା ମୁଖ୍ୟ ବୃଦ୍ଧଙ୍କ ଭୂମିକାକୁ ନେଇ । ଆମେ ସବୁ ହର ପଟ୍ଟନାୟକଙ୍କୁ ନେବାପାଇଁ ମାନସିକ ସ୍ତରରେ ଗ୍ରହଣ କରିନେଇଥିଲୁ । ହର ପଟ୍ଟନାୟକଙ୍କ ସହ କଥାବାର୍ତ୍ତା ମଧ ସରିଥିଲା । ମାତ୍ର ସୀତାରାମ ବାବୁ ପ୍ରସ୍ତାବ ଦେଲେ ମିହିର ଦାସଙ୍କୁ ସେ ଭୂମିକାରେ ନେବାପାଇଁ । ନିର୍ଦ୍ଦେଶକ ରାଜି ହେଲେନି । ଇଗୋର କଥାଟି ସୃଷ୍ଟି ହେଲା ଓ ପ୍ରୋଜେକ୍ଟଟି ସେଇଠି ରହିଲା । ଛବିଶଟି ସିନ୍ ମୋର ସୀତାବାବୁଙ୍କ ପାଖରେ ରହିଲା ।

ପରିଶେଷରେ ପ୍ରଯୋଜକ ରବିନ୍ ନନ୍ଦ ଓ ରାଜେଶ ପାଢ଼ୀ ପ୍ରୋଜେକ୍ଟଟିକୁ ହାତକୁ ନେଲେ । ସବ୍ୟସାଚୀ, ଅର୍ଚ୍ଚିତା, ମିହିର ଦାସ, ସଲିଲ୍ ମିତ୍ର ପ୍ରମୁଖ ଅଭିନୟରେ ରହିଲେ । ମୁଁ ନିଜେ ମଧ ଏକ ଛୋଟ ଭୂମିକାରେ ଅଭିନୟ କରିଥିଲି । ହର ପଟ୍ଟନାୟକଙ୍କ ସ୍ଥାନରେ ମିହିର ଦାସ ଅଭିନୟ କରିବା ବୋଧହୁଏ ଈଶ୍ୱରଙ୍କ ନିର୍ଦ୍ଦେଶ ଥିଲା । ସୁଟିଂଟି ବ୍ୟୟ ବହୁଳ ହୋଇଥିଲେ ହେଁ ଦର୍ଶକୀୟ ଅଦୃତି ଲାଭ କରିଥିଲା । ତେବେ ମୋ ଆଗୋଚରରେ କିଛି ଦୃଶ୍ୟକୁ ନିର୍ଦ୍ଦେଶକ ବଦଳାଇ ଦେଇଥିଲେ । ଯାହାକି ମତେ ଅସନ୍ତୁଷ୍ଟ କରିଥିଲା । ମୋ ସଂଳାପକୁ ଦର୍ଶକ ଗ୍ରହଣ କରିଥିଲେ । ସେ ବର୍ଷ ତରଙ୍ଗ ସିନେ ଆୱାର୍ଡରେ ମତେ 'ସ୍ମାଇଲ ପ୍ଲିଜ୍' ପାଇଁ ଶ୍ରେଷ୍ଠ ସଂଳାପ ପାଇଁ ସମ୍ମାନିତ କରାଯାଇଥିଲା । ମୋ କ୍ୟାରିଅରର ଅନେକ ସଫଳ ଚଳଚ୍ଚିତ୍ର ମଧ୍ୟରୁ ଏ ଚଳଚ୍ଚିତ୍ରଟି ଅନ୍ୟତମ ବୋଲି ମୁଁ ସ୍ୱୀକାର କରେ । ଚଳଚ୍ଚିତ୍ରଟି ୨୦୧୪ ମସିହା, ମାର୍ଚ୍ଚ ୧୪ ତାରିଖରେ ପ୍ରେକ୍ଷାଳୟକୁ ଆସିଥିଲା । (କ୍ରମଶଃ)

## କବିତା .....

### ॥ ବିଷବିନ୍ଦୁ ॥

**କିଶୋର ପାଣିଗ୍ରାହୀ**



ହଁ, ହଁ, ସମସ୍ତେ ଜାଣିଲେ
ତୁମେ ପବନକୁ ନଗାପଘା ଦେଲ,
ତା' ଅବାଧ ଭ୍ରମଣର ସ୍ୱାଧିନତାକୁ ବି
ହାସଲ କରିଲ,
ଡେଇଁଲ ସାତ କାମୁଡ଼ାର ବାଡ଼,
ଚାରିଦଉଡ଼ିର ଗଣ୍ଠି କାଟିଦେଲ ।
ସମସ୍ତେ ଅବାକ୍ ହେଲେ,
ଇତିହାସର ଶେଷ ଧାଡ଼ି ବାକି ରଖାଗଲା
ବାକି ଅଛି ବୋଲି ଆଉ କିଛି ବାହାଣିଆପଣ ।

ହେଲେ,
ତୁମେ ନିଜେ ପବନ ପରି
ଧାରେ ନିଃଶ୍ୱାସ ହେଲ କି କାହାରି ?
ବରଂ ତୁମ ନିଃଶ୍ୱାସ ପାଲଟିଗଲା
ପବନଠୁ ଓଲିଆ ଆହୁରି,
ସବାଖିଆ ନିଆଁଠାରୁ ଭୋକିଲା ଆହୁରି ।

ନିଆଁକୁ ମାଖିଲ କପାଳରେ,
ଖୋସିଲ ଅଂଟିରେ,
ରଖିଲ ତଂଟିରେ, ହାତ ପାପୁଲିରେ;
ମନ୍ତୁରେଇ, ସୁତୁରେଇ
ସୁଲୁକେଇ ଦେଲ ଫୁଙ୍କରେ

ବିଶ୍ୱାସର ଦରଆଉଜା ଦରଜା ଫାଙ୍କରେ,
ଦେଖ, ଦେଖ,
ଭାବ-ବୈକୁଣ୍ଠର ମଥାନ କୁହୁଳେ ।
ରଡ଼ ନିଆଁଠାରୁ ଆହୁରି ରଗଡ଼ ତୁମ ଭୋକରେ !
ପବନ ଲଂଜରେ ନିଆଁ ଖଂଜିଲ ଯେ,
ପୋଡ଼ି ପାରିଲ କି
ପାପରୁ ଟିକିଏ,
ପ୍ରମାଦ କି କୋଟିକୋଟି ଦୁଃଖରୁ ଗୋଟିଏ
ବୁହାଇ ପାରିଲ କି
ବୁଢ଼ୀ ପୃଥିବୀର ଶିଥିଳ ଶିରାରେ
ଉଷ୍ମତାର ସରୁ ଧାରଟିଏ ?

ମାଟିର ଛାତିକୁ କଲ ପରୀକ୍ଷାଗାର
ବଜ୍ର, ବିଜୁଳିର;
ତା'ର ଜରାୟୁରେ ବିଷ-ବିନ୍ଦୁ ଦେଇ
ମରଦପଣର ପ୍ରମାଣ ମାଗିଲ ।

ନା ନିଜେ ମାଟି ହେଲ,
ଛାତି ଫଟେଇ ମୁକୁଳେଇ ପାରିଲ
ଗୋଟେ ହେଲେ ବୀଜପତ୍ର,
କିଛି ଶ୍ୟାମଳ ଉଲ୍ଲାସ ଉଧେଇ ପାରିଲ ?

ନା ଗଛଟିଏ ହେଇ
ଅଣେଇ ରଖିଲ ଭରସାର ଡାଳ, ଫଳ,
ବିଛେଇ ପାରିଲ ଆଶ୍ୱାସ,
ଉଶ୍ୱାସର ଛାଇ-କୋଳ !

ନଖକୋଣର ବୁନ୍ଦାଏ ଜଳକୁ ବି
ସମ୍ଭାଳିବାକୁ ହୁଏ ମୁଣ୍ଡ ପାତି,
ଜଂଘ କାଟି ଝରାଇବାକୁ ପଡ଼େ
କରୁଣାର ଧାର ।

କେମିତି
ପାହାଡ଼ ପାହାଡ଼ ଉଦାସୀନତାର ଛାତି ଖୋଲି
ଢେଉ ହେଇ ମୁକୁଳି ଆସେ
ଜୀବନ ବାଂଟିବାର ପ୍ରତିଶ୍ରୁତି
ତୁମେ ବୁଝି ପାରିଲ କି ?
ବରଂ ବୁନ୍ଦାଏ ଅହଂକାରରେ
ସମୁଦ୍ରେ ଅମୃତ ବିଷ କରିଦେଲ !

ବିରୁହାଁ, ଜାହାଙ୍ଗୀର, ଭଦ୍ରକ
ମୋ: ୭୦୦୮୧୧୭୯୬୪

### ॥ କେହି ଯଦି ଖରାପ କୁହେ ॥

**ଜୟନ୍ତୀ ବିଶ୍ୱାଳ ବେହୁରିଆ**



ତୁମକୁ ଯଦି କେହି
ଖରାପ ବୋଲି କୁହେ
ବଦନାମ କରିବାକୁ
କରେ ଆପ୍ରାଣ ପ୍ରଚେଷ୍ଟା
ନିର୍ଭୟରେ କୁହ, ହଁ ମୁଁ ଖରାପ ଝିଅ ।

ତୁମେ ଯଦି ଏତେ ଭଲ ଲୋକ
ଖରାପ ପଙ୍କରେ କିଆଁ ଗେଞ୍ଜୁଛ ଆଙ୍ଗୁଳି ?
ଆଙ୍ଗୁଳିରେ ଲାଗିଲେ କାଦୁଅ
ଖରାପ ହେବନିକି ତୁମ କାଚପରି ଦେହ ?

ମୁହଁରେ ତୁମର ଖରାପର ଚିହ୍ନ
ଲାଗେ ଯଦି ଥରେ
ଧୋଇ କି' ପାରିବ ଆଉ ପବିତ୍ର ଗଙ୍ଗାର ଜଳେ ?

କି ଲାଭ ପାଇବ ଅବା ଏତେ କଷ୍ଟ କରି ?

ତୁମେ କ'ଣ ଭାବୁଛ ଯେ ମୁଁ ଏଡ଼େ ଅମଣିଷ
କିଛି ବୋଲି କିଛି ହେଲେ ପାରେ ନାହିଁ ବୁଝି ?

ବୁଝେ ବୁଝେ/ ସବୁ ବୁଝେ
ଚୁଚୁନ୍ଦ୍ରା ପରି ତୁମ କୁତ୍ସିତ ଓ କଦାକାର ମନ
ଆବର୍ଜନା କୁଣ୍ଡରେ କେମିତି
ବୁଲି ବୁଲି ଅହରହ ମୁହଁ ମାରୁଥାଏ !!

+ କୃଷ୍ଣନଗର, ବାଲିଆ, ବାଲେଶ୍ୱର
ମୋ:୮୯୮୪୬୪୨୫୦୩

### ॥ କବିତା ଏବେ କ୍ୟାନ୍‌ସର ୱାର୍ଡରେ ॥

**ଡ. ରାଧାରଂଜନ ପଟ୍ଟନାୟକ**



କବିଟିଏ
କିଛି ଶବ୍ଦକୁ କଲମରୁ
ବାନ୍ତି କରିଦେଲେ
ଯେଉଁ କବିତାର ଜନ୍ମ ହୁଏ
ତାହାକୁ ବୋହି ନିଆଯାଏ
ଷ୍ଟ୍ରେଚର ଉପରେ
କେଉଁଏକ ସାହିତ୍ୟଘରର
ପରୀକ୍ଷାଗାରକୁ ।

କିଛି ଚିତ୍ରକଳ୍ପ
କିଛି ରୂପକଳ୍ପ
କିଛି ମିଥ୍
ଏବଂ ପୁଣି କିଛି
କଳ୍ପନାକୁ
କଇଁଚିରେ ବ୍ୟବଚ୍ଛେଦ କଲାପରେ
ଜଣାଯାଏ,

ମଧୁମେହ ରୋଗରେ ଆକ୍ରାନ୍ତ
କବିତା-ବନିତା-ଲତା ।

ଆଖିକୁ ଦିଶୁନଥିବା ଅଦୃଶ୍ୟ ଚିତ୍ରକଳ୍ପ
ଅବା ରୂପକଳ୍ପର କଳ୍ପବଟ ତଳେ
ବିଶ୍ୱାସର ବାଇଶି ପାହାଚରେ
ଅଙ୍କାଯାଇପାରେନା
ଜନ୍ମ ଓ ଜୀବନର
ଅଙ୍କାବଙ୍କା ରେଖାଚିତ୍ର ।

ଆଖିକୁ ଯଦି କରିଦିଅ କମାରଶାଳ
ଛାତିକୁ ଯଦି କରିଦିଅ
ମହାକାଳ ଫଳ
ପେଟକୁ ଯଦି କରିଦିଅ କଳାପଟା
ମନକୁ ଯଦି କରିଦିଅ ମାନସାଙ୍କ
ଦେହକୁ ଯଦି କରିଦିଅ
ଅମୁହାଁ ଦେଉଳ
ଭୋକକୁ ଯଦି କରିଦିଅ ଭାଗ୍ୟର ଭୂଗୋଳ

ତେବେ
କବିତାର ପ୍ରତିଟି ଶବ୍ଦରେ
ଚରିଯାଇପାରେ କ୍ୟାନ୍‌ସର୍
ଲୁଚିଯାଇପାରେ କବିତାର
ଭାବାର୍ଥ
ଏବଂ କ୍ୟାନ୍‌ସର୍‌ର କ୍ୟାବିନ୍‌ରେ
କବିତା ରହିଯାଇପାରେ
ଚିରକାଳ ।

ସଲ୍ଟରୋଡ, କାଦ୍ରାବାଦ, ସୁନହଟ,
ବାଲେଶ୍ୱର-୨
(ମୋ) ୯୪୩୮୨୯୦୦୭୨

### ॥ ସେଇ ଝିଅଟି ॥

**ଲାବଣ୍ୟ ନାୟକ**



ଗୋଟେ ବୋକୀ ଝିଅ
ଆକାଶେ ମିଛକୁ ସତବୋଲି ଭାବିବସେ,
ଯେତେସବୁ ଅପ୍ରେମର ଗପ ତାକୁ
ତାରକସି ସଜର ପ୍ରେମପରି ଦିଶେ,

ଘାସ ଉପରେ ବର୍ଷା ବିନ୍ଦୁକୁ
ମୋତି କରି ସଜାଏ,
ଗହୀର ପାଣିରେ ନଥାଇ ବି
କଥାର ଚାତୁରୀରେ ବାରମ୍ବାର ବୁଡିଯାଏ,
ଭୟରେ ହିଁ ନିର୍ଭୟ ରହେ,
ନିଆଁ ନଥାଇ ବି
ମହମ ତରଳି ହାତରେ ପଡେ
ଫୋଟକା ହୁଏ..!

ବରାଦିଆ ଲଙ୍କା ଲୁଣ ସୋଉଦା ପରିକା
କଥାର ଚାତୁରୀରେ
ବାଣ୍ଟିଚାଲେ ତେଜପତ୍ରର ବାସ୍ନା,
ମହକି ଉଠେ ଚାରିପାଖ,
ତା କୁହୁକ ଚାହାଁଣୀରେ,

କୁହୁଳି ନିଆଁ ଜୋର ଧରେ
ପୋଡିବାକୁ ଛାଡି
ଫେରେ ଦୂର ପରବାସ...!
ନିରୀହ ଝିଅ ଜଳୁଥାଏ ଧିମା ନିଆଁରେ
ପାଉଁଶ ହବାଆଗରୁ ଦେଖେ
ଯାବତ କ୍ଳାନ୍ତ ଯନ୍ତ୍ରଣା ସିକ୍ତ
କାନଭାସ୍‌ରେ କଳାଦାଗ,

ଚକ୍‌ଚାକ୍ ବିଜୁଳି ଦିଶେ ଦୂରନ୍ତ ନୀଳିମା ତଳୁ,
କାଳ ବୈଶାଖିକୁ ଖାତିର ନଥିବା
ମୁହୂର୍ତ୍ତ ମାନେ ଜଡ ପାଲଟୁଥାନ୍ତି
ଖୁବ ଏକାନ୍ତରେ,

ଦିନେ ବେଡି ପଡେ ପାଦରେ
ଅବିଶ୍ୱାସର ପବନ ବି ନଥାଏ
ରୁକ୍ଷ ନଜର
ଆତଙ୍କ ଭୟର
ଖାତିର ନଥାଏ କିଛି,
କିନ୍ତୁ ନୀରିହ ଝିଅ ବଳିପଡୁଥାଏ ପ୍ରତିଥର,
ଜାଣିନଥାଏ
ପଦ୍ମ ଘୁଂଚି ଘୁଂଚି ଚାଲେ
ତଣ୍ଟିଏ ପାଣିରେ
ପାଦ ପୋତିହୁଏ ପଙ୍କରେ
ଫେରିବାର ବାଟ ନଥାଏ,
ଖାଲିଯା, ନିଶ୍ୱାସ ଅଟକିବା ବାକି ଥାଏ,
ପଦ୍ମ କିନ୍ତୁ
ଘୁଂଚି ଘୁଂଚି ଚାଲୁଥାଏ
ଅଣଚାଷ ପବନ
ରୋକିବାକୁ/ଫେରିବାକୁ
ଆଖି ଖାଲି ଯାହା ଖୋଲାଥାଏ ।

ଦେବୀଦ୍ୱାର, ଯାଜପୁର

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୦ ଜୁଲାଇ, ୨୦୨୨

ପୃଷ୍ଠା ୪ ରବିବାର ଚିତ୍ରଣି ସାପ୍ତାହିକ କ୍ରୋଡ଼ପତ୍ର

## ପ୍ରେମରେ ପ୍ରେମରେ ଗୀତି ....(୫୫)



### ॥ ଆଉ ସବୁ ତୁମ ମିଛ ॥

କହିଥିଲି ଦେବି ଫୁଲର ସହର
ତୁମ ପାଇଁ ସଖୀ ଗଢ଼ି,
ରାଜଉଆସକୁ ତୁଚ୍ଛ କରି ତୁମେ
ମୋ' ପାଇଁ ଆସିଲ ଛାଡ଼ି ।

ସ୍ୱର୍ଗ ସୁଖ ତୁମ ଟୋପାଏ ସିନ୍ଦୂର
ଦୁଇ ପଟ ପାଣିକାଚ,
ମାଟି ଘର ମୋର ତୁମ ସ୍ୱର୍ଗପୁର
ଆଉ ସବୁ ତୁମ ମିଛ
ଛିଣ୍ଡା କନ୍ଥା ମୋର ତୁମରି ଆଦର
ସତେ ଅବା ପାଟଶାଢ଼ି ।

ହସିଛ ମୋ' ସାଥେ କାନ୍ଦିଛ ମୋ' ସାଥେ
ସୀମାହୀନ ତୁମ ଖୁସି,
ଥାଇ ଅଭାବରେ ଭାବରେ ତୁମର
ହଜିଛି ମୁଁ ବେଶିବେଶି,
ନିଃସ୍ୱ ଜାଣିବି ବିଶ୍ୱାସରେ ତୁମେ
ମୋ' ପ୍ରେମରେ ଗଲ ପଡ଼ି ।

■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧




## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୧୧)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ । ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...

■ ହେମେନ୍ଦ୍ର ମହାପାତ୍ର | ସଂପାଦକ : ରଂଗମଞ୍ଚ, ସୁନହଟ, ବାଲେଶ୍ୱର-୨ (ମୋ) ୯୮୬୧୩୫୦୯୫୧

### ॥ ଯୋଡ଼ି ମହୁରୀ ॥

ଇତି ମଧ୍ୟରେ ମୋର ବିବାହ ସରିଯାଇଥାଏ । ବିବାହ ପରେ ଭାବିଥିଲି ମୋ ଜୀବନର ମୋଡ଼ ବଦଳିଯିବ । ଜୀବନ ନାଟକରେ ବାସ୍ତବ ଅଭିନୟ କରିବାକୁ ପଡ଼ିବ, ଫଳରେ ରଂଗମଂଚରେ ଅଭିନୟର ସୁଯୋଗ ମିଳି ନପାରେ । କିନ୍ତୁ ଏ ଆଶଂକା ମୋର ବେଶିଦିନ ରହିଲାନି । ସହଧର୍ମିଣୀଙ୍କର ଅକୃତ୍ରିମ ସହଯୋଗ ମୋତେ ଅତ୍ୟଧିକ ଉତ୍ସାହିତ କଲା, ଫଳ ସ୍ୱରୂପ କିଛିଦିନ ଧରି ବିଶ୍ରାମ ଲଭିଥିବା କଲମ ମୋର ନୂତନ ଉତ୍ସାହ ଉଦ୍ଦୀପନା ନେଇ ଚେଇଁ ଉଠିଲା । ଜନ୍ମ ନେଲା ମୋର ବହୁ ଲୋକପ୍ରିୟ ନାଟକ 'ଯୋଡ଼ି ମହୁରୀ' ।

ସେତେବେଳର ସମାଜରେ 'ବେକାରୀ' ଓ 'ଯୌତୁକ' ଦୁଇଟି ସମସ୍ୟା ଅତି ଉତ୍କଟ ଥିଲା । ଏହି ଦୁଇଟି ମୁଖ୍ୟ ସମସ୍ୟାର ନଗ୍ନଚିତ୍ର 'ଯୋଡ଼ି ମହୁରୀ', ଏଥିରେ ମୋ ଜୀବନାନୁଭୂତିର ପ୍ରତିଫଳନ ମଧ୍ୟ ପ୍ରକାରାନ୍ତରେ ପ୍ରତିଫଳିତ । ପ୍ରାୟ ପ୍ରତିଟି ଜୀବନର ଯୌବନରେ 'ଯୋଡ଼ିମହୁରୀ' ଏକ ଅତ୍ୟାବଶକୀୟ ଆବଶ୍ୟକତା ଏବଂ ଯାହା ଅଭାବରେ ଜୀବନ ହୁଏ ବିପର୍ଯ୍ୟସ୍ତ ଅର୍ଥହୀନ । ଯୋଡ଼ି ମହୁରୀ ପାଇଁ ଯୁବଜୀବନ ମୃତ୍ୟୁକୁ ବି ଖାତିର କରେନି । ଏମିତି ଏକ ସ୍ୱପ୍ନମୟ ସତ୍ୟକୁ ଆଧାର କରି ଯୋଡ଼ିମହୁରୀକୁ ଲେଖିଥିଲି ଯାହା ମଂଚସ୍ଥ ହୋଇଥିଲା ୧୯୮୨ ମସିହା ମେ ୧୦ ଓ ୧୧ ତାରିଖ ସୁନହଟସ୍ଥ ସୁବର୍ଣ୍ଣେଶ୍ୱର ମନ୍ଦିର ମଂଚରେ ସେହି ବାସନ୍ତୀ କ୍ଲବ ଦ୍ୱାରା ।

ଏହାର କାହାଣୀ ଥିଲା ଯଦିଓ ଗତାନୁଗତିକ ତଥାପି ଗଠନ ପରିପାଟୀରେ କେତେବେଳେ କେମିତି ନୂତନତାର ସ୍ପର୍ଶ ଦେବାର ସୁଯୋଗ ସହଜରେ ହାତଛଡ଼ା କରି ନଥିଲା । ଏହାର ଚରିତ୍ରମାନେ ଯଦିଓ ସାମାଜିକ ଥିଲେ ତଥାପି ତା' ଭିତରେ 'ସମାଜ', 'ଯୌତୁକ', 'ବେକାର' ଆଦି ପ୍ରତୀକାତ୍ମକ ଚରିତ୍ର ସଂଯୋଜିତ କରାଇ ନାଟକକୁ ଅଧିକ ତଥା ପ୍ରଭାବଶାଳୀ କରିବାର ପ୍ରଚେଷ୍ଟ କରିଥିଲି । ଏହା ମଂଚ ପରିପାଟୀ ମଧ୍ୟ ଥିଲା ଗତାନୁଗତିକ । ତତ୍କାଳୀନ ନାଟକର ମଂଚସଜ୍ଜାଠାରୁ କିଛି ଭିନ୍ନ ନଥିଲା । ଏହା ଥିଲା ଏକ multiscene stageର ନାଟକ । ଗୋଟିଏ ମଂଚରେ ନଇ, ନଈରେ ମଣିଷ ବସିଥିବା ନୌକା, ଶ୍ମଶାନରେ ଯୁଇ ଜଳିବା, ଦରଭଂଗା ପକ୍କା ଘର, ଗ୍ରାମପଥ, ରାଜପଥ ଆଦି କଭର ସିନ ସମ୍ବଳିତ ନାଟକ । ନାଟକର ଅବଧି ସାଧାରଣ ନାଟକ ଭଳି ଚାରିଘଣ୍ଟା । ସେତେବେଳର ଯୋଉ ପାରମ୍ପାରିକ ନାଟକମାନ ଲେଖା ଯାଉଥିଲା ଅବିକଳ ସେହି ଢଂଗରେ ନାଟକଟିକୁ ଲେଖିଥିଲି । ନୃତ୍ୟ, ଗୀତ ଓ ସଂଗୀତ ମଧ୍ୟ ଥିଲା ପାରଂପାରିକ । ପାରଂପାରିକ ଦ୍ୱନ୍ଦ୍ୱ ସଂଘର୍ଷ, ଶୃଙ୍ଗାର, କାରୁଣ୍ୟ ଆଦି ଯାବତୀୟ ଦର୍ଶକୀୟ ଆବଶ୍ୟକତାରୁ କାହାଣୀରେ ଏକ ଦମ୍‌ଦାର ସାମାଜିକ ନାଟକ ଥିଲା 'ଯୋଡ଼ି ମହୁରୀ' । ଏବେ ଆସନ୍ତୁ ଜାଣିବା ଯୋଡ଼ିମହୁରୀର କାହାଣୀ ସଂପର୍କରେ । ସାଧାରଣତଃ ନାଟକର କାହାଣୀଟି ଚରିତ୍ରମାନଙ୍କ ଉପରେ ନିର୍ଭରଶୀଳ ।

କାହଣୀ: ମୁଖ୍ୟ କାହାଣୀଟି ଗଢ଼ି ଉଠିଛି ମୁଖ୍ୟତଃ ଦୁଇଟି ପରିବାର ମଧ୍ୟରେ ଥିବା ନୀତିଗତ ତଥା ପାର୍ଥକ୍ୟକୁ କେନ୍ଦ୍ରକରି । ସୋମନାଥ ଓ ଯୋଗେଶ ଦୁଇ ବୃତ୍ତିଗତ ବଂଧୁ । ଉଭୟେ ଅବସରପ୍ରାପ୍ତ ପୋଲିସ ଏ.ଏସ.ଆଇ । ସୋମନାଥ ଜଣେ ସଚ୍ଚୋଟ, କର୍ତ୍ତବ୍ୟନିଷ୍ଠ ତଥା ପରୋପକାରୀ ମଣିଷ । କିନ୍ତୁ ଯୋଗେଶ ଠିକ୍ ସୋମନାଥ ଚରିତ୍ରର ବିପରୀତ । ତଥାପି ସୋମନାଥଙ୍କ ପ୍ରମୋସନ ହୁଏନାହିଁ, କିନ୍ତୁ ଯୋଗେଶ ପ୍ରମୋସନ ପାଆନ୍ତି । ଦୁର୍ନୀତିର ଆଶ୍ରୟ ନେଇ ଯୋଗେଶ ବନିଯା'ନ୍ତି ଲକ୍ଷପତି ଅଥଚ ସଚ୍ଚୋଟ ସୋମନାଥ ସତ୍‌ପଥରେ ଚାଲି ହୋଇଯା'ନ୍ତି କପର୍ଦ୍ଦକ ଶୂନ୍ୟ । କିନ୍ତୁ ଘଟଣାକ୍ରମରେ ପଡ଼ି ସୋମନାଥଙ୍କ ବଡ଼ଝିଅକୁ ବାହା ହୁଅନ୍ତି ଯୋଗେଶଙ୍କର ବଡ଼ପୁଅ ସୁରେଶ ଏବଂ ସୋମନାଥଙ୍କ ସାନଝିଅ ଲତାକୁ ଭଲ ପାଆନ୍ତି ଯୋଗେଶଙ୍କ ସାନପୁଅ ସୁବୋଧ । ସୋମନାଥଙ୍କ ଏକମାତ୍ର ପୁତ୍ର ଶିଶିର ଉଚ୍ଚ ଶିକ୍ଷିତ କିନ୍ତୁ ବେକାର । ଚାକିରୀ ଅନ୍ୱେଷଣରେ ମରୀଚିକା ପଛରେ ଦୌଡ଼ି ଦୌଡ଼ି ଥକି ପଡୁଥାଏ । ବଡ଼ ଝିଅର ଅବଶିଷ୍ଟ ଯୌତୁକ ଭାର ବେଭାର ଦେଇ ନପାରି ସାନଝିଅର ବିବାହ କରି ନପାରି ପୁଅ ପାଇଁ ଚାକିରୀଟେ ଯୋଗାଡ଼ କରିନପାରି ବିଶେଷତଃ ପରିବାର ପାଇଁ ମୁଠାଏ ଚାଉଳ ସଂଗ୍ରହ କରି ନପାରି ସୋମନାଥ ଶେଷରେ ସହରରେ ଭିକ୍ଷା କରନ୍ତି । ଏଣେ କାହାଣୀକୁ ଅଧିକ ତୀବ୍ର ଓ ଗତିଶୀଳ କରିବା ପାଇଁ ଗାଁ ଟାଉଟର ରଘୁମିଶ୍ର ଯୁବ ଶିଳ୍ପପତି ଇନ୍ଦ୍ରଜିତ ସହ ମିଶି ଲତାର ଯୌବନ ଉପରେ ଅଶୁଭ ଦୃଷ୍ଟି ସୃଷ୍ଟି କରନ୍ତି । ଅନେକ ମନଗଢ଼ା ଉପ କାହାଣୀ, ସୋମନାଥଙ୍କ ପରିବାର ଉପରେ ଯେମିତିକି ଦୈବ ଚଡ଼କ ପଡ଼େ । ପରିବାରଟି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼େ । ଶେଷରେ ଯୋଜନା କରି ସୋମନାଥଙ୍କ ବଡ଼ ଝିଅଙ୍କୁ ଯୌତୁକ ଯୁଇରେ ପୋଡ଼ି ଦିଆଯାଏ । ସୋମନାଥଙ୍କୁ ମିଛ କେଶରେ ଆରେଷ୍ଟ କରାଯାଏ । ଶିଶିରଙ୍କୁ ଯୋଜନା କରି ଏକ୍ସିଡେଣ୍ଟ କରାଯାଏ । ତା'ର ଚିକିତ୍ସା ପାଇଁ କୋଡ଼ିଏ ହଜାର ଟଙ୍କା ଆବଶ୍ୟକ ପଡ଼େ । ବିଚରା ଲତା ଶେଷରେ ନିଜର ସର୍ବସ୍ୱ ଇନ୍ଦ୍ରଜିତ ହାତରେ ଟେକିଦେଇ ଟଙ୍କା ପାଏ । ସୋମନାଥ ନିଜର ସଚ୍ଚୋଟ ପଣିଆ ଯୋଗୁ ଜେଲରୁ ଖଲାସ ହୁଅନ୍ତି । ସାଂଗରେ ପୁଅ ପାଇଁ ପୋଲିସ ଚାକିରୀର ଚିଠିଧରି । ଆସି ଦେଖନ୍ତି ତ ପୁଅର ଗୋଟେ ଗୋଡ଼ କଟିଯାଇଥାଏ । ସୋମନାଥଙ୍କର ହୃଦ୍‌ଘାତ ହୁଏ । ଲତାକୁ ଭଲ ପାଉଥିବା ଯୋଗେଶଙ୍କ ସାନପୁଅ ସୁବୋଧ ଏମିତି ଘଟଣାରେ ଭାଂଗିପଡ଼ି ମଦ୍ୟପ ହୋଇଯାଆନ୍ତି । ଶେଷରେ ଲତା ଇନ୍ଦ୍ରଜିତର ପାପଗର୍ଭକୁ ନେଇ ନିନ୍ଦିତ ହୋଇ ନଈରେ ପଡ଼ିବାକୁ ଯାଏ । ସାକ୍ଷାତ ହୁଏ ସୁବୋଧ ସହିତ । ଦୁହେଁ ଯୁବ ଜୀବନର ପ୍ରତୀକ ଭାବରେ ବିଷ ପିଇ ନୌକାରେ ବସି ଭାସି ଯାଆନ୍ତି ଦୂରକୁ ବହୁ ଦୂରକୁ । ଏହି ମୁଖ୍ୟ କାହାଣୀ ସହିତ ତଦାନିନ୍ତନ ଗତିରେ ହାସ୍ୟରସ ପାଇଁ ଦୁଇଟି ଉପକାହାଣୀ ସଂଯୋଜିତ ହୋଇଥାଏ । ଶଂକରା ମହୁରୀ ଦୁଇଟି ଗ୍ରାମ୍ୟ ଚରିତ୍ର ମାଧ୍ୟମରେ କିଛି ହାସ୍ୟରସ ସୃଷ୍ଟି କରାଯାଇ ମୁଖ୍ୟ କାହାଣୀରେ ଥିବା କାରୁଣ୍ୟ ସ୍ଥିତି ସହିତ ବରାବର କରିବା ପାଇଁ ଚେଷ୍ଟା କରାଯାଇଛି । ସେହିପରି ଅମର ଯୁବ ହାସ୍ୟ କଳାକାର ଯୁବଜଗତକୁ ଆକୃଷ୍ଟ କରିବା ପାଇଁ ତା'ର ଅବଦାନ ବେଶ୍ ସମୁଚିତ ସାବ୍ୟସ୍ତ ହୋଇଥାଏ । (କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ଉଚ୍ଛଳ ଉପତ୍ୟକା

ଭାଗ-୧୪

ସୁକାନ୍ତି ନନ୍ଦ
♥ ଗୁଡ଼ିଆ ସାହି, ପୁରୀ-୭୫୨୦୦୧ ମୋ : ୮୩୩୯୦୦୨୬୫୮



ସତରେ ଗୋଳମାଳିଆ ଲାଗୁଛି...ଏ ସମୟ । ଭାଗ୍ୟ କି ଭଗବାନ... କାହା ଉପରେ ଆସ୍ଥା ରଖିହେଉନି । ଦୁଇଟି ପ୍ରିୟ ମଣିଷଙ୍କ ଛିନ୍‌ଛତ୍ର ପରିସ୍ଥିତିକୁ ଭାବିଲେ ଛିଃ ଲାଗୁଛି ଘର...ସଂସାର, ଭାଗ୍ୟ ଓ ଭବିଷ୍ୟତ । ଆତ୍ମ ବିଶ୍ୱାସ ତ ଧ୍ୱମେଇ ଗଲାଣି । ଭଗବତ୍ ବିଶ୍ୱାସ ଉପରେ ବି ଆଉ ଆସ୍ଥା ନାହିଁ । ଯାହା ଘଟିବ...ପୂର୍ବ ଭଳି ହିଁ ଘଟିବ । ଲୁହ ଭିଜା ଆଖି ଆଉ କୋହ ଭର୍ତ୍ତି ଛାତିରେ ସବୁ ଅଭାବବୋଧକୁ ଜାକି ନେଇ ଚୁପ୍‌ଚାପ୍ ରହିବାକୁ ପଡ଼ିବ ।

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଏତେ ସବୁ କାରଣ ତ ପୃଥିବୀ ଆରପଟରେ ଲୁଚି ରହିଥିବା ଭଳି ଲାଗୁଛି । କାହାର କେତେ ଶକ୍ତି ଅଛି ଯେ ଚୁର୍‌ଚୁର୍ କରିପାରିବ ପ୍ରତିବନ୍ଧକର ସେ ବିଶାଳ ପାଚେରୀକୁ ତ ସହସ୍ର ପରଦା ଆଢ଼େଇ ଆଙ୍ଗୁଠି ଦେଖେଇ ପାରିବ ରଂଗମଂଚର ଖଳନାୟକକୁ !

ଓଃ କି ଯନ୍ତ୍ରଣା... କି କଷ୍ଟ !

ଦୁର୍ଭାବନାର ନର୍କକୁ ଘାଣ୍ଟି ଘାଣ୍ଟି ଅଣନିଃଶ୍ୱାସୀ ହେଇଯାଉଛି ମୁଁ । ଯାହା ଚାହୁଁଛି ଦେଖି ପାରୁନି । ଯାହା ଖୋଜୁଛି ପାଇପାରୁନି । ଏଇତ ମୋ କଷ୍ଟ, ପୁଣି ଉଡ଼ି ଉଡ଼ି ଶୂନ୍ୟତା ମାପିଲାଭଳି ଗଭୀର ଦୁଃଖ । ଦୁଃଖୀତ, କ୍ଷତାକ୍ତ ପକ୍ଷୀର ଉପଚ଼ର ବୋଧହୁଏ ନାହିଁ । ସୁସ୍ଥ ସବଳ ହୋଇ ଦମ୍ଭିଲା ଦିଶିଲେ ସିନା ଅନ୍ୟମାନଙ୍କୁ ଅଜଣା ବ୍ୟାଧିରୁ ଆରୋଗ୍ୟ କରିପାରିବି ମୁଁ । ସେ ବ୍ୟାଧିର ଔଷଧ ତ ମତେ ଜଣା ନାହିଁ । ତେବେ କିଏ ବୁଝିପାରିବ ମୋ ମନକଥା, କିଏ ଖୋଲିପାରିବ ମୋ ହୃଦୟରେ ବନ୍ଦ ହେଇ ରହିଥିବା ଆଶଙ୍କାର ଦୁଆର !

ସେମିତି ସେଇ ପାହାଚରେ ପୂର୍ବଭଳି ବସି ରହିଲି ତ ଉଠିବାକୁ ମନମୋର ମାନିଲାନି । ଅପଙ୍ଗଭଳି ଜାକିଜୁକି ହେଇ ଚାରିଆଡକୁ ମୁଁ ଚାହୁଁଥିଲି । ଗହଳଚହଳ ମତେ ବିରକ୍ତ ଲାଗୁନଥିଲା । କିନ୍ତୁ ମୁଁ କାହା ଅପେକ୍ଷାରେ ଥିବାଭଳି ନିଜକୁ ନିଜେ ଅନୁଭବ କରୁଥିଲି ।

'ନାନୀ, ତମେ ଦେବୀ ମା'ଙ୍କୁ ଦର୍ଶନ କରିବାକୁ ଯିବନି କି ? ମୁଁ ତ ତମକୁ ମନ୍ଦିର ଭିତରେ ଅପେକ୍ଷା କରିଥିଲି । ହେଲେ ଏତେ ସମୟ ଧରି ଏଠି ବସି ରହିଛ ଯେ ? ଦେହ ଭଲ ଲାଗୁନି କି ? ଯଦି ଲାଗୁନି ଚାଲ ଘରକୁ ଫେରିଯିବା । ତବେ ବ୍ୟସ୍ତ ହୁଅନି, ଝୁମୁରୀ ଆଉ ଲୁଲାଙ୍କୁ ମୁଁ ଡାକି ଆଣୁଛି ।'

: ଆରେ ମୋର କିଛି ବି ହେଇନି । ତରବର ହେଇ ତୁ ପିଲାମାନଙ୍କୁ ଡାକିଆଣେନା । କେତେ ଖୁସୀରେ ମଜା ମନଉଛନ୍ତି ସେମାନେ । କାହାକୁ ପରୱା ନକରି ଖେଳୁଛନ୍ତି । ତାଙ୍କ ଖେଳ କୁଦକୁ ଭାଙ୍ଗିଦେବାଟା ଆମର ଉଚିତ ହେବନି ।

: ଠିକ୍ ଅଛି । ଖେଳାଖେଳି କରନ୍ତୁ ସେମାନେ । ହେଲେ ତମେ ଏତେ ଶୁଖିଲା ଶୁଖିଲା ଦିଶୁଛ ଯେ । କଣ ହେଲା, ଖରାରେ ଚାଲି ଆସିଲ ବୋଲି ମୁଣ୍ଡ ବିନ୍ଧିଲାକି ?

: ନାରେ, କିଛି ବି ମୋର ହେଇନି । ଅଯଥାରେ ତୁ ବ୍ୟସ୍ତ ହ'ନା । ପିଲାମାନେ ଖେଳୁଛନ୍ତି ତ ଖେଳନ୍ତୁ କିଛି ସମୟ, ହାଲିଆ ଲାଗିଲେ ବଳେ ଆସି ପହଞ୍ଚିଯିବେ ଏଠାକୁ । ତୁ ଛିଡ଼ା ହେଲୁ କାହିଁକି ଯେ, ବସି ପଡୁନୁ କିଛି ସମୟ । ରନ୍ଧାବଢ଼ାର କାମ ତ ସାରିଦେଇ ଆସିଛୁ, ଫେରିଲେ କେବଳ ଖାଇବା ବ୍ୟାପାର, ନା କଣ । ଘରକୁ ଗଲେ ମିଶିମାଶି ସବୁ କାମ ସାରିଦେବା । ଏଣୁ ଚୁପ୍‌ଚାପ୍ ମୋ ସାମ୍ନାରେ ବସିଯାଆ ।

ଆଦେଶ ଦେଲାଭଳି କଥାରେ ଉଁ କି ଚୁଁ ନକହି ମାନସୀ ବାଧ ପିଲାଟି ପରି ମୋ ସାମ୍ନାରେ ବସିପଡ଼ିଲା ।

କେଜାଣି କାହିଁକି ହଠାତ୍ ତା ଶାନ୍ତ ସରଳ ଗୋଲ୍‌ଗାଲ୍ ମୁହଁଟି ପିଉସୀ ମା'ଙ୍କ ପରି ଝଲସି ଉଠିଲା ମୋ ନଜରରେ । ସିଧାସଳଖ ତ କଣେଇକଣେଇ ମୁଁ ଯେତେଥର ଚାହିଁଲି ତାକୁ ଲାଗିଲା ସତେ ଯେମିତି ପିଇସୀ ମା' ଲୁହ ଭର୍ତ୍ତି ଆଖିରେ ମତେ ଚାହିଁଛନ୍ତି । କହିବେ କହିବେ ହୋଇ କିଛି କହିପାରୁନାହାନ୍ତି ।

ନିରବୀଗଲି ମୁଁ । ଭିତରେ ଭିତରେ ଥରିଲା ଭଳି ଅନୁମାନ କଲି । ଆନମନା ହେଇଯିବାପାଇଁ ଯେତେ ଚେଷ୍ଟା କଲି, ପାରିଲିନି । ବାରମ୍ବାର ମାନସୀ ଭିତରେ ତାଙ୍କ ମୁହଁ ଝଲସି ଉଠିଲା ମୋ ସାମନାରେ । ସତରେ କଣ ସେ କିଛି କହିବା ପାଇଁ ଚାହାଁନ୍ତି ମତେ । ହେଲେ କଣ କହିବେ ସେ ? ଲେଖା ସମ୍ପର୍କରେ ନୁହେଁ ତ ? ହେଇଥାଇପାରେ ଝିଅର ଯନ୍ତ୍ରଣା ଜର୍ଜରିତ ଜୀବନ ପାଇଁ ସେ ହନ୍ତସନ୍ତ ହେଉଥିବେ । କାନ୍ଦୁଥିବେ ତ ମୁଣ୍ଡ କଚାଡୁଥିବେ । ଅନୁନୟ ହେଉଥିବେ ବିଧାତା ସମ୍ମୁଖରେ - ଝିଅର ନୂଆ ଜୀବନ ପାଇଁ ।

ମାନସୀ ପୁଣି ଥରେ କହିଲା - ନାନୀ ଗୁଡ଼େ ସମୟ ହେଇଗଲାଣି । ଘରକୁ ଗଲେ ଖାଇବା ପିଇବାର ବ୍ୟବସ୍ଥା ହେବ । ଏଆଡ଼େ ଆସିବି ବୋଲି ଲେଖା ନାନୀଙ୍କ ଖାଇବା ସଜାଡ଼ିନି । ମା' ଜାଣିଲେ ନା, ଖୁବ୍ ବିରକ୍ତ ହେବେ । ତମେ ଯାଅ, ଦର୍ଶନ ସାରି ଆସିଲେ ଆମେ ଶୀଘ୍ର ଶୀଘ୍ର ଚାଲିଯିବା । ଆଜି ପୁଣି ତମ ଭାଇ ଟୁର୍ ସାରି ଆସୁଛନ୍ତି ବୋଲି ଜାଣିଛଟି !

: ଏଁ ଦେବା ଆଜି ଆସୁଛି..., ପିଲାଟା ଗୋଟାଏ ମାସ ଆମଠାରୁ ଦୂରେଇ ଯାଇଥିଲା । ଯା'ହେଉ ସେ ଆସିଲେ ଆଉ କିଛି ଦମ୍ଭ ଓ ସାହସ ଆମୋମାନେ ନିଜନିଜ ଭିତରେ ପାଇପାରିବା । ଅଖିଲ୍ ତ ଦେବାର ଫେରନ୍ତା ବାଟକୁ ଚାହିଁ ବସିଛନ୍ତି । ସେ ଯାହେଉ, ତତେ ମୋର ଅନେକ କିଛି ପଚାରିବାକୁ ଅଛି । ତୁ ଏଇଠି ବସିଥା । ମୁଁ ମା'ଙ୍କୁ ଫୁଲ ଚନ୍ଦନ ଚଢ଼େଇ ଆସୁଛି ।

: ହେଲେ କଣ ଏମିତି ମତେ ତମେ ପଚାରିବ ଯେ, କୋଉ ବିଷୟକୁ ନେଇ ?

: ଆରେ ବାବା, ତୁ ଡରିଯାଉଛୁ କାହିଁକି ? ତତେ ଭୟଭୀତ ହେବାକୁ ଦେବିନି ମୁଁ । ସେ ଦିଗରୁ ତୁ ନିଶ୍ଚିନ୍ତ ରହ ।

: ଠିକ୍ ଅଛି, ତମେ ଶୀଘ୍ର ଯାଇ ଚାଲିଆସ । ଆସିଲାବେଳେ ସେ ଦୁଷ୍ଟ ପିଲାଦି'ଟାଙ୍କୁ ସାଙ୍ଗରେ ନେଇଆସିବ ।

ମନ୍ଦିର ଭିତରକୁ ଯାଇ ଦେବୀ ମା'ଙ୍କୁ ପୂଜାଅର୍ଚ୍ଚନା କଲି । ବହେ କାନ୍ଦିଲି ତ ଗାଳିଦେଲି । ଭିକ୍ଷା ବି ମାଗିଲି ଲେଖାକୁ ଆଶିଷ ଓ ଆୟୁଷ ଦେବାପାଇଁ । ତାଙ୍କ ପାଖରେ ଏ ସବୁ ଦେବାଟା ତ ଅସମ୍ଭବ ନୁହେଁ । ଏଣୁ ସେ ଦେବେନି କାହିଁକି ? ମା' ତା ସନ୍ତାନମାନଙ୍କ ପାଇଁ ଯଦି ଏତିକି ନକରିବ...ତେବେ କରିବ କିଏ ? ଉଦାହରଣ ତ ଅଛି ଯମ ମୁହଁରୁ ମୃତ ସନ୍ତାନକୁ ମା' ଫେରେଇ ଆଣିଥିବାର ! ଏଣୁ ଆମ ପୂଜା ପ୍ରାର୍ଥନାର କଣ କିଛି ବି ମୂଲ୍ୟ ନାହିଁ ! ମା'ଙ୍କୁ କଣ ଆମେ ଦାବି କରିପାରିବୁନି...ଲେଖାର ପୂର୍ବ ଅବସ୍ଥା ଭଳି ପରିସ୍ଥିତିଟିଏ ଉପୁଜିବା ପାଇଁ !

ଅନେକ କାକୁତି ମିନତି କରି ଠାକୁରାଣୀଙ୍କ ପାଖରୁ ଫେରିଆସି ଦେଖେ ତ ମାନସୀ ବସିଛି, ହେଲେ ଭାରାକ୍ରାନ୍ତ ମନନେଇ । ବାଧ ହେଇ ବସିପଡ଼ିଲି ତା' ପାଖରେ । ଭିତରେଭିତରେ ଦବି ଯାଉଥିବା ସାହସକୁ ଶକ୍ତ କରି ପଚାରିଲି - ପିଇସୀ ମା'ଙ୍କ ଘର ଓ ତାଙ୍କ ପରିବାରର ବିପର୍ଯ୍ୟୟକୁ ନେଇ ତତେ କିଛି ପ୍ରଶ୍ନ ପଚାରିବି । ଆଶା କରିବି ତୁ ସଠିକ୍ ଜବାବ୍ ମତେ ଦେବୁ ବୋଲି । ମୋ ଭିତର ସଡ଼ିପଚି ଗଲାଣିରେ ! ଉଚିତ୍ ଉତ୍ତର ନପାଇଲେ ମୁଁ ବି ଶାନ୍ତିରେ ଚଳପ୍ରଚଳ ହେଇପାରିବିନି । ମାଟି ପିଣ୍ଡୁଳା ଭଳି ଗଡ଼ିବି ଏପାଖେ ସେପାଖେ । ତୁ ତ ଜାଣୁ ମା' ଓ ବାପା ଏ ସବୁ ପ୍ରଶ୍ନର ଉତ୍ତର କେବେହେଲେ ବି ବାହାରକୁ ଆଣିବେନି । ତୁ ମୋ ଉପରେ ବିଶ୍ୱାସ ରଖ । ମୁଁ ଯାହା ପଚାରିବି ପୁଣି ତୁ ଯାହା ଉତ୍ତର ଦେବୁ ସେ ସବୁ ଆମ ନିଜନିଜ ଭିତର ଗୁପ୍ତ ପେଡ଼ିରେ ଲୁଚି ରହିବ । ବାହାରର ଆଲୁଅ ଦେଖିବା ପାଇଁ ସେମାନଙ୍କୁ ମୁଁ କଦାପି ସୁଯୋଗ ଦେବିନି । ବୁଝିଲୁ ତ !

: ହେଲେ ଏମିତି କି ପ୍ରଶ୍ନ ତମେ ପଚାରିବ ଯେ ? ତମ ପରିବାରର ଏମିତି କେତେ ଦିନର ବୋହୂ ଯେ ମୁଁ, ପ୍ରତ୍ୟେକ କଥାକୁ ଜାଣିବି, ତ ଉତ୍ତର ଦେବାକୁ ସାହସ ରଖିବି ମନରେ !

: କେତେଦିନର ମାନେ ? ତୋ ଜାଣତରେ ତ ସୁଧୀର ସୁଦୀପ୍‌ଙ୍କ ଘର ପରିତ୍ୟାଗ, ପିଇସୀ ମା ଓ ପିଇସାଙ୍କ ଅକାଳ ମୃତ୍ୟୁ ପୁଣି ଲେଖାର ସର୍ବନାଶ ସମୟ - ଘଟି ଯାଇଛି, ସେ ସବୁକୁ ନେଇ ତୁ କିଛି ଜାଣିନୁ ବୋଲି କହୁଛୁ ଯେ ! ମତେ ଲାଗୁଛି ଏ ପର୍ଯ୍ୟନ୍ତ ବି ତୁ ମୋ ଉପରେ ଆସ୍ଥା ରଖିପାରିନୁ ।

: ନା...ନା, ସେମିତି କାହିଁକି କହୁଛ ନାନୀ...ତମକୁ ଅବିଶ୍ୱାସ କରିବି ପୁଣି, ମୁଁ !

: ତେବେ ଖୋଲି ଦେଉନୁ କାହିଁକି ତୋ ହୃଦୟକୁ । ଏଠି ତ ଉପସ୍ଥିତ ଅଛେ କେବଳ ଆମେ ଦୁହେଁ । ଏଣୁ ପରସ୍ପର ଯାହା କହିବା କି କରିବା ନିଜନିଜ ଭିତରେ ଆବଦ୍ଧ ରଖିବା । ଅନ୍ୟ କିଏ ଜାଣିଲେ ସିନା ଝଡ଼ର ଝଙ୍କାର ଭୟଭୀତ କରିବ । ନୀରବତାକୁ ସାଥୀ କଲେ କିଏ କାଇଁକି ଆଙ୍ଗୁଳି ଦେଖେଇବ ଆମ ଆଡ଼କୁ ! ତୁ ତ ଅନୁଭବ କରିପାରୁଥିବୁ...ଆମ ସାରାଟା ପରିବାର କିଭଳି ନର୍କ ଯନ୍ତ୍ରଣା ଭୋଗୁଛେ । ଚେଷ୍ଟା କରିବି କିଛି ସନ୍ତୋଷଜନକ ଫଳାଫଳ ହାତେଇ ପାରୁନେ । ସେଇଥିପାଇଁ ତ' ମୁଁ ବିଚଳିତ, ଆଗଭର ବି ସମାଧାନର ବାଟ ପାଇବାର ଆଶା ରଖି । ତେବେ ତୁ' କହ ସୁଧୀର ସୁଦୀପ ଘରଦ୍ୱାର ପରିବାର ଛାଡ଼ି କଣ୍ଟକମୟ ରାସ୍ତାକୁ ଆବୋରି ନେଲେ କାହିଁକି ?

: ମୁଁ ତ' ବେଶୀ କିଛି ଜାଣିନି । ହେଲେ ମା'କହୁଥିଲେ ସେ ଦି'ଜଣ ମୂଳରୁ ହିଁ ଭାରି ଦୁଷ୍ଟ ତ ଖୁବ୍ ଜିଦ୍‌ଖୋର ଥିଲେ । ଜାଆଁଳା ଭାଇ ଯେହେତୁ ସେମାନେ ଏକାପରି ଦିଶୁଥିଲେ । ଏକାଭଳି ବି ଥିଲା ସେମାନଙ୍କ କାର୍ଯ୍ୟକଳାପ ଓ ବ୍ୟବହାର, ଯାହା ପରିବାର ପାଇଁ ସୁଖପ୍ରଦ ନଥିଲା । ପିଇସା ସେମାନଙ୍କୁ ଆକଟ କରୁଥିଲେ । ପିଇସୀ ମା'ବି ପାଖରେ ବସେଇ ବୁଝଉଥିଲେ - ଅନ୍ୟସବୁ ପିଲାମାନଙ୍କର ଚାଲିଚଳଣ ଓ ବ୍ୟବହାରକୁ ଉଦାହରଣ ଦେଇ । ହେଲେ ସେମାନେ କିଛି ବୁଝୁନଥିଲେ କି ଶୁଣୁନଥିଲେ । ଲେଖା ନାନୀ ତ' ଥିଲେ ପାଠପଢ଼ାରେ କାହିଁ କେତେ ଶୀର୍ଷରେ । ତାଙ୍କ ଆକଟ ଉପଦେଶକୁ ବି ମାନୁନଥିଲେ ସେମାନେ । ଯାହିତାହି ଭାବେ ମାଟ୍ରିକ ପାଶ୍ କଲାପରେ ପଢ଼ାପଢ଼ି ବନ୍ଦ ହୋଇଗଲା ସେମାନଙ୍କର । ବହିପତ୍ରରେ ଡୋର ବାନ୍ଧି ବୁଲିଲେ ଏଣେତେଣେ । ବସ୍ତି ଅଞ୍ଚଳର ପିଲାଙ୍କ ସାଙ୍ଗରେ ମିଶି ମଦ ଗଞ୍ଜେଇ ଖାଇ ଗଡ଼ିଲେ ନାଳନର୍ଦ୍ଦମାରେ । ଡ୍ରଗ୍‌ସ ବେପାର କରି ପୋଲିସ୍ ହାତରେ ଧରାହେଲେ ଅନେକଥର । ତଥାପି ଘରଲୋକେ ଆଶା ଛାଡ଼ିନଥିଲେ ସେମାନଙ୍କ ଠାରୁ । ପିଇସୀ ମା' ତ ପୁଅମାନଙ୍କ ମଙ୍ଗଳ ପାଇଁ ସାରାଟା ସମୟ ପୂଜାଧୂଜାରେ କଟେଇ ଦେଉଥିଲେ । ଲେଖା ନାନୀ ବି ସେମାନଙ୍କ ପରିବର୍ତ୍ତନ ପାଇଁ କରୁଥିଲେ ଅନେକ କିଛି । ବହୁ ଚେଷ୍ଟା ପରେ...ପିଇସା ହାରିଯାଇ ନିଜ ଉପରୁ ବିଶ୍ୱାସ ତୁଟେଇଦେଲେ । କିନ୍ତୁ ତାଙ୍କ ସାଙ୍ଗସାଥୀଙ୍କ ଠାରୁ ବରାବର ପରାମର୍ଶ ନେଉଥିଲେ ପିଲା ଦି'ଟାଙ୍କୁ ସୁଧାରିବା ପାଇଁ । ହେଲେ ସମସ୍ତଙ୍କ ଆଶା ଆକାଂକ୍ଷା ଓ ମାନମର୍ଯ୍ୟାଦା ଉପରେ କାଦୁଅ ଛାଟି ସେ ଦୁହେଁ ନିଖୋଜ ହେଇଗଲେ ସହର ଛାଡ଼ି । ଅନେକ ଖୋଜାଖୋଜି ପରେ ଜଣାପଡ଼ିଲା - ବସ୍ତି ଝିଅ ଦି'ଟାଙ୍କ ସହିତ ସେମାନେ ଏବେ କାହିଁ କେତେଦୂରର ଅଜଣା ରାଜ୍ୟରେ ।

ମାନସୀର କୋହଭରା ଲମ୍ବା ବକ୍ତବ୍ୟ ଶୁଣି ମୁଁ ଥ' ହେଇଗଲି କିଛି ସମୟ ।

ଯଦିଓ ସୁଧୀର ଓ ସୁଦୀପ୍‌ଙ୍କୁ ଦାୟିତ୍ୱହୀନ ଆଉ ବିଶୃଙ୍ଖଳିତ ବୋଲି ମୁଁ ମୂଳରୁ ଜାଣିଥିଲି ହେଲେ ଏବେ ଯେ ସେ ଦୁହେଁ ସୃଷ୍ଟି ଛଡ଼ା ଭାବେ କାହିଁ କେତେତଳେ, ଶୁଣିଲା ପରେ ବଧୀର ପାଲଟିଗଲି । ଚୁପ୍‌ଚାପ୍ ବସି ପିଇସା ଓ ପିଉସୀ ମା'ଙ୍କୁ ନେଇ ଭାବିଲି କିଛି ସମୟ । ସତରେ କେତେକେତେ ଅସହଣି ସମୟକୁ ସହ୍ୟ କରିବା ପାଇଁ ବାଧ ହେଇଥିବେ ସେମାନେ ! ନିଜ ନିଆଁକୁ ଅଣ୍ଟିରେ ପୂରେଇ ଦିନଦିନ ଧରି ଭିତରେ ଭିତରେ ଜଳୁଥିବେ । ସଂକ୍ରାମକ ରୋଗ ଭଳି ସେ ବିଷାକ୍ତ ନିଆଁ କଣ ଲୁଚି ରହିପାରିଥିବ ! ଆସ୍ତେ ଆସ୍ତେ ଘର ବାହାର ପୁଣି ସାରା ପରିବେଶକୁ ପୋଡ଼ିଜାଳି ଖିନ୍‌ଭିନ୍ କରିଦେଇଥିବ । ସେ ନିଆଁ ଧାସରେ ଘାଇଲା ମଣିଷ ଦି'ଟା ପରସ୍ପର ପରସ୍ପରଙ୍କୁ ଅନେକ କେବଳ ଲୁହ ଝରଉଥିବେ ସିନା ! ଅବଶିଷ୍ଟ ସମୟ ପାଇଁ ଈଶ୍ୱରଙ୍କୁ ମାଗୁଥିବେ ଲେଖାର ଦୀର୍ଘ ଆୟୁଷ । ହେଲେ ସେଇ ଛୋଟ ଆଶା ଆକାଂକ୍ଷାରେ ବି ବିଧାତା ରକ୍ତ ଛିଟା ପକେଇଦେଲା ! ଆଶା ବିଶ୍ୱାସ ତଡ଼େଇନେଲା । ଅନେକ କିଛି ଭାବିଭାବି ଗୁମ୍‌ସୁମ୍ ହେଇଗଲି ମୁଁ...।(କ୍ରମଶଃ)

## ଅନୁବାଦ ଗଳ୍ପ

# ସତ୍ୟର ଅଗ୍ନି ପରୀକ୍ଷା

ମୂଳହିନ୍ଦୀ- ଡ. ଲତା ଅଗ୍ରବାଲ



ଆରେ ଭାଇ, କିଏ ତୁମେ ? ଏଠାରେ କଣ କରୁଛ ଏଠି ଏ ଘନ ଜଂଗଲରେ ? ସହର ଠାରୁ ଏତେ ଦୂରରେ ଏ ଝୋପଡିରେ ରହୁଚ କଣ ପାଇଁ ?

ମୁଁ ସତ୍ୟ । ଆଜିକାଲି ମୁଁ ଏଇଠି ରହୁଛି । ଏ ଝୋପଡିରେ ।

ଆଶ୍ଚର୍ଯ୍ୟ ! ସତ୍ୟ ରହୁଛି ଘନ ଜଂଗଲରେ..ଏକ ଝୋପଡିରେ ? ସତ କହୁଛ ତୁମେ ?

କହିଲି ପରା ମୁଁ ସତ୍ୟ ।

କଣ ପାଇଁ ଏମିତି ହେଲା ? ତୁମର ତ ମଣିଷର ହୃଦୟରେ ରହିବା କଥା ।

ସେଠାରେ ଆଉ ମୋ ପାଇଁ ସ୍ଥାନ ନାହିଁ । ମିଥ୍ୟା ସେଠାରେ ନିଜର ଆସ୍ଥାନ ଜମାଇ ସାରିଛି । ତେଣୁ ମଣିଷ ମୋତେ ଏକ ଅଚଳ ମୁଦ୍ରା ପରି ସେଠାରୁ ବାହାର କରି ଦେଇ ଫୋପାଡି ଦେଇସାରିଲାଣି ।

ଓହୋ...ଇଏ ତ ଅତି ଦୁଃଖର କଥା । ତେବେ ତୁମେ ମଣିଷ ସମାଜରେ ରହିପାରନ୍ତ । ଏ ଜଂଗଲ ତୁମ ପାଇଁ ଉପଯୁକ୍ତ ସ୍ଥାନ ନୁହେଁ ।

ନା...ସେଠାରେ ବି ମୋ ପାଇଁ ସ୍ଥାନ ନାହିଁ ।

ସେମିତି କାହିଁକି ଭାବୁଚ ଯେ..

ଭାବୁ ନାହିଁ । ଉପଲବ୍ଧି କରିଛି ବୋଲି ତ କହୁଛି ।

କିଛି ତ କାରଣ ଥିବ । ଅଛି ।

କଣ ସେ କାରଣ ?

କାରଣ ହେଲା ମୁଁ ଦର୍ପଣ ପରି ମଣିଷକୁ ତା ନିଜ ଚେହେରା ତାକୁ ଦେଖାଇ ଦିଏ ।

ଏହା ତ କିଛି ଖରାପ କଥା ନୁହେଁ ।

ଏତକ ସେମାନେ ଆଉ ବୁଝୁନାହାନ୍ତି । ବଜାରରେ ଆଜିକାଲି ସବୁ ମିଳିଯାଉଛି । ଭ୍ରଷ୍ଟାଚାର, ଚାରିଶବିଶ୍, ଲାଂଚ, ଅନ୍ୟାୟ ଅନୀତିର ଭୟାନକ କସମେଟିକସ୍‌ର ପ୍ରଲେପ ଏତେ ମାତ୍ରାରେ ସେମାନେ କରିଚାଲିଛନ୍ତି ଯେ ସେମାନଙ୍କ ଚେହେରା କଦାକାର ଆଉ ଭୟାବହ ହୋଇଯାଉଛି । ସେମାନେ ନିଜର ସେହି ବାସ୍ତବ ଚେହେରାକୁ ନିଜେ ଦେଖିବାକୁ ବି ପସନ୍ଦ କରୁ ନାହାନ୍ତି ।

ତେବେ ତୁମେ ଦପ୍ତରକୁ ଚାଲିଯାଅ । ସେଠାରେ ତୁମର ଆବଶ୍ୟକତା ରହିଛି । ତୁମର ଉପସ୍ଥିତି ଜନତାଙ୍କ ପାଇଁ ମଙ୍ଗଳ ହେବ ।

ହଁ, ଠିକ୍ କହିଛ । ମୁଁ ବି ସେୟା ଭାବିଥିଲି । ଯାଇଥିଲି ଦପ୍ତରକୁ ।

ରହିଲ ନି ସେଠାରେ ?

କେମିତି ରହିବି ? ସେମାନେ ତ ମୋତେ ପ୍ରଥମ ଦିନରୁ ହିଁ ହଟାଇ ଦେଲେ, ଫିଙ୍ଗିଦେଲେ ଡଷ୍ଟବିନ୍‌କୁ ।

ତାହେଲେ ତୁମେ ରାଜନୀତିକୁ ଚାଲିଯାଅ । ସେଠାରେ ତୁମର କିଛି ଅସୁବିଧା ହେବ ନାହିଁ । ବରଂ ଦେଶ ଉପକୃତ ହେବ ।

ରାଜନୀତି ? ଏମିତି ଏକ ପ୍ରସ୍ତାବ ମୋତେ ଦେବା ପୂର୍ବରୁ ତୁମେ ଆଜିର ରାଜନୀତି ବିଷୟରେ କିଛି ଜାଣିଚ ତ ?



ଅନୁବାଦ- ବିନୟ କୁମାର ଦାସ

ସେଠି ତ ଏବେ ଖାଲି କୂଟନୀତି । ଆଉ ତୁମେ ଜାଣିଚ କୂଟନୀତିକୁ ମୋର ଶକ୍ତ ଘୃଣା । ତେଣୁ ସେଠାରେ ମୋ ସ୍ଥାନ କାହିଁ ?

ଓହୋ.....ତେବେ ତ ସମସ୍ୟା ହି ସମସ୍ୟା । ଅଥଚ ସତ୍ୟର ପତାକା ଧରି ଧର୍ମରାଜ ଯୁଧିଷ୍ଠିର ସ୍ୱର୍ଗ ପର୍ଯ୍ୟନ୍ତ ଯାଇଥିଲେ ।

ହଁ, ସେଥିଲା ଦ୍ୱାପର ଯୁଗ । ଏବେ ତ ଘୋର କଳିଯୁଗ ।

ତାହେଲେ ଆଉ ଗୋଟେ ସ୍ଥାନ ରହିଲା ଯେଉଁଠି ତୁମେ ଆରାମରେ ରହିପାରିବ ।

କୁହ..ସେ କୋଉ ଜାଗା ?

ମେଡିଆ...ସେଠାରେ ତୁମର କିଛି ସମସ୍ୟା ନାହିଁ ।

ହାଃ ହାଃ ହାଃ... ଜାଣିନ କି... ସେଠି ପରା ମୋ ପାଇଁ ନୋ ଏଂଟ୍ରିର ସାଇନ ବୋର୍ଡ ଲଗାଯାଇଛି ।

କଣ ପାଇଁ ?

ମୁଁ କଣ ବିଜ୍ଞାପନ ଦେଇ ପାରିବି କି ?

♥ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧ ମୋ- ୭୯୭୮୮୬୦୩୬୩

## ଆଲୋଚନା

# ଫକୀରମୋହନ ଷ୍ଟଡିଜ୍

## ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ବାଲେଶ୍ୱରଠାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେବାପରେ ଏ ଅଞ୍ଚଳର ଶିକ୍ଷାଦାନ ପରିସରରେ ଯେ ଏକ ଅଭିନବ କମ୍ପନ ସୃଷ୍ଟି ହୋଇଛି, ଏହା କହିବା ନିଷ୍ପ୍ରୟୋଜନ । ସମଗ୍ର ପୃଥିବୀରେ ଭାରତବର୍ଷରେ ଓ ଆମପ୍ରିୟ ଓଡ଼ିଶା ମାଟିରେ ଯେଉଁ ଭୂମିପୁତ୍ର ଓ ଭୂମିକନ୍ୟାମାନଙ୍କ ନାମରେ ନାମିତ ହୋଇଛି ଅନେକ ଶିକ୍ଷାନୁଷ୍ଠାନ, ସେହି ଅନୁଷ୍ଠାନର ବିଦ୍ୟାର୍ଥୀମାନେ ଉକ୍ତ କୃତୀ ସନ୍ତାନମାନଙ୍କ ସଂପର୍କରେ ଜାଣିବା ପାଇଁ ଆନୁଷ୍ଠାନିକ ଭାବରେ କି ବ୍ୟବସ୍ଥା ଗ୍ରହଣ କରାଯାଇଛି, ସେ ସଂପର୍କରେ ଚିନ୍ତାକଲେ ନିରାଶ ହେବାକୁ ପଡ଼ିଥାଏ । ଏଭଳି ପରିସ୍ଥିତି ମଧ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ବ୍ୟାସକବିଙ୍କ ସଂପର୍କରେ ମୌଳିକ ଧାରଣା ଆହରଣ କରିବା ସକାଶେ ଯେଉଁ ସୁବ୍ୟବସ୍ଥା କରାଯାଇଛି ତାହା ସ୍ୱତନ୍ତ୍ର ଆଲୋଚନାର ବିଷୟ ନିଶ୍ଚୟ ।

ଯେଉଁମାନେ ଓଡ଼ିଆ ଭାଷା-ସାହିତ୍ୟର ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନ କରନ୍ତି, ସେମାନେ ଫକୀରମୋହନଙ୍କୁ ବିସ୍ତୃତ ଭାବରେ ଅନୁଭବ କରିବା ସକାଶେ ପାଠ୍ୟକ୍ରମରେ ସଂଯୁକ୍ତ ହୋଇରହିଛି ଏକ ସ୍ୱତନ୍ତ୍ର ପତ୍ର । ତେବେ ଆଜିର ଶିକ୍ଷିତ ସମାଜ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ମଧ୍ୟ ମନେ କରିଥାନ୍ତି ଯେ, କବି ଓ ଲେଖକମାନଙ୍କ ସଂପର୍କରେ ଜ୍ଞାନ ଆହରଣ କରିବାର ଆବଶ୍ୟକତା ରହିଛି କେବଳ ସେମାନଙ୍କର, ଯେଉଁମାନେ ଭାଷା ସାହିତ୍ୟ ବିଭାଗର ହେଉଛନ୍ତି ଛାତ୍ରଛାତ୍ରୀ । ଏଭଳି ସଂକୁଚିତ ଧାନଧାରଣାକୁ ଦୂର କରିବା ପାଇଁ ଓ ଫକୀରମୋହନ ସେନାପତିଙ୍କ ସଂପର୍କରେ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଆଶାନୁରୂପ ଜ୍ଞାନଲାଭ କରିବା ସକାଶେ ପ୍ରତିଷ୍ଠିତ ହୋଇଛି 'ଫକୀରମୋହନ ଷ୍ଟଡିଜ୍' । ଓଡ଼ିଆ ଭାଷା ସାହିତ୍ୟର ଛାତ୍ରଛାତ୍ରୀମାନଙ୍କ ବ୍ୟତୀତ ଅନ୍ୟ ବିଭାଗର 'ଛାତ୍ରଛାତ୍ରୀମାନେ ଏହାକୁ ଅଧ୍ୟୟନ କରିବା ଆଦୌ କୌଣସି ଅନିଚ୍ଛା ବା କୁଣ୍ଠିତ ଭାବ ପ୍ରକାଶ କରିନାହାନ୍ତି ଆଦୌ । ଜଣେ ପଦାର୍ଥ ବିଜ୍ଞାନର ଛାତ୍ର ହୋଇଥାଉ, କେହି ରସାୟନ ବିଜ୍ଞାନର ଛାତ୍ରଛାତ୍ରୀ ହୁଅନ୍ତୁ କିମ୍ବା ପରିବେଶ ବିଜ୍ଞାନ, ଜନସଂଖ୍ୟା ଗଣନା, ଗଣ-ଯୋଗାଯୋଗ- ଗଣମାଧ୍ୟମ, ଅର୍ଥନୀତି, ଇତିହାସ, ରାଜନୀତି ବିଜ୍ଞାନ- ଯେକୌଣସି ବିଷୟ ନେଇ ପାଠ ପଢ଼ିଥାଉ ନା କାହିଁକି ? ସେମାନେ ସମସ୍ତେ ଫକୀରମୋହନଙ୍କ ସଂପର୍କରେ ଜାଣିବାର ଆଗ୍ରହ ରଖିଛନ୍ତି ଅତୁଟ କରି । ନିଶ୍ଚିତ ଭାବରେ ଏହା ଏକ ବୈପ୍ଳବିକ ପଦକ୍ଷେପ । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଏକାଡେମିକ୍ କାଉନ୍‌ସିଲର ଅନୁମୋଦନ କ୍ରମେ ଭାଷା ସାହିତ୍ୟ ବିଭାଗ ଜରିଆରେ ଫକୀରମୋହନ ଷ୍ଟଡିଜ୍ ଏକ ସ୍ୱତନ୍ତ୍ର ଆସ୍ଥା ମୂଲ୍ୟାଙ୍କ ରହିତ (ନନ୍ କ୍ରେଡିଟ୍) ବିଷୟ ୫୦ ନମ୍ବରର ରଖାଗଲା । ୨୦୧୯-୨୦ ମସିହାରୁ (୩୧.୦୨.୧୯ବୋର୍ଷ ବୈଠକ, ପୃ-୦୭-୦୮), ଏ ଲେଖକ ଏହି ବିଶ୍ୱବିଦ୍ୟାଳୟର ୨୦୨୦ ଫେବୃଆରୀ ୨୫ ତାରିଖ ଦିନ ଯୋଗ ଦେଲା । ଏ ଲେଖକ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର ଓ ବିଭାଗମୁଖ୍ୟ ଭାବରେ ଅବସ୍ଥାପିତ ହେବାପରେ ଅତ୍ୟନ୍ତ ସଚେତନ ଭାବରେ ସେ ଲକ୍ଷ୍ୟକରି ଦେଖିଛି ଯେ, ଫକୀରମୋହନଙ୍କ ଜୀବନ ଓ ସୃଜନର ଅବିସ୍ମରଣୀୟ ଭାବ-ତନ୍ମୟତା ସହିତ ଛାତ୍ରଛାତ୍ରୀମାନେ ନିଜସ୍ୱ ଆବେଗାପ୍ଳୁତ ହୃଦୟ ନେଇ ସମ୍ବନ୍ଧାନ୍ୱିତ ହୋଇଯିବାର ଅପୂର୍ବ ଆଗ୍ରହ କିପରି ପ୍ରକାଶ କରୁଛନ୍ତି ।

ଏହି ସୁନିର୍ଦ୍ଦିଷ୍ଟ ଫକୀରମୋହନ ଷ୍ଟଡିଜର ପୂର୍ଣ୍ଣସଂଖ୍ୟା ବା ମାର୍କ ହେଉଛି ମାତ୍ର ୫୦ । କୌଣସି ଆୟାସସାଧ୍ୟ ବିଶ୍ଳେଷଣାତ୍ମକ ତର୍ଜମା ଏହାର ଅନ୍ତର୍ଭୁକ୍ତ ନୁହେଁ । ଫକୀରମୋହନଙ୍କ ଜୀବନୀ, ତାଙ୍କ ଗଳ୍ପ, ଉପନ୍ୟାସ, କବିତା, ଆତ୍ମଜୀବନୀ ଆଦି ସଂପର୍କରେ ମୌଳିକ ଧାରଣା ପ୍ରଦାନ କରାଯାଇଥାଏ ଛାତ୍ରଛାତ୍ରୀମାନଙ୍କୁ । ଏଥି ସକାଶେ ଅଧିକ କ୍ଲାସ ମଧ୍ୟ ପ୍ରବର୍ତ୍ତିତ ହୋଇନାହିଁ । ସମଗ୍ର ବର୍ଷଟି ମଧ୍ୟରେ କେବଳ ଚାରିଟି କ୍ଲାସ ଅନୁଷ୍ଠିତ ହୁଏ । ବ୍ୟାସବିହାରର ପୁରାତନ କ୍ୟାମ୍ପସ ଓ ନୂତନ କ୍ୟାମ୍ପସର କନ୍‌ଫରେନ୍‌ସ ହଲରେ ଏହାର କ୍ଲାସ ଅନୁଷ୍ଠିତ ହୋଇଥାଏ ନିର୍ଦ୍ଦିଷ୍ଟ ଭାବେ ସମାନ ତାରିଖରେ । ଲକ୍‌ଡାଉନ ସମୟରେ ଆମକୁ ନେବାକୁ ପଡୁଥିଲା କ୍ଲାସ ଅନଲାଇନ ଯୋଗେ । କରୋନା ସଂକ୍ରମଣ ନିୟନ୍ତ୍ରଣ ହେବା ପରେ ଯେତେବେଳେ ଛାତ୍ରଛାତ୍ରୀମାନେ ସଶରୀରରେ ଉପସ୍ଥିତ ହେଲେ ଏହି ଦୁଇଟି କ୍ୟାମ୍ପସରେ । ସେତେବେଳେ ସେମାନଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ହେବାର ମିଳିଲା ଅପୂର୍ବ ସୁଯୋଗ । ଆଶ୍ଚର୍ଯ୍ୟର କଥା ଯେ, ଉଭୟ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ନିର୍ମଳ ଶ୍ରଦ୍ଧାନୁରକ୍ତି ଲକ୍ଷ୍ୟ କରି ଶିକ୍ଷକ ଭାବରେ ମୁଁ ଅପୂର୍ବ ସାରସ୍ୱତ ତୃପ୍ତିଲାଭ କରିଛି । ଏଥିପାଇଁ ଏହାକୁ ଆଶ୍ଚର୍ଯ୍ୟଜନକ ବୋଲି କୁହାଯାଉଛି ଯେ, ଏଭଳି କ୍ଷେତ୍ରରେ ବହୁ ଛାତ୍ରଛାତ୍ରୀ ବେଳେବେଳେ କୁଣ୍ଠା ଓ ଅଶ୍ରଦ୍ଧା ମଧ୍ୟ ପ୍ରକାଶ କରିବାର ଆଶଙ୍କା ଥାଏ । ସେମାନଙ୍କ ଉପରେ ଅଧିକ ବୋଝ ଲଦିଦିଆଯାଉଛି ବୋଲି ମଧ୍ୟ ଚିନ୍ତା କରିବା ଅମୂଳକ ହୋଇନପାରେ । ଅଥଚ ସେଭଳି ସାମାନ୍ୟ ଅନିଚ୍ଛା ବା ଅସ୍ଥିରତା ମୋର ଦୃଷ୍ଟିଗୋଚର ହୋଇନାହିଁ । ବରଂ ଛାତ୍ରଛାତ୍ରୀମାନେ ଉତ୍ସୁକ ଓ ଉଜ୍ଜ୍ୱଳ ଦୁଇଟି ନୟନରେ ଜିଜ୍ଞାସାର ଜ୍ୟୋତିରେଖା ସୃଷ୍ଟି କରି ଫକୀରମୋହନଙ୍କ ବିଷୟରେ ଅଧିକରୁ ଅଧିକ ଆଗ୍ରହ ପ୍ରକାଶ କରିଛନ୍ତି ଆନ୍ତରିକ ଭାବରେ ।

ଫକୀରମୋହନ ଜୀବନରେ ଯେଉଁସବୁ ଝଡ଼ଝଞ୍ଜାକୁ ଅତିକ୍ରମ କରିପାରିଥିଲେ ଓ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ଯେପରି ସମସ୍ତ ସାର୍ଥକତାର ପାହାଚ ପରେ ପାହାଚ ଉଠି ପାରିଥିଲେ, ତାହାକୁ ବଡ଼ ଉଦ୍‌ଗ୍ରୀବ ହୋଇ ଶୁଣନ୍ତି ଆଜିର ପିଲାମାନେ । ଯାହା ଶିକ୍ଷିତ ଜନତାଙ୍କର ଆଖି ଖୋଲି ଦେଇପାରେ ।

ତେବେ ମନରେ ପ୍ରଶ୍ନ ଉଠେ ଏଭଳି ବ୍ୟବସ୍ଥା ଅନ୍ୟ ବିଶ୍ୱବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟରେ କାହିଁକି ପ୍ରବର୍ତ୍ତିତ ହୋଇପାରିନାହିଁ । ଏହା ଛାତ୍ରଛାତ୍ରୀମାନଙ୍କ ଅନିଚ୍ଛା ହେତୁ ନୁହେଁ, ବରଂ ସୁଦକ୍ଷ ପ୍ରଶାସକ ଓ ଶିକ୍ଷାବିତ୍‌ମାନଙ୍କ ସୁଦୃଢ଼ ଇଚ୍ଛାଶକ୍ତିର ଅଭାବକୁ ହିଁ ଏହା ସୂଚାଇ ଦେଇଥାଏ । ଅଭିଭାବକ, ଶିକ୍ଷକ ଓ ଶିକ୍ଷା ପ୍ରଶାସକ ଚାହିଁଲେ ଏପରି ବ୍ୟବସ୍ଥା ଅନାୟାସରେ ପ୍ରବର୍ତ୍ତିତ ହୋଇପାରିବ ଓ ଏହା ଫଳରେ ହଜାର ହଜାର ଛାତ୍ରଛାତ୍ରୀ ଯେ ବହୁଭାଗରେ ଉପକୃତ ହୋଇପାରିବେ, ଏଥିରେ ସନ୍ଦେହ ନାହିଁ । ଦେଶର ବା ରାଜ୍ୟର ପୂର୍ବଜମାନଙ୍କୁ ଆଜିର ପିଲାଏ ଜାଣିପାରୁ ନାହାନ୍ତି ବୋଲି କ୍ଷୋଭ ପ୍ରକାଶ କରିବାରେ ଆପଣାର କର୍ତ୍ତବ୍ୟ ସଂପାଦିତ ହୋଇଗଲା ବୋଲି ଆମେ ମନେ କରିଥାଉ ! ଆହା, ଆମ ଦେଶର ବା ରାଜ୍ୟର କୋମଳମତି ପୁଅଝିଅଙ୍କ ହୃଦୟ ମଧ୍ୟକୁ ପ୍ରବେଶ କରିବା ପାଇଁ ମହାପୁରୁଷଙ୍କ ସୂକ୍ଷ୍ମସତ୍ତା ସର୍ବଦା ପ୍ରସ୍ତୁତ । ଯଦି ସେମାନେ ଛାତ୍ରଛାତ୍ରୀଙ୍କ ହୃଦୟରେ ପ୍ରବେଶ କରିପାରୁ ନାହାନ୍ତି, କିମ୍ବା ଛାତ୍ରଛାତ୍ରୀମାନେ ସେମାନଙ୍କ ମହନୀୟ ବ୍ୟକ୍ତିତ୍ୱର ଆଲୋକରେ ଉଦ୍‌ବୁଦ୍ଧ ହୋଇପାରୁ ନାହାନ୍ତି, ତାହାଯେ ବୟସ୍କମାନଙ୍କ ଯୋଗୁ ହିଁ, ଏକଥା ପ୍ରମାଣ କରିବା ନିଷ୍ପ୍ରୟୋଜନ ।

କେବଳ ମହାପୁରୁଷମାନଙ୍କୁ ଜାଣିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କାର୍ଯ୍ୟକାରୀ ହେବ, ଏତିକିମାତ୍ର ଯଥେଷ୍ଟ ନୁହେଁ, ଆମକୁ ଏହି ବିଶ୍ୱାସ ଦୃଢ଼ କରିବାକୁ ପଡ଼ିବ ଯେ ସବୁ ଦୁଃସ୍ଥିତି ସତ୍ତ୍ୱେ କିଶୋର କିଶୋରୀ, ତରୁଣ ତରୁଣୀଙ୍କ ଭିତରେ ସୂକ୍ଷ୍ମ ରୂପରେ ବିଦ୍ୟମାନ ଅଛନ୍ତି ମହାତ୍ମାଗାନ୍ଧୀ, କସ୍ତୁରବା ଗାନ୍ଧୀ, ରାମକୃଷ୍ଣ ପରମହଂସ, ମା ଶାରଦା ଦେବୀ, ସ୍ୱାମୀ ବିବେକାନନ୍ଦ, ଶ୍ରୀ ଅରବିନ୍ଦ, ଶ୍ରୀମା ପ୍ରମୁଖ ଦିବ୍ୟ ସତ୍ତାମାନେ । ଏ ସମାଜରୁ ନୂଆଗାନ୍ଧୀ, ନୂଆ ବିବେକାନନ୍ଦ, ନୂଆ ବିନୋବା ଭାବେ ନୂଆ ଫକୀରମୋହନ ଜନ୍ମ ନିଅନ୍ତୁ ବୋଲି ଯଦି ସତକୁ ସତ ଆମେ ଚାହୁଁଛୁ, ତା'ହେଲେ ପ୍ରାଥମିକ ଶିକ୍ଷା ପର୍ଯ୍ୟାୟରୁ ଆରମ୍ଭ କରି ଉଚ୍ଚଶିକ୍ଷାର ବ୍ୟବସ୍ଥା ପର୍ଯ୍ୟନ୍ତ ଆମକୁ ଏଥିପାଇଁ ବହୁପଥ ଉଦ୍‌ଘାଟନ କରିବାକୁ ପଡ଼ିବ । ନୂତନ ଶିକ୍ଷାନୀତିର ପ୍ରୟୋଗ କିପରି ଫଳପ୍ରଦ ହେବ, ତାହାର ଅର୍ଥ ମାର୍ଗ ଆବିଷ୍କାରକମାନେ ହେଉଛନ୍ତି ଶିକ୍ଷକ ଓ ଶିକ୍ଷା ପ୍ରଶାସନ ସହିତ ଜଡ଼ିତ ବିଜ୍ଞ ବ୍ୟକ୍ତିବୃନ୍ଦ । ଆଗାମୀ ସମୟ ପାଇଁ ଏଭଳି ସ୍ୱପ୍ନ ଦେଖିବା କଣ ଅପ୍ରାସଙ୍ଗିକ ?

♥ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ, (ଓଡ଼ିଆ, ଇଂରାଜୀ, ଉର୍ଦ୍ଧୁ)
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବାଲେଶ୍ୱର-୮୯
ମୋ: ୯୯୩୭୩୬୫୬୯୮

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

### ଭାଗ-୧୭

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଶତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉଦ୍ଧୁକାପଣର ଦାୟରେ ଏଇଟି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)
♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ନୁଖୁରା ଆକାଶ ଅପସରି ଯାଏ
ମଥାନ ଉପରୁ ଧୀରେ
ମୋ' ବୁଢ଼ା ଆଙ୍ଗୁଳି ପାଦଚିହ୍ନ ଆଙ୍କେ
ଉଟା ଭାଟି ପାଉଁଶରେ । ୧୭୧ ।

ଗଛମାନେ ସବୁ ପହୁଡ଼ ଥାଆନ୍ତି
ସୂର୍ଯ୍ୟାସ୍ତ ରଙ୍ଗ ଧରି
ପକ୍ଷୀରାଜ ଭଳି ଉଡ଼ୁଥାଏ ଗାଆଁ
କିଏ ଜାଣେ ତା' କାହାରି । ୧୭୨ ।

ରାତି ଲାଗେ ଗୋଟେ ପାଲିସ୍ କାଗଜ
ଫଟା କ୍ୟାଲେଣ୍ଡର୍ ପରି
କହ୍ନ ଛାଇ ଖେଳ ଚିରିଦିଏ ତାକୁ
ଟୁକୁଡ଼ା ଟୁକୁଡ଼ା କରି । ୧୭୩ ।

ପଇଡ଼ ଚୋରି ଓ ଅନତା ମାଙ୍କଡ଼
ହୁରୁଡ଼ା ପକ୍ଷୀଙ୍କ ଗୀତ
ଗୁଣ୍ଡୁଚି ମୂଷାର ଉପାଦକୀ ଲଙ୍ଗ
ଗାଆଁର ଅସଲ ମିତ । ୧୭୪ ।

ମାଘ ମାସେ ଗାଆଁ ବାଘ ପରି ଦିଶେ
ଫାଲ୍‌ଗୁନରେ ଚନ୍ଦ୍ରମୁଖୀ
ଅଶିଣରେ ଆଙ୍କେ ନିଆରା ନୀଳିମା
ଶ୍ରାବଣ କରାଏ ଦୁଃଖୀ । ୧୭୫ ।

ମଣ୍ଡୁଣ ଦେଖେ ନୈସର୍ଗିକ ଶୋଭା
ଉଜାଙ୍ଗ ଆକାଶ ଦୀପ
ଟାଙ୍ଗରା ବିଲର ଫଟା ମାଟି ପରେ
ଗ୍ରୀଷ୍ମ ଛାଡ଼ିଯାଏ ଛାପ । ୧୭୬ ।

ବେଲ ଯେବେ ପାଚେ ବୈଶାଖ ମାସରେ
ବସନ୍ତ ବାହୁଡ଼ି ଯାଏ
ଗାଆଁର ଅବସ୍ଥା ଫୁଲର ଛାତିରେ
ବରଫ ପଡ଼ିଲା ପ୍ରାୟେ । ୧୭୭ ।

ରାସ୍ତା ଆଳରେ ଗାଆଁ ରାସ୍ତାର
ଗଛ ଯେବେ କଟାହୁଏ
ଖରାର ଧାପରେ ନିରୀହ ମୋ' ଗାଆଁ
ମୁହଁ ମାଡ଼ିକରି ଶୁଏ । ୧୭୮ ।

ବର୍ଷା ପାଣିରେ ପୋଖରୀ ମାଟିରେ
ଶୁଭେ ବେଙ୍ଗଙ୍କର ରଡ଼ି
ଖପ୍ ଖାପ୍ କରି ପାଣିକୁ ଡିଆଁନ୍ତି
ସାକ୍ଷୀ ପୋଖରୀର ଆଡ଼ି । ୧୭୯ ।

ନାଳି ମନ୍ଦାର ଓ ସିନ୍ଦୁର କଳାରେ
ବନ୍ଧା ହୁଏ ଭଙ୍ଗା ଚୁଡ଼ି
ମାଛରଂକା ଲାଞ୍ଚ ପାଇବା ପାଇଁ କି
ଭଗୀଆର ଜଳବୁଡ଼ି । ୧୮୦ । (କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍,
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍,
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଖାରା



ଦୀପକ ରଂଜନ ମିଶ୍ର

୩୧

## ॥ ଉଲ୍ଲାସକର ଦତ୍ତ ॥




କଲିକତା ହାଇକୋର୍ଟ ଦ୍ୱାରା ମୃତ୍ୟୁଦଣ୍ଡଟି ଆଜୀବନ କାରାବାସରେ ପରିବର୍ତ୍ତିତ ହେବା ପରେ ଉଲ୍ଲାସକର ଆପଣା ସାଥୀ ବାରୀନ୍ଦ୍ର, ହେମଚନ୍ଦ୍ର, ବିଭୂତି, ଇନ୍ଦୁଭୂଷଣ, ହୃଷିକେଶ ତଥା ଅବିନାଶଙ୍କ ସହ ଏସ୍. ଏସ୍. ମହାରାଜା ଜାହାଜରେ ଚଢ଼ି ଆଣ୍ଡାମାନ ଯାଆନ୍ତି । ସାଥୀଙ୍କ ଗହଣରେ ଜାହାଜ ଯାତ୍ରା ଥିଲା ଖୁବ୍ ସୁଖଦ । ଚତୁର୍ଥ ଦିନ ଆଣ୍ଡାମାନରେ ପହଞ୍ଚିବାରୁ ସେଠିକାର ସିଭିଲ୍ ସର୍ଜନ ତଥା କିଛି ପର୍ଯ୍ୟବେକ୍ଷକ ଜାହାଜ ଉପରକୁ ଆସନ୍ତି ଯାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ । ସାଥୀରେ ଯାଇଥିବା ଅନ୍ୟ କଏଦୀମାନଙ୍କୁ ୧୪ ଦିନ ପାଇଁ କ୍ୱାରେନ୍‌ଟାଇନ୍ କ୍ୟାମ୍ପ୍‌ରେ ରଖାଯିବାର ବ୍ୟବସ୍ଥା କରାଯାଇଥିବା ବେଳେ କିନ୍ତୁ ରାଜବନ୍ଦୀମାନଙ୍କୁ ସୁରକ୍ଷା ଦୃଷ୍ଟିରୁ ସିଧା ସଳଖ ପଠାଇ ଦିଆଯାଏ ସେଲ୍ୟୁଲାର ଜେଲ୍ ଭିତରକୁ । ଗୋଟିଏ ପହାଡ଼ ଉପରେ ଇଟା ଓ ସିମେଣ୍ଟ ଦ୍ୱାରା ନିର୍ମିତ ଜେଲ୍‌ଟି ବାହାରୁ ଦେଖା ଯାଉଥାଏ ଗୋଟିଏ ଅଭେଦ୍ୟ ଦୁର୍ଗ ଭଳି ।

ଭାରତରୁ ସେଠାକୁ ଯାଉଥିବା କଏଦୀମାନଙ୍କୁ ସାଧାରଣତଃ ୬ ମାସ ପର୍ଯ୍ୟନ୍ତ ଜେଲ୍ ଭିତରେ ବନ୍ଦୀ କରି ରଖାଯାଏ ତାଙ୍କର ଗତିବିଧି ନିରୀକ୍ଷଣ କରିବା ଉଦ୍ଦେଶ୍ୟରେ । ଆବଶ୍ୟକ ସ୍ଥଳେ ଏକ ବର୍ଷ ବି ରଖାଯାଏ । ସେମାନଙ୍କ ବିଷୟରେ ଏକ ନିର୍ଦ୍ଦିଷ୍ଟ ଧାରଣା ହୋଇଯିବା ପରେ ସେମାନଙ୍କୁ ଜେଲ୍‌ରୁ ବାହାରକୁ ବାହାର କରି ଆଣ୍ଡାମାନର ବିଭିନ୍ନ ସ୍ଥାନକୁ ପଠାଯାଏ କାମ କରିବା ପାଇଁ । କର୍ମସ୍ଥଳୀରେ କାଠ ତଥା ଝାଟିମାଟିରେ ସେମାନଙ୍କ ପାଇଁ ଅସଂଖ୍ୟ ବେରେକ୍ ନିର୍ମାଣ କରାଯାଇଥାଏ । ହେଲେ ରାଜବନ୍ଦୀଙ୍କ ପାଇଁ ଥାଏ ଭିନ୍ନ ବ୍ୟବସ୍ଥା । ସେମାନଙ୍କୁ ହତ୍ୟାକାରୀ କିମ୍ବା ଡକାୟତମାନଙ୍କ ଠାରୁ ମଧ୍ୟ ଅଧିକ ସାଂଘାତିକ ମନେ କରାଯାଉଥିଲା । ଉପରୁ ଆଦେଶ ନଆସିବା ଯାଏଁ ସେମାନଙ୍କୁ ଜେଲ୍‌ର କୋଠରୀ ଭିତରେ ହିଁ ବନ୍ଦୀ ଜୀବନ ବିତାଇବାକୁ ପଡୁଥିଲା । ଅଢ଼େଇବର୍ଷ କାଳ ଏମାନେ ଜେଲ୍‌ର କାଳ କୋଠରୀ ଭିତରେ ବନ୍ଦୀ ହୋଇ ରହିବା ସହ ନଡ଼ିଆକତା ପିଟି ନରମ କରିବା ତଥା ତେଲଘଣାରେ ଯୋଚାଯିବା ଭଳି କଠିନ କାମ କରନ୍ତି । ଭାରତରେ ବ୍ୟବହୃତ ତେଲଘଣା ତୁଳନାରେ ଆଣ୍ଡାମାନ୍‌ର ତେଲଘଣା ଥାଏ ଭିନ୍ନ ପ୍ରକାରର । ତା'ର ମଝିରେ ଥିବା ବିରାଟ ଲୁହା ହଣ୍ଡାରେ ବସ୍ତା ବସ୍ତା ଶୁଖିଲା ନଡ଼ିଆ ଖଣ୍ଡ ଢଳାଯାଏ । ତହିଁରେ ଲାଗିଥିବା ଲୌହଦଣ୍ଡଟିକୁ ଏକାଥରକୁ ତିନିଜଣ କଏଦୀ ମିଶି ଘୂରାନ୍ତି । ଆସ୍ତେ ଆସ୍ତେ ଚାପିହୋଇ ନଡ଼ିଆଖଣ୍ଡ ଗୁଣ୍ଡ ହେବାସହ ତହିଁରୁ ଥପ୍ ଥପ୍ ହୋଇ ବାହାରେ ତେଲ । ସକାଳୁ ସନ୍ଧ୍ୟାଯାଏ ଏଇ କାମ ଚାଲେ । ମଝିରେ କିଛି ସମୟ ଯାହା ଖାଇବା ପାଇଁ ବିରତି । ସନ୍ଧ୍ୟା ପର୍ଯ୍ୟନ୍ତ ନିର୍ଦ୍ଧାରିତ ପରିମାଣର ତେଲ ବାହାର କରି ନପାରିଲେ ଦଣ୍ଡ ମିଳୁଥିବାରୁ ସେମାନଙ୍କୁ ବଳଦଙ୍କ ପରି ନୁହେଁ ଘୋଡ଼ାଙ୍କ ପରି ଧାଇଁ ଧାଇଁ ଘଣାକୁ ବୁଲେଇବାକୁ ପଡୁଥାଏ । ଧାଉଁଥିବା ଅବସ୍ଥାରେ ଜଣେ ଯଦି ଥକିଯିବାରୁ ଟିକିଏ ପଛେଇଯାଏ ତେବେ ପେଟି ଅଫିସରର ହାତରେ ଥିବା ତିରିଶ ପାଉଣ୍ଡ ଓଜନର ଗଦା ସିଧା ଯାଇ ପଡୁଥିଲା ତା' ପିଠି ଉପରେ । ଏହାସତ୍ତ୍ୱେ ବି ଯଦି ସେ ତା' ସାଥୀଙ୍କ ସହ ତାଳ ଦେଇ ନଧାଏଁ ତେବେ ତା'ର ଚାରି ହାତଗୋଡ଼କୁ ଏକାଠି ବାନ୍ଧି ସେଇ ଲୌହଦଣ୍ଡରେ ଝୁଲେଇ ଦିଆଯାଏ । ଲୌହଦଣ୍ଡ ସହ ଘୁଷୁରି ଘୁଷୁରି ବୁଲିବା ଯୋଗୁଁ ସମଗ୍ର ଶରୀର ଆଞ୍ଚୁଡ଼ି ଲହୁଲୁହାଣ ହୋଇଯାଏ । ସାରାଦିନର ପରିଶ୍ରମରେ ଉଲ୍ଲାସକର ଏତେ ଥକି ପଡୁଥିଲେ ଯେ ପ୍ରତିଦିନ ସନ୍ଧ୍ୟାରେ ନିଜ କୋଠରୀ ଭିତରେ ବନ୍ଦୀ ହେଲାବେଳେ ସେ ଭାବୁଥିଲେ ତା' ପରଦିନର ସକାଳର ସୂର୍ଯ୍ୟୋଦୟ ଦେଖିବାକୁ ସେ ଜୀବିତ ଥିବେ କି ନାହିଁ ବୋଲି । ଏମାନଙ୍କ ମରଣାନ୍ତକ ଯନ୍ତ୍ରଣା ସାମାନ୍ୟ ଟିକିଏ ବି ଦ୍ରବିଭୂତ କରି ପାରୁ ନଥିଲା ପଥର ହୃଦୟର ଅଧିକାରୀମାନଙ୍କୁ ।

ଉଚ୍ଚଶିକ୍ଷିତ ରାଜବନ୍ଦୀମାନଙ୍କ ପାଇଁ ଶାରିରୀକ ଶ୍ରମରେ ଟିକିଏ ବି କୋହଳ କରାଯାଉ ନଥିଲା । ଆଣ୍ଡାମାନ ପହଞ୍ଚିବା ପରେ ପ୍ରଥମ ୬ ମାସ ସେମିତି କଠୋର ପରିଶ୍ରମ ଭିତରେ କଟିଯାଏ । ତାଙ୍କସହ ଏକା ଜାହାଜରେ ଆସିଥିବା ଅନ୍ୟ ବନ୍ଦୀମାନେ ଜେଲ୍ କୋଠରୀରୁ ମୁକ୍ତି ପାଇ ବାହାରକୁ ଯାଆନ୍ତି କାମ କରିବାକୁ । କିନ୍ତୁ ଏମାନଙ୍କ ପାଇଁ କିଛି ଆଦେଶ ଉପରୁ ଆସେନାହିଁ । ଆଦେଶର ଅପେକ୍ଷାରେ ଦୁଇବର୍ଷ ବିତିଯାଏ । କେତେ ନୂଆ ବନ୍ଦୀ ଆସୁଥାନ୍ତି ଓ ତାଙ୍କ କାର୍ଯ୍ୟକାଳ ସାରି ପୁଣି ବାହାରକୁ ଚାଲିଯାଉଥାନ୍ତି । ରାଜବନ୍ଦୀମାନଙ୍କୁ କାମ ପାଇଁ ବାହାରକୁ ପଠାଇବାକୁ ନିର୍ଦ୍ଦେଶ ଆସି ପହଞ୍ଚିବାରୁ ଏମାନଙ୍କ ପ୍ରତୀକ୍ଷାର ଅନ୍ତ ହୁଏ । ଏମାନେ ଅତି ଆନନ୍ଦର ସହ ଗଣ୍ଠୁଲିରେ କିଛି ବହି, କପଡ଼ା, କମ୍ବଳ ତଥା ଲୁହା ଥାଳି ଓ ତାଟିଆ ବାନ୍ଧି ଯିବାପାଇଁ ପ୍ରସ୍ତୁତ ହୋଇଯାଆନ୍ତି । ଆଫିସିକ ଔପଚାରିକତା ପରେ ଏମାନେ ମୁଖ୍ୟ ଫାଟକ ବାହାରକୁ ବାହାରନ୍ତି । ସମସ୍ତଙ୍କ ମୁହଁରେ ହସ ଲାଖି ରହିଥିବା ବେଳେ କିଏ ଜାଣିଥିଲା ଯେ ଏମାନେ କରେଇରୁ ସିଧା ଜଳନ୍ତା ନିଆଁ ଭିତରକୁ ଲମ୍ଫ ପ୍ରଦାନ କରିବାକୁ ଯାଉଛନ୍ତି ବୋଲି ।

ଉଲ୍ଲାସକରଙ୍କୁ କାମ କରେଇବା ପାଇଁ ଭାଇପର୍ ଦ୍ୱୀପକୁ ନିଆଯାଏ । ଦିନ ଦ୍ୱିପହର ବେଳକୁ ସେମାନେ ତାଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚନ୍ତି । ତାଙ୍କ ସାଥୀମାନଙ୍କୁ ଏକତ୍ର ନରଖି ଭିନ୍ନ ଭିନ୍ନ ଜାଗାକୁ ପଠାହୋଇଥାଏ । ନିର୍ଦ୍ଦେଶ ଥାଏ କେହି ଯେମିତି କାହା ସହିତ କୌଣସି ପ୍ରକାର ସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା ନକରିବେ । ଉଲ୍ଲାସକରଙ୍କୁ ସାଙ୍ଗରେ ନେଇ ଯାଉଥିବା ଗାଇଡ୍ ବାଟରେ ଗୋଟିଏ ଛୋଟ ଦଣ୍ଡିବସ୍ତିରେ କିଛି ସମୟ ପାଇଁ ଅଟକି ଜଣେ ସ୍ଥାନୀୟ ମୁସଲମାନ ବାସିନ୍ଦାଙ୍କ ସହ କଥାବାର୍ତ୍ତା କରନ୍ତି । ସେଇ ଲୋକଟିର କଥା କହିବାର ଶୈଳୀରୁ ଉଲ୍ଲାସକର ଠଉରେଇ ନିଅନ୍ତି ସେ ପୂର୍ବବଙ୍ଗର ଟିପେରା କିମ୍ବା ମୈମନ୍‌ସିଂ ଅଞ୍ଚଳର ବାସିନ୍ଦା ବୋଲି । ଜେଲ୍‌ରୁ ଛାଡ଼ପାଇ ସେ ସେଠିକାର ଦଣ୍ଡିବସ୍ତିରେ ସ୍ଥାୟୀ ଭାବରେ ବସବାସ କରୁଥାନ୍ତି । ନିଜ ଭାଷା ତଥା ଅଞ୍ଚଳର ଜଣକୁ ଦେଖି ତାଙ୍କୁ ଭାରି ଖୁସିଲାଗେ । ପୋର୍ଟ ମାଉଥ୍‌ରେ ତାଙ୍କୁ ପଥର ଫଟେଇ ରାସ୍ତା ତିଆରି କରିବାର କାମରେ ନିଯୁକ୍ତ କରାଯାଏ । ଜେଲ୍ ଭିତରେ ରହି ରହି ବିରକ୍ତ ହୋଇଯାଇଥିବାରୁ ସେ ଭାରି ଆନନ୍ଦର ସହ ମନ ଲଗାଇ ଯେତେ କଷ୍ଟ କାମ ହେଲେ ବି ତାକୁ ଆଗ୍ରହର ସହ କରିବାକୁ ଲାଗନ୍ତି । କିଛିଦିନ ପୋର୍ଟ ମାଉଥ୍‌ରେ କାମ କରିବା ପରେ ତାଙ୍କୁ ଡୁଣ୍ଡାସ୍ ପଏଣ୍ଟକୁ ଯିବାପାଇଁ ଆଦେଶ ମିଳେ । ଉଲ୍ଲାସକର ତାଙ୍କ ବ୍ୟାଗ୍‌ପତ୍ର ଧରି ସେଠାକୁ ଯାଆନ୍ତି । ପୋର୍ଟ ମାଉଥ୍ ତୁଳନାରେ ଡୁଣ୍ଡାସ୍ ପଏଣ୍ଟ ଗୋଟେ ବଡ଼ ଜାଗା । ସେଠାରେ ତିନିଶହରୁ ଚାରିଶହ ଲୋକ କାମ କରୁଥାନ୍ତି । ବର୍ଷର ତିନିମାସ ସେଠାରେ ଇଟାଭାଟି ଚାଲେ । ଅନ୍ୟ ଦିନଗୁଡ଼ିକ ତାହା ଜନଶୂନ୍ୟ ରହୁଥିବା ବେଳେ ଏଇ ତିନିମାସ କିନ୍ତୁ ଖୁବ୍ ଗହଳ ଚହଳ ହୁଏ ଠିକ୍ ବଜାର ଭଳି । ଇଟା ଭାଟିରେ ତାଙ୍କୁ ପ୍ରଥମରେ ଇଟା ବୋହିବା କାମ ଦିଆଯାଏ । ଇଟା ଗଢୁଥିବା ଲୋକ ପାଖରୁ ଖଣ୍ଡେ ପଟାରେ ତିନୋଟି ଲେଖା କଞ୍ଚାଇଟା ଥୋଇ ତାକୁ ନେଇ ଇଟା ଶୁଖାଉଥିବା ଲୋକ ପାଖରେ ପହଞ୍ଚାଇବାକୁ ହୁଏ । ସକାଳୁ ଦିନ ଦୁଇଟା ପର୍ଯ୍ୟନ୍ତ ଧାଇଁ ଧାଇଁ ତାଙ୍କୁ ଏଇ କାମ କରିବାକୁ ପଡ଼େ । ନିର୍ଦ୍ଦିଷ୍ଟ ପରିମାଣର ଇଟା ବୁହା ସରିଗଲେ ସେ ଦିନକ ପାଇଁ ଛୁଟି । ଏଇ ଭିତରେ ଖାଇବା ପାଇଁ ଖୁବ୍ ଅଳ୍ପ ସମୟର ବିରତି ଦିଆଯାଉଥାଏ । ଭଲ କାମ କରୁଥିବା ବନ୍ଦୀମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପିଇବା ପାଇଁ କ୍ଷୀର ଦିଆହୁଏ । କିନ୍ତୁ ଯାହା ମିଳେ ତାକୁ ଭୋଗ ଚଢ଼େଇ ଦେବାକୁ ହୁଏ ଟଣ୍ଡିଲ୍ ତଥା ପେଟି ଅଫିସରମାନଙ୍କୁ ତାଙ୍କ ପାଖରୁ ଟିକିଏ ଅନୁଗ୍ରହ ପାଇବାର ଆଶାରେ ।

ପ୍ରଚଣ୍ଡ ଖରାରେ ଧାଇଁ ଧାଇଁ ଇଟା ବୋହୁଥିବାରୁ ତା ପ୍ରତିବଦଳରେ ମିଳୁଥିବା କ୍ଷୀର କେବଳ ତାଙ୍କର ହିଁ ପ୍ରାପ୍ୟ ବୋଲି ଉଲ୍ଲାସକର ଭାବନ୍ତି । ସେଥିରେ କାହାର ବି ଅଧିକାର ନାହିଁ, ସିଏ ଯିଏ ବି ହୋଇଥାଉ ନା କାହିଁକି । ତେଣୁ କ୍ଷୀର ପାଇଲା ମାତ୍ରେ ସେ ଅନ୍ୟ କୌଣସି ଦିଗକୁ ନଚାହିଁ ଢକ୍ ଢକ୍ କରି ତାକୁ ପିଇ ଦିଅନ୍ତି । ତାଙ୍କର ଏଇ ଧୃଷ୍ଟତାକୁ ଟଣ୍ଡିଲ୍ ଓ ପେଟି ଅଫିସରମାନେ ବଡ଼ ବଡ଼ ଆଖିରେ ଚାହିଁ ରହି ବେଳ ଉଣ୍ଡୁଥାନ୍ତି ଦଣ୍ଡ ଦେବାପାଇଁ । ଧମକ୍ ଚମକ୍‌ର କୌଣସି ପ୍ରଭାବ ନପଡ଼ିବାରୁ ଯେଉଁ ବିଭାଗର ଶ୍ରମିକମାନଙ୍କୁ କ୍ଷୀର ଦିଆହୁଏ ନାହିଁ ସେଇ ବିଭାଗକୁ ତାଙ୍କୁ ବଦଳି କରିଦିଆଯାଏ । ଦ୍ୱିତୀୟ ବିଭାଗର କାର୍ଯ୍ୟ ସେତେ କ୍ଳାନ୍ତିକର ନଥାଏ । ଫୁଟ୍‌ବଲ ଆକାରର ଚକଟା ମାଟିକୁ ନେଇ ଇଟା ଗଢୁଥିବା କାରିଗର ପାଖରେ ଜମା କରିବା କଥା । ସାରାଦିନ ମାଟି କାଦୁଅ ଘାଣ୍ଟି ଘାଣ୍ଟି ସେମାନେ ନିଜେ ନିଜକୁ ବି ଚିହ୍ନିବା ଅବସ୍ଥାରେ ରହନ୍ତି ନାହିଁ । କିଛିଦିନ ସେଠାରେ କାମ କରିବା ପରେ ଇଟାଭାଟି ବନ୍ଦହୁଏ । ବନ୍ଦୀମାନେ ଯିଏ ଯେଉଁଠୁ ଆସିଥିଲେ ସେଠିକୁ ଫେରି ଯାଆନ୍ତି । ଉଲ୍ଲାସକରଙ୍କୁ କିନ୍ତୁ ସେଠାରୁ ଛୁଟି ମିଳେନି । ଅଧିକାରୀମାନଙ୍କ ଦ୍ୱେଷର ଶିକାର ହୋଇଥିବାରୁ ତାଙ୍କୁ ସେଠାରେ ରହିବାକୁ ପଡ଼େ । ସେଠିକାର ପାହାଡ଼ ପାଦଦେଶରେ ଗୋଟିଏ ପୋଖରୀ ଥାଏ । ସେଇ ପୋଖରୀରୁ ପାଣି ବୋହି ପାହାଡ଼ ଉପରେ ଥିବା ଓଭରସିଅରଙ୍କ ବଙ୍ଗଳାକୁ ପହଞ୍ଚାଇବାର କାମ ଦିଆଯାଏ ତାଙ୍କୁ । ପାହାଡ଼ ଉପରକୁ ଚଢ଼ିଲା ବେଳେ ପଥର ଉପରୁ ଗୋଡ଼ ଖସିଯିବାର ସମ୍ଭାବନା ଖୁବ୍ ଅଧିକ । ପାଣି ବୋହୁଥିବା ପାତ୍ରଟି ବି ଆକାରରେ କିଛି ଛୋଟ ନଥାଏ । ଭାରର ଦୁଇପାଖରେ ଦୁଇଟି କିରୋସିନି ଜାର୍‌ରେ ପାଣି ଭରି ତାକୁ କାନ୍ଧେଇ ଉପରକୁ ଚଢ଼ିବାକୁ ହୁଏ ।

ମନରେ କୌଣସି ପ୍ରକାର ଈର୍ଷାଭାବ ନରଖି ପାଣି ବୋହିବାରେ ଲାଗନ୍ତି ଉଲ୍ଲାସକର । ହେଲେ ଭଗ୍ନସ୍ୱାସ୍ଥ୍ୟ ତାଙ୍କ କାର୍ଯ୍ୟରେ ବାଧାଦିଏ । ତାଙ୍କ ଅବସ୍ଥା ଏତେ ସାଂଘାତିକ୍ ହୋଇଯାଏ ଯେ ଶେଷକୁ ପେଟି ଅଫିସର ପାଖକୁ ଯାଇ ସେ କାମ କରି ପାରିବେନି ବୋଲି କହନ୍ତି । ଜଣେ ବନ୍ଦୀ କାମ କରିବାକୁ ପୁଣି ମୁହେଁ ମୁହେଁ ମନା କରିଦେବ ? କି ସାହସ ତାର ! କଥା ଯାଇ ଓଭରସିଅରଙ୍କ ପାଖରେ ପହଞ୍ଚେ । ଭାଇପର୍ ଦ୍ୱୀପରେ ଥିବା ମିଷ୍ଟର ଲେୱିସ୍‌ଙ୍କ କୋର୍ଟକୁ ତାଙ୍କୁ ଚାଲାଣ କରିଦିଆଯାଏ । ଭାଇପର ଜେଲ୍‌ରେ ରାତିରେ ରହି ସେ ତହିଁ ପରଦିନ ସକାଳୁ ମିଷ୍ଟର ଲେୱିସ୍‌ଙ୍କ କୋର୍ଟରେ ହାଜର ହୁଅନ୍ତି । ଜଜ୍‌ଙ୍କ ଆଗରେ ସିଧା ସଳଖ କହିଦିଅନ୍ତି ଯେ ଶାରିରୀକ ଶ୍ରମ କରିବା ଯୋଗୁଁ ଅସୁସ୍ଥ ହୋଇ ପଡୁଥିବାରୁ ସେ କୌଣସି ପ୍ରକାରର ପରିଶ୍ରମ କରିବେ ନାହିଁ । ଜଜ୍ ଯେତେ ବୁଝାଇଲେ ବି ସେ ବୁଝିବାକୁ ନାରାଜ୍ । ଶେଷକୁ ତାଙ୍କୁ ତିନିମାସ ପାଇଁ କଠିନ କାରାଦଣ୍ଡରେ ଦଣ୍ଡିତ କରିବାର ନିଷ୍ପତ୍ତି ଶୁଣାଇ ସେଲ୍ୟୁଲାର ଜେଲ୍ ଭିତରକୁ ପଠାଇ ଦିଆଯାଏ । କାମ ନକରିବାକୁ ସିଧାସଳଖ ମନା କରି ଜେଲ୍‌କୁ ଫେରି ଆସିଥିବାରୁ ଜେଲର୍ ବାରୀ ସାହେବ୍ ଖୁବ୍ ରାଗିଯାଇ ଚିତ୍କାର କରି କହନ୍ତି, "ଏଇଟା ଜେଲ୍ । ତୁମେ ଏଠାକୁ ଦଣ୍ଡ ଭୋଗ କରିବାକୁ ଆସିଛ, ଖାଇ ପିଇ ସାଙ୍ଗ ସାଥୀଙ୍କ ସହ ମୌଜ୍ କରିବାକୁ ନୁହେଁ । ଜେଲ୍ ବାହାରେ କିଛି କାମ ନକରି ଦେହ ଖରାପର ବାହାନା କଲେ ଚଳିଯିବ ହେଲେ ଏଠାରେ ତାହା ଚଳିବନି । ଏଠି କାମ କରିବାକୁ ମନା କଲେ ଭୀଷଣ ଯନ୍ତ୍ରଣା ପାଇବ ଏତିକି ଜାଣିଥାଅ । ପ୍ରଥମ ଥର ମନା କରିବାର ଦଣ୍ଡ ଠିଆ ହାତକଡ଼ି ଲଗାଇ କାନ୍ଥରେ ଟଙ୍ଗାହେବ । ଦ୍ୱିତୀୟ ଥର ମନାକଲେ ବାର୍ ଫେଟର୍ସ ଲଗାଇ କୋଠରୀ ଭିତରେ ରଖାଯିବ । ଆଉ ତୃତୀୟଥର ମନା କଲେ ତିରିଶ ଥର ବେତ ପ୍ରହାର । ବେତପ୍ରହାର ମାନେ ଜାଣିଛ ତ ? ଆଚ୍ଛା ଆଚ୍ଛା ଲୋକ ବି ଗୋଟିଏ ପ୍ରହାର ସହିବା ମୁସ୍କିଲ । ଥରକେ ଇଞ୍ଚେରୁ ଅଧିକ ଗଭୀର କ୍ଷତ ସୃଷ୍ଟି ହେବ ତୁମ ପିଠିରେ ।" ଏଭଳି ନାନା କଥା କହି ସେ ଭୟ ଦେଖାଇ ଉଲ୍ଲାସକରଙ୍କୁ କାମ ପାଇଁ ରାଜି କରେଇବାକୁ ଚେଷ୍ଟା କରନ୍ତି । ଇୟେ କିନ୍ତୁ ନଛୋଡ଼ବନ୍ଧା । ଦୃଢ଼ତାର ସହ କହନ୍ତି, "ଆପଣ ୩୦ ବେତ କଥା କହୁଛନ୍ତି ତ ? ଚେଷ୍ଟା କରି ଦେଖନ୍ତୁ । ମୋ ଶରୀରକୁ ଖଣ୍ଡ ଖଣ୍ଡ କରି କାଟିଦେଲେ ବି ଆପଣ ମୋତେ କାମ କରିବାକୁ ରାଜି କରେଇ ପାରିବେନି । ଏମିତି ମରିବି ନହେଲେ ସେମିତି ମରିବି । ମରିବା ହିଁ ଯଦି ମୋ ନିୟତି ତେବେ ବ୍ରିଟିଶ୍‌ରାଜ୍‌ର ଅନୁଗତ ହୋଇ କାମ କରିବି କାହିଁକି ?"

ଜେଲର୍ ବାରୀ ସାହେବ୍ ତାଙ୍କୁ ସାତଦିନ ପାଇଁ ଠିଆକଡ଼ି ଲଗାଇବାର ଆଦେଶ ଦିଅନ୍ତି । ତାଙ୍କ କୋଠରୀ ସାମ୍ନା ବାରଣ୍ଡାରେ ହାତରେ ହାତକଡ଼ି ପିନ୍ଧାଇ କାନ୍ଥ ଆଡ଼କୁ ମୁହଁ କରି କାନ୍ଥରେ ଲାଗିଥିବା ହୁକ୍‌ରେ ଝୁଲେଇ ଦିଆଯାଏ । ବନ୍ଦୀକୁ ସେଇମିତି ଅବସ୍ଥାରେ ୫/୬ ଘଣ୍ଟା ଛିଡ଼ା ହେବାକୁ ପଡ଼େ । ଖାଇବା ପାଇଁ କିଛି ସମୟ ଖୋଲି ଦିଆଯିବା ପରେ ପୁଣି ସେଇମିତି ଛିଡ଼ା କରେଇ ଦିଆଯାଏ । ଉଲ୍ଲାସକରଙ୍କ ଉପରେ ପ୍ରଖର ସୂର୍ଯ୍ୟକିରଣ ପଡ଼ିବାରୁ ତାଙ୍କୁ ଭାରି ଅସ୍ୱସ୍ତିକର ବୋଧହୁଏ । ତା'ପରେ ଆସ୍ତେ ଆସ୍ତେ ଦେହରେ ଭରିଯାଏ ତାତି । ପେଟି ଅଫିସର ପାଞ୍ଚଘଣ୍ଟା ପରେ ଖୋଲିବାକୁ ଆସିବାରୁ ଦେଖେ ଉଲ୍ଲାସକର ସେଇ ଛିଡ଼ା ହୋଇଥିବା ଅବସ୍ଥାରେ ବେହୋସ୍ ହୋଇଯାଇଥିବା ବେଳେ ତାଙ୍କ ଦେହ ଜଳନ୍ତା ଅଙ୍ଗାର ଭଳି ଉତ୍ତପ୍ତ । ଡାକ୍ତର ଆସି ମାପିଲା ବେଳକୁ ୧୦୭° । ଠିଆକଡ଼ି ଖୋଲିଦେଇ ତାଙ୍କୁ କୋଠରୀ ଭିତରେ ନେଇ ଶୁଆଇ ଦିଆଯାଏ । ତିନି ଚାରିଘଣ୍ଟାପରେ ବି ତାଙ୍କର ଚେତା ନଫେରିବାରୁ ତାଙ୍କୁ ଜେଲ୍ ଭିତରେ ଥିବା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଏ । ଡାକ୍ତରଙ୍କ ଚିକିତ୍ସା ଯୋଗୁଁ ସକାଳକୁ ତାଙ୍କ ଦେହରୁ ତାତି ଓହ୍ଲାଇଯାଏ ସିନା ହେଲେ ଉଲ୍ଲାସକର ଆଉ ଉଲ୍ଲାସକର ହୋଇ ରହି ନଥାନ୍ତି । ସେ ହରେଇ ସାରିଥାନ୍ତି ତାଙ୍କ ମାନସିକ ଭାରସାମ୍ୟ । ପାଗଳାମୀର ଲକ୍ଷଣ ଦେଖି ତାଙ୍କୁ ଇଲେକ୍ଟ୍ରିକ୍ ସକ୍ ଦିଆଯାଏ ଯାହା ଗୋଟାପଣେ ଝୁଣିଦିଏ ତାଙ୍କ ଶରୀରକୁ । ମାତ୍ରାଧିକ ଯନ୍ତ୍ରଣାରେ ଗଳା ଫଟାଇ ଚିତ୍କାର କରିବାରୁ ସାରା ସେଲ୍ୟୁଲାର ଜେଲ୍ ଥରିଉଠେ । ତିନିଦିନ ପରେ ଟିକିଏ ସାମାନ୍ୟ ହୁଅନ୍ତି ଉଲ୍ଲାସକର । ଲାଗ୍ ଲାଗ୍ ସକ୍ ଦିଆଯାଇଥିବାରୁ ସେ ଖୁବ୍ ଦୁର୍ବଳ ଅନୁଭବ କରୁଥାନ୍ତି । ଚାଲିବା ପାଇଁ ବି ଶକ୍ତି ନଥାଏ ତାଙ୍କର । ତାଙ୍କୁ ଡାକ୍ତରଖାନା ୱାର୍ଡ଼ରୁ ନେଇ ଗୋଟେ ଛୋଟ କୋଠରୀ ଭିତରେ ଶୁଏଇ ଦିଆଯାଏ । ସେଇ କୋଠରୀ ଭିତରେ ଏକା ପଡ଼ିଥିବା ବେଳେ ନାନା ପ୍ରକାର ଅବାନ୍ତର ଭାବନା ଆସି ତାଙ୍କୁ ବ୍ୟତିବ୍ୟସ୍ତ କରିବାକୁ ଲାଗେ । ତାଙ୍କ ପରିବାରର ସମସ୍ତ ଆତ୍ମୀୟ ସ୍ୱଜନ କିଭଳି ଦୁଃସମୟ ଦେଇ ଗତିକରୁଛନ୍ତି ତାହା ତାଙ୍କୁ ଦୃଶ୍ୟହୁଏ । ସମସ୍ତଙ୍କର ଦୁର୍ଦ୍ଦଶାର କାରଣ କେବଳ ସେ ନିଜେ । ସେ କିନ୍ତୁ କାହାରି ପାଇଁ କିଛି ବି କରି ପାରୁ ନଥିବାରୁ ଖୁବ୍ ଅସହାୟ ବୋଧ କରନ୍ତି । ନିଜ ଲୋକଙ୍କର କିଛି ଉପକାରରେ ନଆସି ଯଦି ସେମାନଙ୍କ ଦୁର୍ଦ୍ଦଶାର କାରଣ ହେଲେ ତେବେ ଆଉ ବଞ୍ଚିରହି ଲାଭ କ'ଣ, ବରଂ ମୃତ୍ୟୁବରଣ କରିବା ଶତଗୁଣେ ଭଲ । ସେ ଆତ୍ମହତ୍ୟା କରିବାକୁ ମନେ ମନେ ନିଷ୍ପତ୍ତି ନିଅନ୍ତି । ବିଛାଇବାକୁ ଦିଆଯାଇଥିବା କମ୍ବଳରୁ ସୁତା କାଢ଼ି ତହିଁରେ ଏକ ମୋଟା ଦଉଡ଼ି ତିଆରି କରନ୍ତି । ୬ ଫୁଟ ଉଚ୍ଚତାରେ ଥିବା ଗୋଟିଏ ଝରକାରେ ଦଉଡ଼ିଟିକୁ ବାନ୍ଧି ତହିଁରେ ଫାଶଟିଏ କରି ମୁଣ୍ଡ ଗଳାଇବାକୁ ଗଲାବେଳେ ଶୁଭେ କାହାର ପାଦଶବ୍ଦ.... ।
(କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୦ ଜୁଲାଇ, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ସ୍ମରଣୀୟେଷୁ...

# ଆମ୍ବଗଛର ବିଶ୍ୱକର୍ମା- କଲିମୁଲ୍ଲା ଖାଁ ସାହେବ



ଆମ୍ବ ଗଛ ଭଳି ଗଛଟିଏ ନାହିଁ ପୃଥିବୀରେ । ଫଳମାନଙ୍କ ମଧ୍ୟରେ ରାଜା ହେଲା ଆମ୍ବ । ଆମ୍ବ ଆମର ରାଷ୍ଟ୍ରୀୟ ଫଳ । କିଏ ଅବା ଭଲ ନ' ପାଆନ୍ତି ତା'କୁ ? କିଏ କେତେ ପ୍ରଶଂସା ନ' କରନ୍ତି ତା'ର । ଦିନେ ପ୍ରସିଦ୍ଧ କବି ଅମୀର୍ ଖୁସ୍ରୁ କହିଥିଲେ 'ଆମ୍ବ ହେଉଛି ସବୁଠାରୁ ସୁନ୍ଦର ଭାରତୀୟ ଫଳ' ।

କାହିଁ କେଉଁ ଅନାଦି କାଳରୁ ଆମ୍ବ ଫଳାଇ ଆସୁଛି ଭାରତ । ପୁରାଣ ଶାସ୍ତ୍ରରେ ମଧ୍ୟ ଏହାର ବର୍ଣ୍ଣନା ରହିଛି । ଶିବଙ୍କର ଏକାମ୍ର କାନନ ହେଉ ବା ରୂପସୀ ଦ୍ରୌପଦୀଙ୍କର ସତ୍ୟ ଆମ୍ବ ଉପାଖ୍ୟାନ ହେଉ, ଅନନ୍ତ କାଳରୁ ଯେ ଆମ୍ବ ଫଳର ସ୍ଥିତି ରହିଛି ଏହା ସତ୍ୟ । ମଣିଷ ସଭ୍ୟ ହେବା ଦିନୁଁ ସେଇ ଆମ୍ବ ଗଛର ଉନ୍ନତି କରଣ କରିବାରେ ଲାଗି ପଡିଛି । ଭଳି କି ଭଳି ଆକାର, ପ୍ରକାର, ସ୍ୱାଦର ଆମ୍ବ ଚଳେଇବାରେ ଲାଗିଛି । ସେଇଥିପାଇଁ ତ ଆଜି ବିଶ୍ୱ ରେ ଆମ ଭାରତ ଏକ ନମ୍ବର ଆମ୍ବ ରପ୍ତାନୀ କରୁଥିବା ଦେଶ । କିଛି ଆମ୍ବଚାଷୀ ମାନଙ୍କ ପାଇଁ ଆମ୍ବ କଲମୀ କରିବା ବ୍ୟବସାୟ ହୋଇଥିବା ବେଳେ ଆଉ କିଛି ଆମ୍ବଚାଷୀ ମାନଙ୍କ ରୁଚି ଏବଂ ନିଶା ପାଲଟି ଯାଇଛି ଆମ୍ବର କଲମୀ । ଏମିତି ଜଣେ ଆମ୍ବକୁ ଭଲ ପାଉଥିବା, କିସମ କିସମର ଆମ୍ବକୁ ନେଇ କଲମୀ କରିବାର ନିଶାରେ ଅବିରତ ଗବେଷଣାରେ ମଜ୍ଜି ରହୁଥିବା ମଣିଷ ହେଲେ "ଭାରତର ଆମ୍ବ ମଣିଷ" ଆଖ୍ୟା ପାଇଥିବା ଲକ୍ଷ୍ନୌର ପଦ୍ମଶ୍ରୀ କଲିମୁଲ୍ଲା ଖାଁ ସାହେବ ।

ଉତ୍ତର ଭାରତର ଲକ୍ଷ୍ନୌ ସହରରେ ମଲିହାବାଦ୍ ହେଉଛି ଭାରତର ଆମ୍ବ ଚାଷୀଙ୍କ ଭୂଖଣ୍ଡ । ବିଶ୍ୱର ଚାଳିଶି ପ୍ରତିଶତ ଆମ୍ବ ଏଇଠାରୁ ହିଁ ରପ୍ତାନୀ ହୋଇଥାଏ ବିଦେଶକୁ । ମଲିହାବାଦ୍‌ରେ କଲିମୁଲ୍ଲା ଖାଁ ସାହେବଙ୍କର ରହିଛି ଦଶ ହଜାର ହେକ୍ଟର୍ ପରିମିତ ଆମ୍ବ ବଗିଚା ଯେଉଁଠି ରହିଛି ତାଙ୍କର ହଜାର ହଜାର କଲମୀ ଆମ୍ବ ଗଛ । ଏଥିରେ ସେ ଫଳାଉଛନ୍ତି ହଜାର ହଜାର କିସମର କଲମୀ ଆମ୍ବ । ଏବେ ଅଶୀତିପର ବୟସରେ ମଧ୍ୟ ସେ ଆମ୍ବ ଗଛ କଲମୀ କରିବାରେ ସାରାଦିନ ବ୍ୟସ୍ତ ରହନ୍ତି । ଏହି ବଗିଚାର ବିଶେଷତ୍ୱ ହେଲା ଏଠାରେ ଦଶହରି, ବୈଗନାପଲ୍ଲୀ, ଆମ୍ରପଲ୍ଲୀ, ହିମସାଗର, ଲେଙ୍ଗଡା , ଇତ୍ୟାଦି ଇତ୍ୟାଦି ବିଭିନ୍ନ ଦେଶୀୟ ଆମ୍ବ ସହିତ ରହିଛି ବିଶ୍ୱ ର ସବୁଠୁ ରସାଳ, ସବୁଠୁ ଦାମିକା ଆଲ୍ଫାନସୋ ଏବଂ ଆହୁରି ରହିଛି କଲିମୁଲ୍ଲା ସାହେବଙ୍କ ହାତରେ କଲମୀ ହୋଇଥିବା ବିଚିତ୍ର କଲମୀ ଆମ୍ବ ଗଛ ସବୁ । ଗୋଟିଏ ଗଛରେ ରହିଛି ଭିନ୍ନ ଭିନ୍ନ ରକମର ଶାଖା ପ୍ରଶାଖା ଆଉ ସେଥିରେ ଫଳିଥିବା ବିଭିନ୍ନ ଆକାର ପ୍ରକାର ଓ ରଙ୍ଗବେରଙ୍ଗର ଆମ୍ବ ସବୁ, ଯାହାକୁ ଥରେ ଦେଖିଲେ ଆଖି ଖୋସି ହୋଇଯିବ ଆଶ୍ଚର୍ଯ୍ୟରେ ।

ଗୋଟିଏ ଗଛର ଶାଖା ଗୁଡ଼ିକରେ କେଉଁଠି ନାଲି ତ କେଉଁଠି ହଳଦୀ, କେଉଁଠି ହାଲକା ସବୁଜ ତ କେଉଁଠି କମଳା ରଙ୍ଗର ଆଉ କେଉଁଠି ଗାଢ ଗୋଲାପି ରଙ୍ଗର ଆମ୍ବ ସବୁ ପେନ୍ଥି ପେନ୍ଥି ହୋଇ ଝୁଲୁଛନ୍ତି ସ୍ୱର୍ଗର ନନ୍ଦନ କାନନ ଭଳି । ସେସବୁ କଲିମୁଲ୍ଲା ସାହେବଙ୍କ ହାତର କମାଲ୍ । ତାଙ୍କର ଦୀର୍ଘ ଦିନର କଠୋର ଅଧ୍ୟବସାୟର ଫଳ । ଆଜି ମଧ୍ୟ ସାରା ଦିନ ସେଇ ଆମ୍ବ ତୋଟାରେ ଏକ ସୁଦୃଶ୍ୟ ଚାନ୍ଦୁଆ ତଳେ ପଡିଥିବା ତକ୍ତପୋଷଟି ଉପରେ ବସି ନିଜର ପୁଅ, ନାତି ଆଉ ଫାର୍ମ୍ ର କର୍ମଚାରୀମାନଙ୍କ ଗହଣରେ ଆମ୍ବ ଉପରେ ହିଁ କାମ କରୁଥାଆନ୍ତି ସେ । ଏ ବୟସରେ ସେ କେମିତି ଏତେ କର୍ମଚଞ୍ଚଳ ଅଛନ୍ତି ବୋଲି ପଚାରିଲେ ହସନ୍ତି କଲିମୁଲ୍ଲା ସାହେବ । ଆକାଶ ଆଡକୁ ଚାହିଁ ସେ କହନ୍ତି.....'ସେ ବଡ ଗମ୍ଭୀର କଥା' ମୁଁ ସତର ବୟସରେ ମାଟ୍ରିକ୍ ପରୀକ୍ଷାରେ ଫେଲ୍ ହେବାରୁ ମୋ' ବାପା ରାଗରେ ମତେ ଜେଜେ ବାପାଙ୍କ ସହିତ ଆମର ଏଇ ପୈତୃକ ଆମ୍ବ ତୋଟାରେ କାମ କରିବା ପାଇଁ ପଠାଇଦେଲେ । ସେତେବେଳେ ମାତ୍ର ବାଇଶି ଏକରର ବଗିଚା ଥିଲା ଇଏ । ମୁଁ ଜେଜେ ବାପାଙ୍କ ସହିତ ଏଠାରେ କାମ କରୁ କରୁ ଏଇ ଆମ୍ବ ଗଛ ମାନଙ୍କ ପ୍ରେମରେ ପଡିଗଲି । ଥରେ ବହୁତ ଜୋର୍‌ରେ ଝଡ ବାତ୍ୟା ହୋଇ ଆମ ବଗିଚାଟି ଛାରଖାର ହୋଇଗଲା । ବହୁତ ଆମ୍ବ ଗଛ ଉପୁଡି ପଡିଲେ ଆଉ ଅଧେ ଭାଙ୍ଗି ରୁଜି ନଷ୍ଟ ହୋଇଗଲେ । ମୋ' କିଶୋର ମନରେ ଖୁବ୍ କଷ୍ଟ ହେଲା । ମୁଁ ଖୁବ୍ କାନ୍ଦିଲି, ମନେ ମନେ ଖୁବ୍ ଝୁରିହେଲି ଆମ ବଗିଚାର ଆମ୍ବ ଗଛ ମାନଙ୍କୁ । ମନରେ ସ୍ଥିର କଲି, ଯେତିକି ଗଛ ଭାଙ୍ଗିଛି ତା'ର ଦୁଇଗୁଣ ଗଛ ନିଶ୍ଚୟ ଉତ୍ତାରିବି ଏଇ ବଗିଚାରେ ।

ଆମ ବଗିଚାରେ ବାତ୍ୟାରେ ଉପୁଡି ପଡିଥିବା ଗୋଟିଏ ଶହେବର୍ଷର ଆମ୍ବ ଗଛ ମୋ'ର ଅତି ପ୍ରିୟ ଥିଲା । ସ୍କୁଲ୍ ରେ ପଢିଲା ବେଳେ ଜଣେ ଧନୀ ଘରର ସାଙ୍ଗ ଘରେ ଗୋଲାପ ଗଛ କଲମୀ ହେବାର ଦେଖିଥିଲି, ସେଇ ପ୍ରକ୍ରିୟାରେ ତାଙ୍କର ଗୋଟିଏ ଗଛରେ ଭିନ୍ନ ଭିନ୍ନ ରଙ୍ଗର ସୁନ୍ଦର ସୁନ୍ଦର ଗୋଲାପ ଫୁଲ ଫୁଟାଉଥିଲା ତାଙ୍କର ମାଳୀଟି । ମୋ'ର ପ୍ରିୟ ଆମ୍ବ ଗଛର ଡାଳକୁ ନେଇ ସେଇ ମାଳୀ ଭଳି କଲମୀ କରି ଆଉ ଗୋଟିଏ ଗଛରେ ତା'କୁ ବଞ୍ଚାଇ ରଖିବି ବୋଲି ଚିନ୍ତା କଲି । ଦିନ ରାତି ଏକ କରି ଲାଗି ପଡିଲି ସେଇ କାମରେ । କାଳେ ସଫଳତା ମିଳିବ କି ନମିଳିବ ସେଇ ଭୟରେ ଘରେ କାହାକୁ ଜଣାଉ ନଥାଏ ।

କିଛି ଦିନ ପରେ ସେଇ କଲମୀ ଗଛରେ ବଉଳ ଧରିଲା । ଧୀରେ ଧୀରେ ଆମ୍ବ ଚଣା ବଡ ହେଲା । ଦିନେ ମୁଁ ଦେଖିଲା ବେଳକୁ ମୂଳ ଗଛର ଆମ୍ବ ଲମ୍ବାଳିଆ ଥିବା ବେଳେ କଲମୀ ଗଛର ଫଳଟି ଗୋଲ୍ ଆକାର ହୋଇଛି । ଫଳ ପାଚିବା ବେଳକୁ ଦେଖିଲି ସିଏ ତା' ମୂଳ ଗଛର ଫଳ ଭଳି ନାଲି ନହୋଇ ମୋ'ର ପ୍ରିୟ ପୁରୁଣା ଆମ୍ବଟି ଭଳି ହଳଦୀ ଟହ ଟହ ହୋଇଛି । ମୋ' ଖୁସିର ସୀମା ରହିଲା ନାହିଁ । ଘରେ ସମସ୍ତଙ୍କୁ ଡାକି ଦେଖାଇଲି ମୋ'ର କାରିଗରୀ । ସମସ୍ତେ ଖୁସି ହେଲେ, ବାଃ ବାଃ କଲେ । ମୋ'ର ମନୋବଳ ବଢିଲା । ମୁଁ ଦୁଇଗୁଣା ଆଗ୍ରହ ନେଇ କାମ କରି ଚାଲିଲି ।

ସେଇ ଭଳି କଲମୀ କରି ଅନେକ ଅନେକ ଗଛ ତିଆରି କଲି ମୁଁ । ସେଇ କଳା ପରିବାରର ଅନ୍ୟ ମାନଙ୍କୁ ମଧ୍ୟ ଶିଖେଇଲି । ଉଣେଇଶହ ସତାଅଶୀ ମସିହାରେ କଲମୀ ଉପରେ ପରୀକ୍ଷା ନିରୀକ୍ଷା କରି ମୁଁ ବହୁତ ପୁରୁଣା ଗଛମାନଙ୍କରେ ନୂଆ କିସମର ଗଛକୁ କଲମୀ କରି ନୂଆ ନୂଆ ପ୍ରଜାତିର ଅନେକ ଆମ୍ବ ଗଛ ଉତ୍ତାରିଲି ଆମ ବଗିଚାରେ । ତା'ର ନାଆଁ ଦେଲି "ଅଲ୍ ମୁକର" । ଏବେ ପ୍ରାୟ ସେଇ ଭଳି ହଜାରେ ପ୍ରକାରର ଆମ୍ବଗଛ ଅଛି ଆମ ବଗିଚାରେ । ଆଜି ଗୋଟିଏ ଗଛରେ ତିନିଶହ ପ୍ରକାରର ଆମ୍ବ ଫଳାଇ ପାରିଛି ମୁଁ । ଏଇଠୁ ସବୁ ଦେଶ ବିଦେଶକୁ ରପ୍ତାନୀ ହେଉଛି । ଖାଲି ସେତିକି ନୁହେଁ ଫଳ ଅମଳ ହେବା ବେଳେ ମୋ ବଗିଚାକୁ ଅନେକ ଲୋକ ବୁଲି ଆସନ୍ତି, ଫଳ ଦେଖି ଖୁବ୍ ଆନନ୍ଦ ଅନୁଭବ କରନ୍ତି । ସେମାନଙ୍କୁ ମାଗଣାରେ ସେଇ ଫଳ ସବୁ ଖାଇବାକୁ ଦେଉ ଆମେ । ଖୁବ୍ ଖୁସି ହୁଅନ୍ତି ସେମାନେ । ମୁଁ ଜାଣେ ପ୍ରକୃତି ମାଆ ସମସ୍ତଙ୍କର, ସମସ୍ତେ ତା'ର ସନ୍ତାନ, ତେଣୁ ଏ ବଗିଚାକୁ ଆସୁଥିବା ମଣିଷ, ପଶୁପକ୍ଷୀ ସମସ୍ତଙ୍କର ଅଧିକାର ଅଛି ଏହାକୁ ଉପଭୋଗ କରିବା ପାଇଁ ।

ଏବେ କଲମୀ କରିବା ସହିତ ଅନେକ ନୂଆ କିସମର ଆମ୍ବ ମଧ୍ୟ ଫଳାଇଛି ମୁଁ । ଉଣେଇଶହ ଅନେଶୋତ ମସିହାରୁ ରାଷ୍ଟ୍ରପତିଙ୍କ ବାସଭବନରେ ଥିବା ମୋଗଲ ଗାର୍ଡେନ୍ ର ଶୋଭା ବର୍ଦ୍ଧନ କରି ଗୋଟିଏ ଗଛରେ ଚଉବନ ପ୍ରକାର ଆମ୍ବ ଫଳାଇ ପାରୁଥିବା ଗଛ ଟି ମୋ'ରି କଲମୀ କାରିଗରୀ ର ନମୁନା । ମୋ' ଦ୍ୱାରା ପ୍ରସ୍ତୁତ କଲମୀ ଆମ୍ବ ମାନଙ୍କ ର ଖୁବ୍ ସୁନ୍ଦର ନାମକରଣ ମଧ୍ୟ ମୁଁ କରିଥାଏ । ଗୋଟିଏ ଆମ୍ବ ମୁଁ ଆମ କିମ୍ବଦନ୍ତୀ କ୍ରିକେଟର୍ ସଚିନ୍ ତେନ୍ଦୁଲକର୍ ଙ୍କ ନାମରେ "ସଚିନ୍" ବୋଲି ନାମିତ କରିଥିଲି, ଏହା ଜାଣିବା ପରେ ସେ ନିଜେ ଖୁବ୍ ଖୁସି ହୋଇ ମୋତେ ଫୋନ୍ କରି ବଧାଇ ଜଣାଇଥିଲେ । ପୁନଶ୍ଚ ଆମ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନାମରେ ଗୋଟିଏ ନୂଆ ପ୍ରଜାତିର "ନମୋ" ଆମ୍ବ ଏବଂ ବିଶ୍ୱ ସୁନ୍ଦରୀ ଐଶ୍ୱର୍ଯ୍ୟା ରାୟଙ୍କ ନାମରେ "ଐଶ୍ୱର୍ଯ୍ୟା" ଆମ୍ବ ଉତ୍ତାରିଛି । ବଜାରରେ ଖୁବ୍ ଚାହିଦା ରହିଛି ଏଇ ଦୁଇ ପ୍ରଜାତିର ଆମ୍ବର । ଏବେ ଏଇ ନିକଟରେ ମୁଁ "ଡାକ୍ତର" ଆଉ "ପୋଲିସ୍" ବୋଲି ଦୁଇଟି ଆମ୍ବର ନାମକରଣ କରିଛି । ଏମିତି ନାମକରଣ କରି ସେମାନଙ୍କୁ ସମ୍ମାନିତ କରିଛି ବୋଲି ଭାବୁଛି, ଖୁବ୍ ଭଲ ଲାଗୁଛି ମତେ ।

ମୋ'ର ଏଇ ଆମ୍ବ କଲମୀ କାରିଗରୀ ପାଇଁ ଆଜି ଭାରତ ସରକାର ମୋତେ ସମ୍ମାନସୂଚକ ପଦ୍ମଶ୍ରୀ ଉପାଧି ରେ ଭୂଷିତ କରିଛନ୍ତି , ଲିମକା ବୁକ୍ ଅଫିସ୍ ୱାର୍ଲଡ୍ ରେକର୍ଡ୍ ରେ ମୋ' ନାଆଁ ରହିଛି । ଦିନେ ମାଟ୍ରିକ୍ ପରୀକ୍ଷାରେ ପାଶ୍ କରି ପାରିନଥିବା ପିଲା ପାଇଁ ଇଏ କ'ଣ କମ୍ ଗୌରବର ବିଷୟ ? ମୁଁ ମଧ୍ୟ ଖୁବ୍ ଖୁସି । ଏଥିରେ ମୋ'ର ଏବଂ ମୋ' ଦେଶର ଆୟ ବଢିବା ସହ ସମ୍ମାନ ମଧ୍ୟ ବଢୁଛି । କଲିମୁଲ୍ଲା ଖାଁ ସାହେବ କହନ୍ତି 'ମୁଁ ଚାହେଁ ମୃତ୍ୟୁ ପରେ ମଧ୍ୟ ଲୋକମାନଙ୍କ ହୃଦୟ ରେ ମୁଁ ବଞ୍ଚି ରହିବି ମୋ' ହାତରେ କଲମୀ ହୋଇଥିବା ଏଇ ଆମ୍ବ ମାନଙ୍କ ଜରିଆରେରେ । ପ୍ରକୃତି ମାଆ ଯେମିତି ଖାଲି ଦେଇ ଜାଣେ ତା'ର ସନ୍ତାନ ମାନଙ୍କର ମଙ୍ଗଳ ପାଇଁ ମୁଁ ସେମିତି ମଣିଷ ମାନଙ୍କ କଲ୍ୟାଣ ପାଇଁ ଏଇ କଳାକୁ ଛାଡି ଦେଇ ଯିବି । ତାହା ଯୁଗ ଯୁଗାନ୍ତର ଯାଏଁ ରହିଥିବ ମୋର ସ୍ମୃତି ହୋଇ ।'

ଧନ୍ୟ ଧନ୍ୟ ତୁମେ ପଦ୍ମଶ୍ରୀ କଲିମୁଲ୍ଲା ଖାଁ ସାହେବ ! ତୁମେ ଖାଲି ଆମ୍ବ ଗଛର ବିଶ୍ୱକର୍ମା ନୁହେଁ, ତୁମେ ସାରା ମଣିଷ ଜାତିର ଗର୍ବ ।



ଆଲେଖ୍ୟ : ସୁଷମା ପରିଜା
ଶାରଳା ଭବନ, ପୋତାପୋଖରୀ
ନୂଆବଜାର, କଟକ

## ସ୍ମୃତି ଶତଦଳ ୨୪୮

# ମେଡିକାଲ କଲେଜରେ ଶିକ୍ଷକ



ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଚାମ୍ବରରେ ସକାଳୁ ବସି ରୋଗୀ ପରୀକ୍ଷା କଲାବେଳେ ସେଇ ଝିଅରି ବର୍ଷକର ପୁଅ ତା'ସ୍ୱାମୀଙ୍କ କୋଳରେ ଛଟପଟ ହୋଇ କାନ୍ଦୁଥିବାର ଦେଖିଲି । ରୋଗୀକୁ ଦେଖିସାରି ପ୍ରେସକ୍ରିପସନ ଲେଖିଲା ବେଳେ ଲକ୍ଷ୍ୟକଲି ପୁଅଟି କି ସୁନ୍ଦର ଖେଳୁଛି ଓ ହସୁଛି କାରଣ ତା' ହାତରେ ଅଛି ମା'ର ମୋବାଇଲ ଫୋନ । ଆଶ୍ଚର୍ଯ୍ୟ କଥା ବର୍ଷକର ଶିଶୁ ମୋବାଇଲ ଫୋନ ଚଲେଇବା କେମିତି ଜାଣି ପାରିଲା ? ସତରେ ଆଧୁନିକ ଜୀବନଚର୍ଯ୍ୟା ଓ ବିଜ୍ଞାନ ସତରେ ଆମକୁ କେଉଁଠି ନେଇ ପହଞ୍ଚାଇ ଦେଲା ? ଏବେ କାହାପାଖରେ ବିନ୍ଦୁଏ ମାତ୍ର ସମୟ ନାହିଁ । ସମସ୍ତେ ବ୍ୟସ୍ତ, ସମସ୍ତଙ୍କ ମୁହଁରେ ସଂକ୍ଷିପ୍ତ ବାକ୍ୟଟିଏ, "ସମୟ ତ ଆମ ହାତରେ ବିଲକୁଲ ନାହିଁ ।" ତେବେ ସମୟ ଗଲା କୁଆଡେ ? ଆମେ ସମୟକୁ ବ୍ୟବସ୍ଥିତ କରିବାକୁ ଟ୍ରେନରେ ନଯାଇ ପ୍ଲେନରେ ଯାଉଛେଁ ଅଥଚ ଟ୍ରେନରେ ଗଲାବେଳେ ଆମେ ପୃଥିବୀ ଓ ପ୍ରକୃତିର ଅଖଣ୍ଡ ଶୋଭା ଓ ସୌନ୍ଦର୍ଯ୍ୟ ଦେଖିବାର ସୌଭାଗ୍ୟ ହରାଇ ବସୁଛେଁ । ବନ, ଅରଣ୍ୟ ଓ ଝରଣାର ଅପୂର୍ବ ଦୃଶ୍ୟ ଦେଖି ମୁଗ୍ଧ ହେବା ପାଇଁ ଆମ ପାଖେ ସମୟ ନାହିଁ । ସମୟ ନାହିଁ ସବୁଜ ଘାସ ଶେଯରେ ମୋତି ଭଳି ଚକଚକ କରୁଥିବା ଟୋପା ଟୋପା କାକର ବିନ୍ଦୁମାନଙ୍କୁ ଅନାଇବା ବା' ପ୍ରଥମ ଆଷାଢର ଟୋପି ଟୋପି ବର୍ଷାରେ ଓଦା ହୋଇଥିବା ମାଟିର ସୁଗନ୍ଧରେ ବିଭୋର ହୋଇଯିବା । ସବୁ କିଛି ନିସ୍ପନ୍ଦ ଓ ନିଷ୍ପ୍ରାଣ ପାଲଟିଯାଇଛି, ଏ ସବୁ ଜିନିଷ ବୋଧ ହୁଏ ଗୋଟିଏ ଛୋଟ ମୋବାଇଲ ଫୋନ୍‌ର ଅପୂର୍ବ କରାମତି । ଏହା ସତ୍ତ୍ୱେ ମତେ ଯେତେବେଳେ ନର୍ସିଂ ଟ୍ୟୁଟରମାନେ ଅନୁନୟ କଲେ ଜଜ୍ ହେବା ପାଇଁ, ପ୍ରଥମେ ମୁଁ ଗୁଡାଏ ପ୍ରଶ୍ନ ତିଆରି କରି ଆମ ୟୁନିଟର ଡାକ୍ତରମାନଙ୍କୁ ନେଇ ବିଚାରକ ଆସନରେ ବସିଲି । ଆମେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲୁଁ, ନର୍ସି ଛାତ୍ରୀମାନେ ସୁନ୍ଦର ଉଚ୍ଚାରଣ ସହ ଇଂରାଜୀରେ ସବୁ ପ୍ରଶ୍ନର ଉତ୍ତର ଦେବା ସହ ଭଲ ଭାବରେ ମଡେଲିଂ ମଧ୍ୟ କରୁଥିଲେ ।

**ମହିଳାମାନେ ଯେକୌଣସି ପ୍ରଫେସନରେ ଥିଲେ ମଧ୍ୟ ପ୍ରଚୁର ଆତ୍ମବିଶ୍ୱାସ ଓ ଆତ୍ମ ସମ୍ମାନ ସହ ନିଜକୁ ସଂଚାଳିତ କରିବା ଉଚିତ୍ । ଏଥିରେ ଅନ୍ୟମାନଙ୍କ ଦୃଷ୍ଟିରେ ତଥା ନିଜ ଦୃଷ୍ଟିରେ ନିଜକୁ ଖୁବ୍ କନ୍‌ଫିଡେଣ୍ଟ ଲାଗେ । ପ୍ରଭୁ ଚାହିଁଲେ ଯେ, ନିଶ୍ଚିତ ଭାବରେ ଜଣେ ପ୍ରଚୁର ଆତ୍ମପ୍ରତ୍ୟୟ ଓ ପ୍ରଗାଢ ଆତ୍ମ ବିଶ୍ୱାସ ସହ ନିଜର ସମସ୍ତ କାମ କରିପାରିବ ଏବଂ ଏଥିରେ ସେ ନିଜକୁ ବହୁ ଉଚ୍ଚତର ସ୍ତରକୁ ନେଇ ଯାଇପାରିବ ଏଥିରେ ସନ୍ଦେହ ନାହିଁ ।**

ତେବେ, ସବୁ ପ୍ରଶ୍ନ ଭିତରେ ଗୋଟିଏ ଜିନିଷ ମୁଁ ପଚାରିଥିଲି "ଆମ ପ୍ରଫେସନରେ ପ୍ରତ୍ୟେକଟି ମିନିଟ ଖୁବ୍ ମୂଲ୍ୟବାନ । ରୋଗୀ, ସିରିୟସ ହେଲେ ମୁଣ୍ଡ କୁଣ୍ଡାଇବାକୁ ମଧ୍ୟ ସମୟ ନଥାଏ । ସେତେବେଳେ ଅନ୍ୟ କାମ ଗୁଡିକ ଯେତେ ଜରୁରୀ ହୋଇଥାଉ ପଛେ, ନିଜକୁ ଓ ପରିବାରକୁ ଭୁଲି ଘଣ୍ଟା ଘଣ୍ଟା ଠିଆ ହୋଇ ଆମକୁ ଚିକିତ୍ସା କରିବାକୁ ପଡିଥାଏ ଏବଂ ଠାକୁରଙ୍କ ଆଗରେ ରୋଗୀ ପାଇଁ ପ୍ରାଣଭିକ୍ଷା କରିବାକୁ ପଡିଥାଏ । ରୋଗୀଟି ବଞ୍ଚି ଗଲେ ଆନନ୍ଦରେ ମନ ଭରିଯାଏ । ତେଣୁ ଏ ସବୁ ଭିତରେ ସୌନ୍ଦର୍ଯ୍ୟବୋଧ ଓ ମଡେଲିଂ ପାଇଁ ସମୟ କାହିଁ ? ନର୍ସିଂ ପ୍ରଫେସନରେ ସୌନ୍ଦର୍ଯ୍ୟର ଉତ୍ତରଣ ପାଇଁ କାହିଁ ସମୟ ?" ତେଣୁ ମୋର ପ୍ରଶ୍ନଟି ଥିଲା ଆମ ପ୍ରଫେସନରେ ସୌନ୍ଦର୍ଯ୍ୟ କେତେ ଜରୁରୀ ? ଆଶ୍ଚର୍ଯ୍ୟ ଜନକ ଭାବରେ ଏବଂ ଖୁବ୍ ସଂଭ୍ରମତାର ସହ ଝିଅମାନଙ୍କର ଉତ୍ତର ଥିଲା "ଆମ ପ୍ରଫେସନରେ ମଧ୍ୟ ସୌନ୍ଦର୍ଯ୍ୟର ଜ୍ଞାନ ରହିବା ଖୁବ୍ ଜରୁରୀ । ଆମେ ଯଦି ଆମ ପୋଷାକ ଓ ସୌନ୍ଦର୍ଯ୍ୟ ରୁଚି ପାଇଁ ସଚେତନ ହେବା ଏବଂ ଏକ ପ୍ରେଜେଣ୍ଟେବଲ ପର୍ସନାଲିଟିର ଅଧିକାରିଣୀ ହେବା ତେବେ ରୋଗୀମାନଙ୍କର ଆମ ଉପରେ ବିଶ୍ୱାସ ଓ ଭରସା ବଢିଯିବ ତଥା ଆମର ନିଜ ଉପରେ ମଧ୍ୟ ଆତ୍ମବିଶ୍ୱାସ ଆହୁରି ବଢିଯିବ ।" ଆମ ବିଚାରକ ମଣ୍ଡଳୀର ପ୍ରତ୍ୟେକ ସଦସ୍ୟମାନଙ୍କୁ ଏ ସୁନ୍ଦର ଓ ରୁଚିକର ମନ୍ତବ୍ୟ ଗୁଡିକ ଖୁବ୍ ସୁନ୍ଦର ଲାଗିଥିଲା ଯାହା ଏତେ ବର୍ଷ ପର୍ଯ୍ୟନ୍ତ ମଧ୍ୟ ମୋର ମନେ ଅଛି ।

ମହିଳାମାନେ ଯେକୌଣସି ପ୍ରଫେସନରେ ଥିଲେ ମଧ୍ୟ ପ୍ରଚୁର ଆତ୍ମବିଶ୍ୱାସ ଓ ଆତ୍ମ ସମ୍ମାନ ସହ ନିଜକୁ ସଂଚାଳିତ କରିବା ଉଚିତ୍ । ଏଥିରେ ଅନ୍ୟମାନଙ୍କ ଦୃଷ୍ଟିରେ ତଥା ନିଜ ଦୃଷ୍ଟିରେ ନିଜକୁ ଖୁବ୍ କନ୍‌ଫିଡେଣ୍ଟ ଲାଗେ । ପ୍ରଭୁ ଚାହିଁଲେ ଯେ, ନିଶ୍ଚିତ ଭାବରେ ଜଣେ ପ୍ରଚୁର ଆତ୍ମପ୍ରତ୍ୟୟ ଓ ପ୍ରଗାଢ ଆତ୍ମ ବିଶ୍ୱାସ ସହ ନିଜର ସମସ୍ତ କାମ କରିପାରିବ ଏବଂ ଏଥିରେ ସେ ନିଜକୁ ବହୁ ଉଚ୍ଚତର ସ୍ତରକୁ ନେଇ ଯାଇପାରିବ ଏଥିରେ ସନ୍ଦେହ ନାହିଁ । ସେଥିପାଇଁ କୌଣସି କାମକୁ 'କରିପାରିବି ନାହିଁ' ନ ଭାବି ସବୁ କାମ କରିପାରିବାର ଦୃଢତା ମନରେ ନେଇ ସେ କାମ କରିବାକୁ ପଡିବ । ଏହାଦ୍ୱାରା ନକରାତ୍ମକ ଶକ୍ତି ଉଭେଇ ଯାଇ ସକାରାତ୍ମକ ଶକ୍ତି ଜାତହୁଏ ଏବଂ ଏଥିରେ କୃତକାର୍ଯ୍ୟ ହେବା ପାଇଁ ପ୍ରଭୁ ମଧ୍ୟ ସାହାଯ୍ୟ କରନ୍ତି । (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(ଭାଗ-୧୫)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ






ଅନୁସୃଜନ– ନମିତା ପାଇକରାୟ

(ଦ୍ୱିତୀୟ ଖଣ୍ଡ)

## ।। ତିନି ବନ୍ଧୁ ।।

'କହିଲୁ ଦେଖି ଏଥିରେ କଣ ଅଛି ?' ଆଖି ଟେରେଇ ମୋତେ ପଚାରିଲା । ଛଅ ସାତ ଆଙ୍ଗୁଠିରୁ ଅଧିକା ହେବନି ଶିଶିଟି । ଶିଶିଟି ଏୟାର ଟାଇଟ୍ ଥିଲା । ବୋତଲର ତିନି ଚତୁର୍ଥାଂଶ ଗୋଲେଇ ଥିଲା । ବାକି ଭାଗେ ପତଳା ହୋଇ ମୁନିଆ । ଶେଷରେ ମୁନିଆ ମୁହଁଟି ବନ୍ଦ ଥିଲା । ତା' ଭିତରେ କିଛି ଧଳା ରଙ୍ଗର ତରଳ ପଦାର୍ଥ ଥିଲା । ପ୍ରଥମେ ତ ମୁଁ ଜାଣି ପାରିଲିନି ସେଥିରେ ଅଗ୍ନି କଣ ? କିନ୍ତୁ ପର ମୁହୂର୍ତ୍ତରେ ମୋ ମୁଣ୍ଡରେ ପଶିଲା । କ୍ରାନ୍ତିକାରୀମାନେ ସଂକଟକାଳରେ ପୋଲିସ ହାତରୁ ନିଜକୁ ବଞ୍ଚାଇବା ପାଇଁ ପୋଟାସିୟମ ସାଇନାଇଡ୍ ରଖନ୍ତି । ଯାହାବି ହେଉ ଇଏତ ପୋଟାସିୟମ ସାଇନାଇଡ ହିଁ ହୋଇଥିବ । ଏହା ବହୁତ ବଡ଼ ଜିନିଷ । ମୁଁ ଏତେ ଉତ୍ତେଜିତ ହୋଇଗଲି ଯେ ମୋ ହୃଦୟର ଗତି ଖୁବ୍ ବଢ଼ିଗଲା ।

'ପୋଟାସିୟମ ସାଇନାଇଡ ହୋଇଥିବ' । ନିଜକୁ ସଂଯତ କରି କହିଲି ।

ମୋ କଥାରେ ମନୋହର ହତପ୍ରଭ ହୋଇ ଚାହିଁଲା । ସେ ଭାବିଥିଲା ଶିଶିରେ ଥିବା ତରଳ ପଦାର୍ଥକୁ ମୁଁ ସ୍ପିରିଟ ବା ପେଟ୍ରୋଲ ହୋଇଥିବ କିନ୍ତୁ ମୁଁ ତାକୁ ଏକଦମ୍ ସତ୍ୟ କଥାଟା କହିଦେବି ସେ ଭାବି ନଥିଲା । କିନ୍ତୁ ସେଥିରେ ଯେଉଁ ଜିନିଷ ଥିଲା ତାହା ଅନେକ ଗୁଣରେ ଅଧିକ ଭୟଙ୍କର ତଥା ଅପ୍ରତ୍ୟାଶିତ ଜିନିଷର ନାଁ ମୁଁ ନେଇଥିଲି । ସେଇଥି ପାଇଁ ତା'ର ଆଚମ୍ବିତ ପ୍ରତିକ୍ରିୟା ଥିଲା ।

ଶିଶିକୁ ଆଗକୁ ବଢ଼ାଇ କହିଲା ବଡ଼ ଉଦାସ ସ୍ୱରରେ 'କ୍ଲୋରଫର୍ମ' ।

କ୍ଲୋରଫର୍ମ ? ଦେଖେଇଲୁ କହି ମୁଁ ମନୋହର ହାତରୁ ଛଡ଼େଇ ନେଇଗଲି । ତାକୁ ଦୁଇହାତରେ ଲୁଚେଇ ଲୁଚେଇ ଦେଖିଲି ଯେମିତି ବନ୍ଧୁକ ପଡ଼ିଯାଇଛି । 'ପୋଟାସିୟମ ସାଇନାଇଡ୍' ନ ହୋଇ 'କ୍ଲୋରଫର୍ମ' ତଥାପି ମୁଁ ଉତ୍ସାହିତ ଥିଲି । ମୁଁ ଏବେ ପୁରା କ୍ରାନ୍ତିକାରୀ ହୋଇଗଲିଣି । ଡକାୟତି କଲାବେଳେ ଏ କ୍ଲୋରଫର୍ମ ବହୁତ କାମରେ ଆସିବ । ଆମ ହାତରେ ହତିଆର ଆସିଗଲା । ଏହାଦ୍ୱାରା ଆମର ସାହସ ବଢ଼ି ଯାଇଥିଲା । ରାଜନୈତିକ କ୍ଷମତା ମଧ ବଢ଼ିଗଲା ।

'ଭାଇ ଇଏତ ବହୁତ ବଡ଼ ଜିନିଷ, ତୋତେ କେମିତି ମିଳିଲା ?' ମୁଁ ମନୋହରକୁ ଈର୍ଷା ମିଶ୍ରିତ ପ୍ରଶଂସା ସହିତ ତାକୁ ଚାହିଁ ପ୍ରଶ୍ନ କରିଲି ।

ଭାରି ସରଳତାର ସହ ମନୋହର ପ୍ରଗଲ୍‌ଭା ନାରୀ ପରି ଶୀଘ୍ର ଶୀଘ୍ର ହୋଇ କହିଲା, କଥା କଣ କି ଗଳି ମୁଣ୍ଡ ଭୃଗୁଆ ଦୋକାନ ପାଖ ଦୋକାନକୁ କିଛିଦିନ ହେଲାଣି ଗୋଟେ ନୂଆ ଡାକ୍ତର ଆସିଛି । ଆରେ ତୁ ତ ଦେଖିଥିବୁ 'ଗୋପାଳ ଫାର୍ମାସୀ'ର ସାଇନ ବୋର୍ଡ ମରା ହୋଇଛି । ମୁଁ ତା' ସହ ବନ୍ଧୁତା କରିଛି । ତା' ପାଖକୁ ଅନେକଥର ବେମାରିଆଙ୍କୁ ନେଇ ପହଞ୍ଚେଇଛି । ଜାଣିଛୁ ଯେମିତି ହେଲେ ବି ଆମକୁ କାମ ବାହାର କରିବାକୁ ହେବ । ଶଳା ମୋତେ ବହୁତ ମାନୁଚି । ଅନେକ ଦିନରୁ ମୁଁ ଦେଖୁଥିଲି କି ତା' ଆଲମିରାରେ କ୍ଲୋରଫର୍ମ ଶିଶି ଅଛି । ସୁବିଧା ହେଉନଥିଲା । ଆଜି ସୁଯୋଗ ମିଳିଲା ତ ତା'ଠୁ ମାଗି ନେଇ ଆସିଲି । ସେ ତା'ପରେ ଚୁପ୍ ରହିଲା । ମୋତେ ପ୍ରଶଂସାପୂର୍ଣ୍ଣ ନୟନରେ ଚାହିଁ ରହିଲା । ପୁଣି କହିଲା, 'ଆଜି ସକାଳେ ହିଁ ଯାଇ ସେଠି ବସିଥିଲି । ବହୁତ ସମୟ ପର୍ଯ୍ୟନ୍ତ ଗପସପ କଲୁ । ମୁଁ ଅପେକ୍ଷା କରିଥିଲି, କେତେବେଳେ ସେ ଯିବ ତା' ପରେ ମୁଁ ମୋ କାମ କରିବି । ପ୍ରାୟ ସାଢ଼େ ନଅଟା ବେଳେ ତା'ର ଘରକୁ ଯିବାପାଇଁ ଦରକାର ପଡ଼ିଲା । ତା'ର ଘର ସେହି ପାଖରେ । ମୋତେ କହିଲା, ମନୋହର ବାବୁ, ଦଶମିନିଟ୍‌ରେ ଆସୁଛି । ସେ ପର୍ଯ୍ୟନ୍ତ ଆପଣ ଏଇଠି ଟିକେ ବସି ଥାଆନ୍ତୁ । ବାସ୍ 'ମଲୁ ଖୋଜୁଥିଲା ଯାହା ବଇଦ କହିଲା ତାହା' । ସେ ଯେତେବେଳେ ଆଖି ସାମ୍ନାରୁ ଚାଲିଗଲା, ମୁଁ ଚୁପଚାପ ଉଠି ଆଲମିରା ଖୋଲିଲି । କ୍ଲୋରଫର୍ମ ଶିଶି ବାହାର କଲି । ଆଉ ତାକୁ ଅଣ୍ଟାରେ ଖୋସି ଦେଲି । ସେ ଯେତେବେଳେ ଘରକୁ ଫେରିଲା ତା' ସହ ଦୁଇଚାରି ପଦ ଗପିଲି । କଥା କହୁ କହୁ ତା'ଠାରୁ ବିଦାୟ ନେଇ ଆସିଲି । ସେହିଠୁ ସିଧା ତୁମ ପାଖକୁ ଆସୁଛି ।

ଏ ବିଷୟକୁ ଅନ୍ୟସାଥୀମାନଙ୍କୁ ଜଣେଇବା ଅତି ଆବଶ୍ୟକ ଥିଲା । ସେଥିପାଇଁ ଆମେ ଦୁହେଁ ପ୍ରଥମେ ଦୀନାନାଥ ପାଖକୁ ଗଲୁ । ତାକୁ ସାଙ୍ଗରେ ଧରି ଦୀନେଶ୍ୱର ପାଖକୁ ଗଲୁ । ସେ ଦିଜଣ ଏକଥା ଶୁଣି ଅତ୍ୟନ୍ତ ଆଶ୍ଚର୍ଯ୍ୟ ଓ ପ୍ରଭାବିତ ହେଲେ ମନୋହର ତା'ର ସାହାସପୂର୍ଣ୍ଣ କାର୍ଯ୍ୟକଳାପକୁ ପୁନଶ୍ଚ ବଖାଣିଲା । ଆମେ ଏତେ ମାତ୍ରାରେ ଉତ୍ସାହିତ ଥିଲୁ କି ତାକୁ ପ୍ରବର୍ତ୍ତେଇଲୁ ତୁ ସେ ଡାକ୍ତର ପାଖରୁ ଯେମିତି ହେଲେ ପୋଟାସିୟମ ସାଇନାଇଡ୍ ଯୋଗାଡ଼ କର । ପୋଟାସିୟମ ସାଇନାଇଡ କଥା ପଡ଼ିବା ମାତ୍ରେ ଦୀନାନାଥ ଘୋଷଣା କଲା, କେବେ ବି ସେ ନିଜକୁ ପୋଲିସ ହାତରେ ଗିରଫ ହେବାକୁ ଦେବନାହିଁ । ଯଦି କେବେ ଯେମିତି କିଛି ଘଟେ ସେ ପୋଟାସିୟମ ସାଇନାଇଡ ଖାଇ ଦେବ ।

ତା' ପରେ କ୍ଲୋରଫର୍ମ ଶିଶି କାହା ପାଖରେ ରହିବ ବିଚାର ବିମର୍ଷ ହେଲା । ମନୋହର ଓ ଦୀନାନାଥ ନିଜ ନିଜର ଅସହିଷ୍ଣୁତା ବ୍ୟକ୍ତ କଲେ । କାହା ଘରେ କୌଣସି ଗୁପ୍ତ ସ୍ଥାନ ନାହିଁ ଯେଉଁଠି କି ସେ ଫ୍ଲୋରଫର୍ମକୁ ଲୁଚାଇ ରଖିବେ । ବେକାରରେ ଏପରି ଦୁଃସାହସ କରିବା ବୋକାମୀ । ଦୀନେଶ୍ୱର ଘରେ ଲୁଚେଇ ରଖିବା ପାଇଁ ଜାଗା ଥିଲା କିନ୍ତୁ ତା' ପୂର୍ବରୁ ମୁଁ ମୋ ନିଜର ଇଚ୍ଛା ବ୍ୟକ୍ତ କଲି କି ଶିଶି ମୁଁ ରଖିବି । ମୋ ପ୍ରସ୍ତାବକୁ ସମସ୍ତେ ସ୍ୱୀକାର କରିଲେ । ମୋ ପାଖରେ ରକ୍ତରେ ଲେଖା ପ୍ରତିଜ୍ଞାପତ୍ର ଥିଲା । ମୋ ପାଖରେ କ୍ଲୋରଫର୍ମ ବି ରହିଥିଲା । ଏହା ଦ୍ୱାରା ମୋର ସ୍ଥିତି ଦୃଢ଼ ହେଉଥିଲା । ମୋର ମହତ୍ତ୍ୱ ବଢୁଥିଲା । ତା'ଛଡ଼ା ମୁଁ ତ ସାହସୀ ଥିଲି କୌଣସି ସମସ୍ୟାକୁ ଖାତିର କରୁନଥିଲି । ମୋର ଆତ୍ମବଳ ଉପରେ ଆତ୍ମବିଶ୍ୱାସ ଥିଲା ।

କ୍ଲୋରଫର୍ମକୁ ଅଣ୍ଟାରେ ଲୁଚାଇ ମୁଁ ଘରକୁ ନେଇ ଗଲି । ଚୁପ୍‌ଚାପ୍ ନେଇ ସୁଟକେସ ଭିତରେ ପୁରାଇ ସୁଟକେସ୍ ବନ୍ଦ କରି ରଖିଦେଲି । ନିଜ ଉପରେ ଏଭଳି ମହାନ ଦାୟିତ୍ୱ ପଡ଼ିଲା ପରେ ମୁଁ ବହୁତ ଗମ୍ଭିର ହୋଇ ଯାଇଥିଲି । ମୁଁ ଘରେ ସମସ୍ତଙ୍କୁ ଗୋଟେ ରହସ୍ୟମୟ ଦୃଷ୍ଟିରେ ଦେଖୁଥିଲି । ପ୍ରକୃତରେ ମୁଁ ଚାହୁଁଥିଲି କି ମୁଁ ଯେଉଁ ଘରେ କ୍ଲୋରଫର୍କ ଥିବା ସୁଟକେସ ଲୁଚାଇଛି ସେ ଘରକୁ କେହି ନଯାଆନ୍ତୁ । ପ୍ରାୟତଃ ମୁଁ ସେ ଘର ଭିତରେ ସବୁବେଳେ ରହେ । ନହେଲେ ଘରକୁ ବନ୍ଦ କରି ରଖେ । ସେ ଘଣକୁ କିଏ ଯିବାକୁ ଚାହିଁଲେ ମୁଁ ତାକୁ ଯିବାକୁ ଦେଉ ନଥିଲି । ଘରଲୋକଙ୍କ ଉପରେ ବହୁତ ରାଗ ଆସୁଥିଲା । କାରଣ ଯେତେବେଳେ ଯଦି ମୋ କ୍ଲୋରଫର୍ମ ଶିଶିକୁ ଜବତ କରିବେ ମୁଁ କଣ କରିବି ?

ରାତିରେ ମୋତେ ନିଦ ଆସିଲାନି । ସବୁବେଳେ ଭୟ ରହିଲା କି କେହି ମୋ ସୁଟକେସରୁ କ୍ଲୋରଫର୍ମ ଚୋରୀ କରି ନେଇ ଯିବନି ତ ? ଟିକେ ଆଖି ବୁଜି ହୋଇଗଲେ ମୋର ଭିନ୍ନ ଭିନ୍ନ ସ୍ୱପ୍ନ ଦେଖିବା ଆରମ୍ଭ ହୋଇ ଯାଉଥିଲା । କେତେବେଳେ ମୁଁ ଇଂରେଜଙ୍କ ସହ ବମ ପକାଇ ଲଢୁଛି ତ କେତେବେଳେ ବନ୍ଧୁକ ଦେଖାଇ ହିନ୍ଦୁସ୍ଥାନରୁ ତଡୁଛି । ସକାଳୁ ଉଠି ମୁଁ ପ୍ରଥମେ ଦେଖିଲି କ୍ଲୋରଫର୍ମ ଅଛି କି ନାହିଁ । 'ଶିଶି ତା' ନିଜ ସ୍ଥାନରେ ଥିଲା ।'

ମୋ ଚଞ୍ଚଳତା, ଉନ୍ମାଦନା, ଉତ୍ସୁକତା ଏତେ ମାତ୍ରାରେ ବଢ଼ି ଯାଇଥିଲା ଯେ ମୁଁ ଅସ୍ଥିର ଅଥୟ ହେଉଥିଲି । ମୋ ମହତ୍ତ୍ୱ ମୋ ନିଜ ଭିତରେ ଲୁଚି ରହି ପାରୁନଥିଲା । ମୁଁ କ'ଣ କରିବି ମୋ ମୁଣ୍ଡରେ ବୁଦ୍ଧି ପଶୁ ନଥିଲା । ମୁଁ ଚାହୁଁଥିଲି ମୋ ସାହାସିକତାର ବିଷୟରେ ସମସ୍ତେ ଅବଗତ ହୁଅନ୍ତୁ । କିନ୍ତୁ ସବୁ କଥା ଗୁପ୍ତ ରଖିବାକୁ ଆମେ ସଂକଳ୍ପ କରିଛୁ । ମୁଁ ଚାହୁଁଥିଲି ଏ ରହସ୍ୟକୁ କାହାକୁ କହିବି ବୋଲି । ଜଳଖିଆ ଖାଇସାରିଲା ପରେ ସ୍ଥିତି ଏତେ ଅସହ୍ୟ ହେଲା କି, ମୁଁ ମୋର ସାନଭାଇକୁ ଡାକିଲି, କାଞ୍ଚନକୁ ସେହି ଘର ଭିତରକୁ ନେଇଗଲି ।

ତାକୁ କହିଲି, 'ଦେଖ ଇଏ କ୍ଲୋରଫର୍ମ, ସୁଟକେସରୁ କାଢ଼ି ଦେଖାଇଲି । ଦେଖ ୟାକୁ ହେପାଜତରେ ନିଜ ପାଖରେ ରଖିବୁ ।

କଞ୍ଚନ କିଛି ବୁଝି ପାରିଲାନି । ବୋକାପରି ମୋତେ ଚାହିଁଲା । ମୁଁ ଗମ୍ଭୀରତା ପୂର୍ବକ ତାକୁ ବୁଝାଇବାକୁ ଚେଷ୍ଟା କଲି । 'ଇଏ କ୍ଲୋରଫର୍ମ' ମଣିଷ ଶୁଙ୍ଘିଲା ମାତ୍ରେ ବେହୋସ ହୋଇଯିବ । ଶିଶିକୁ ଠିକ୍ ସେ ନଜର ରଖିବୁ । ଶିଶି ଯଦି ଟିକେ ବି ଫାଟିବ ତା' ଭିତରୁ ଧୂଆଁ ବାହାରିବ । ଘରସାରା ଲୋକ ବେହୋସ ହୋଇଯିବେ ।'

କଞ୍ଚନ ଚୁପ୍‌ଚାପ୍ ଶିଶିକୁ ଧରିଲା କିନ୍ତୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା । ଯେତେବେଳେ ସେ ଶିଶି ନେଇ ଘର ଭିତରକୁ ଗଲା । ସେତେବେଳେ ମୁଁ ଅନୁଭବ କଲି କଞ୍ଚନକୁ ବର୍ତ୍ତମାନର ସ୍ଥିତିକୁ ଜଣାଇବା ଉଚିତ । ତାକୁ ରୋକିଲି ଆଉ କହିଲି, 'ଦେଖ ଏସବୁ କଥା କାହାକୁ କହିବୁନି । ଆମେମାନେ ଗୋଟେ କ୍ରାନ୍ତିକାରୀ ଦଳ ଗଠନ କରିଛୁ । ରକ୍ତରେ ଲେଖି ଆମେ ସବୁ ସଂକଳ୍ପ କରିଛୁ କି ଦେଶକୁ ଯେମିତି ହେଲେ ସ୍ୱାଧିନ କରିବୁ । ଏମିତି କାମ ପାଇଁ ପଇସାର ଆବଶ୍ୟକତା ଅଛି । ଦୀନେଶ୍ୱର ଘର ତଳେ ଯେଉଁ ଗୋଦାମ ଅଛି, ସେଇଠୁ ବସ୍ତା ଆଉ ଚିନି ଚୋରୀ କରିଛୁ । ସେ ସେଠ୍ ଇଂରେଜଙ୍କ ଚାମଚା ବନିଛି । ବସ୍ତା ବିକ୍ରି ହୋଇ ପଇସା ଆସିବ । କିନ୍ତୁ ଏତିକି ପଇସା କୋଉ କାମକୁ ହେବନି । ସେଥିପାଇଁ କ୍ଲୋରଫର୍ମ ଅଣା ହୋଇଛି । କ୍ଲୋରଫର୍ମ ସୁଙ୍ଘେଇକି ବଡ଼ ବଡ଼ ସେଠ୍‌ଙ୍କୁ ଏବେ ଡକାୟତି କରିହେବ । ଯେତେବେଳେ ଅଧିକ ପଇସା ହୋଇଯିବ, ସେଥିରେ ବମ୍ ଓ ପିସ୍ତଲ କିଣାହେବ ।' (କ୍ରମଶଃ)

♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

# ବାଲିଆପାଳ ଶ୍ରୀକ୍ଷେତ୍ରରେ ବାହୁଡାଯାତ୍ରା : ୨୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ



ବାଲିଆପାଳ, ୦୯/୦୭ (ନି.ପ୍ର): ଉ ରବାଲେଶ୍ୱରରେ ପ୍ରସିଦ୍ଧ ବାଲିଆପାଳ ଶ୍ରୀକ୍ଷେତ୍ରରେ ପବିତ୍ର ବାହୁଡା ଯାତ୍ରା ଆଜି ମହାସମାରୋହରେ ପାଳିତ ହୋଇଛି । ୯ ଦିନ ଧରି ଘୋଷଯାତ୍ରା ଶେଷ କରି ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରା ବାଲିଆପାଳ ବସଷ୍ଟାଣ୍ଡରେ ଥିବା ଗୁଣ୍ଡିଚା ମନ୍ଦିରରୁ ରଥରେ ବସି ଖଗଡାପାଳ ସ୍ଥିତ ଶ୍ରୀକ୍ଷେତ୍ରକୁ ବାହୁଡିଛନ୍ତି । ଆଜି ପ୍ରତ୍ୟୁଷରୁ ପୂଜାପାଠ, ଆରତୀ, ସୂର୍ଯ୍ୟପୂଜା, ଆଦି କରାଯାଇ ଶ୍ରୀଜୀଉମାନଙ୍କର ସ୍ୱତନ୍ତ୍ର ବେଶ କରାଯାଇଥିଲା । ପରେ ଖେଚୁଡି ଭୋଗ ଓ ଧୂପ ଲାଗି ହୋଇଥିଲା । ଅପରାହ୍ନ ୫ଟାରେ ଠାକୁର ମାନଙ୍କୁ ଗୋଟି ପହଣ୍ଡିରେ ନିଆଯାଇ ରଥାରୁଢ଼ କରାଯାଇଥିଲା । ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ୩ ରଥରେ ଛେରା ପହଁରା କରିଥିଲେ । ସନ୍ଧ୍ୟା ୬ଟାରେ ରଥ ଟଣା ଆରମ୍ଭ ହୋଇଥିଲା । ହରିବୋଲ ହୁଳୁହୁଳି ସାଙ୍ଗକୁ ଝାଲି ଗ ମୃଦଙ୍ଗ ର ତାଳେ ତାଳେ ଭକ୍ତମାନେ ଡ଼କୁ ଟାଣି ନେଇଥିଲେ । ରଥଯାତ୍ରା ଭଳି ବାହୁଡା ଯାତ୍ରାରେ ମଧ୍ୟ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳା ମାନେ ଟାଣି ଥିଲେ । ରଥ ନାମକୁଣ୍ଡା ଛକ, ପାରୁଳିଆ ଛକ, ବୁକ ଛକ ଓ ରାଜାରଣୀ ଛକରେ ଅଟକିଥିଲା । ପ୍ରତିଛକରେ ଶହଶହ ଭକ୍ତ ଠାକୁରଙ୍କୁ ଦର୍ଶନ କରିଥିଲେ । ରାସ୍ତାରେ ବାଲିଆପାଳ ରଥଯାତ୍ରାର ମାଉସୀ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ମହାନ୍ତି ଜଗନ୍ନାଥଙ୍କୁ ପୋଡପିଠା ଖୁଆଇଥିଲେ । ସନ୍ଧ୍ୟା ୭.୩୦ ମିନିଟ ସୁଦ୍ଧା ରଥ ସିମୁଳିଆ ରଥଖଳାରେ ପହଂଚିଥିଲା । ମନ୍ଦିର ସମ୍ମୁଖରେ ମହା ଲକ୍ଷ୍ମୀଙ୍କ ସେବାୟତ ମାନେ ଠାକୁରଙ୍କ ବାଟ ଓଗାଳି ଥିଲେ । ଏହାକୁ ନେଇ ଲକ୍ଷ୍ମୀ-ନାରାୟଣ କଳି ଲୋକନୃତ୍ୟ ପରିବେଷିତ ହୋଇଥିଲା । ତାପରେ ମହାପ୍ରଭୁଙ୍କ ନିକଟରେ ରସଗୋଲା ଭୋଗ ଲାଗିକରାଯାଇଥିଲା । ଏହାପରେ ଠାକୁର ମାନେ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ । ଆସନ୍ତା କାଲି ସୁନାବେଶ ଅନୁଷ୍ଠିତ ହେବ । ଏହି ବାହୁଡା ଯାତ୍ରା ଦେଖିବା ପାଇଁ ୨୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ବାବା ହିରୋ ସୋମନାଥ ପକ୍ଷରୁ ଭକ୍ତଙ୍କ ପାଇଁ ଦହିସରବତର ବ୍ୟବସ୍ଥା କରାଯାଇଥିଲା । ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ବାଲେଶ୍ୱର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମରେଶ ପାଣିଗ୍ରାହୀ, ବସ୍ତା ଏସଡିପିଓ ଜଳନ୍ଧର ଜାଲି, ବାଲିଆପାଳ ଥାନା ନୂତନ ଆଇଆଇସି ସୁବ୍ରତବେହେରା, ମହିଳା ସବଇନସପେକ୍ଟର ସସ୍ମିତା ମଲ୍ଲିକ, ନାମକୁଣ୍ଡା ଫାଣ୍ଡି ଅଧିକାରୀ ଶାରଦ ପ୍ରସନ୍ନ ମୁଦୁଲି ସମେତ ୨ ଜଣ ଇନସପେକ୍ଟର, ୫ଜଣ ସବଇନସପେକ୍ଟର, ୬ଜଣ ଏଏସଆଇ,ଚାରି ପ୍ଲାଟୁନ ପୋଲିସ ଫୋର୍ସ, ମୁତୟନ ହୋଇଥିଲେ । ମନ୍ଦିର ମୁଖ୍ୟ ପୂଜକ ବିଷ୍ଣୁପଦ ପାଠୀ, ରବିନାରାୟଣ ପାଠୀ, ବଳଦେବ ପଣ୍ଡା, ସୋମନାଥ ପାଣିଗ୍ରାହୀ ପ୍ରମୁଖ ସେବାୟତମାନେ ସେବା କାର୍ଯ୍ୟ କରିଥିଲା ବେଳେ ଅଧ୍ୟାପକ ସୁଶାନ୍ତ ଦାସ, ପ୍ରଦୀପ୍ତ ପାତ୍ର, କେଶବ ରଣା,ସତ୍ୟକାମ ମହାନ୍ତି,ଦିବ୍ୟକାମ ମହାନ୍ତି, ପରିଚାଳନା କମିଟି ସମ୍ପାଦକ ବ୍ରଜକିଶୋର ଭୂୟାଁ,ପୂର୍ବତନ ସରପ ମୁରଲୀ ମୋହନ ସାହୁ, ମଧୁସୂଦନ ବାରିକ, ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ କୁମାର ସାହୁ, ମଧୁସୂଦନ ସାହୁ, ପ୍ରିୟନାଥ ସେଠୀ, କାଳିଚରଣ ଦେ, ସୁଶାନ୍ତ ମହାପାତ୍ର, ହେମନ୍ତ ଦାସ ,ସୁଜୟ ପରିଡା, ପିଁ ସୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ୧୧କେଭି ବିଜୁଳି ତାର ସଂସ୍ପର୍ଶରେ ଆସି ଜଣେ ମୃତ ଆଉ ଜଣେ ଗୁରୁତର

ଭଦ୍ରକ, ୦୯/୦୭ (ନି.ପ୍ର): ବାହାଘର ଶୋଭାଯାତ୍ରାରେ ୧୧କେଭି ବିଜୁଳୀ ତାର ସଂସ୍ପର୍ଶରେ ଆସି ବରଗ୍ରାମର ଜଣେ ମୃତ ଆଉ ଜଣେ ଗୁରୁତର । କନ୍ୟା ଗ୍ରାମର ମଧ୍ୟ ଜଣେ ଗୁରୁତର । ଘଟଣାରୁ ପ୍ରକାଶ ସୁନାଗଡ଼ିଆ ଗ୍ରାମର ଏକ ବରଯାତ୍ରୀ ପଦାକଣା ଗ୍ରାମକୁ ଯାଉଥିବା ଶୋଭାଯାତ୍ରାରେ ୧୧ କେ.ବି. ତାର ସଂସ୍ପର୍ଶରେ ଡି.ଜେ. ଆସିବା କାରଣରୁ ଜଣେ ଯୁବକର ଘଟଣା ସ୍ଥଳୀରେ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଯୁବକ ଗୁରୁତର ଆହତ ଅବସ୍ଥାରେ ଭଦ୍ରକ ଡାକ୍ତର ଖାନାରେ ଚିକିତ୍ସୀତ ହେଉଛନ୍ତି । ପ୍ରତ୍ୟେକଙ୍କର ବୟସ ୨୫ ବର୍ଷରୁ କମ୍ ବୋଲି ଜଣାଯାଇଛି ।

## ବିଦ୍ୟାର୍ଥୀ ପରିଷଦର ସ୍ଥାପନା ଦିବସରେ ଶୁଭକାମନା ଜଣାଇଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୦୯/୦୭ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସ୍ଥାପନା ଦିବସ ଅବସରରେ ଶୁଭକାମନା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ରାଷ୍ଟ୍ରବାଦୀ ବିଚାରଧାନାରେ ଯୁବକ ମାନଙ୍କୁ ଜନ ସେବା ଓ ରାଷ୍ଟ୍ର ନିର୍ମାଣ ପାଇଁ ପ୍ରେରିତ କରୁଥିବା ବିଶ୍ୱର ସବୁଠାରୁ ବଡ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରତିଷ୍ଠା ଦିବସରେ ସମସ୍ତ ସଦସ୍ୟ ଓ ଯୁବ ଭାଇ- ଭଉଣୀ ମାନଙ୍କୁ ଶୁଭକାମନା । ରାଷ୍ଟ୍ରୀୟତା, ସାମାଜିକ, ଓ ସାଂସ୍କୃତିକ ଚେତନା ଜାଗ୍ରତ କରାଇବାରେ ପରିଷଦର ଭୂମିକା ପ୍ରଶଂସନୀୟ ।

## ମାନବଧର୍ମ ସମ୍ପର୍କୀୟ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାରିପଦା, ୦୯/୦୭ (ନି.ପ୍ର): ସ୍ଥାନୀୟ ଶ୍ରୀରାଧା ମୋହନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଠାକୁରମାନଙ୍କ ବେଶ ସମୟରେ ଶ୍ରୀଜଗନ୍ନାଥ ଭକ୍ତ ସମାଜ ଆନୁକୂଲ୍ୟରେ ପାଞ୍ଚଦିନ ଧରି ଚାଲିଥିବା ମାନବଧର୍ମ ସମ୍ପର୍କୀୟ ଆଧାତ୍ମିକ ପ୍ରବଚନ ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାନସ କେଳି କଲ୍ଲୋଳ ହୃଦାନନ୍ଦ ସାହୁ ଶ୍ରୀରାମ ଚରିତ ମାନସରେ ମାନବ ଜୀବନ ପାଇଁ ଆବଶ୍ୟକୀୟ ତଥ୍ୟ ପ୍ରବଚନ ମାଧ୍ୟମରେ ଉପସ୍ଥାପନ କରିଥିଲେ । ମାନସ ଶେଖର ଭାଗବତ ପଣ୍ଡା ଶ୍ରୀଜଗନ୍ନାଥ ସଂସ୍କୃତିରେ ମାନବଧର୍ମର ପରାକାଷ୍ଠା ସମ୍ପର୍କରେ ରହିଥିବା ତତ୍ତ୍ୱ ଓ ତଥ୍ୟ ଉପରେ ପ୍ରବଚନ ପ୍ରଦାନ କରି କହିଲେ ମଣିଷର ଦୈନିକ ଜୀବନ ଯାତ୍ରା ସହିତ ଶ୍ରୀଜଗନ୍ନାଥଙ୍କ ଦୈନିକ ନୀତି ପ୍ରାୟତଃ ସମାନ । ଏପରିକି ମଣିଷ ଯେପରି ସମୟ କ୍ରମେ ଶରୀର ତ୍ୟାଗ କରେ ଶ୍ରୀଜଗନ୍ନାଥ ମଧ୍ୟ ନବକଳେବର ସମୟରେ ପୁରାତନ ବିଗ୍ରହକୁ ପରିତ୍ୟାଗ କରି ନୂତନ ବିଗ୍ରହ ଧାରଣ କରନ୍ତି । ତାଙ୍କର



ପୁରାତନ ବିଗ୍ରହକୁ କୋଇଲି ବୈକୁଣ୍ଠରେ ସମାଧି ଦିଆଯାଏ । ସ୍କନ୍ଦ ପୁରାଣ ଆଧାରିତ ଦାରୁ ବିଗ୍ରହଙ୍କର ଆବିର୍ଭାବ ତଥା ବିଭିନ୍ନ ଲୀଳା ସମ୍ପର୍କରେ ସେ ଆଲୋକପାତ କରିଥିଲେ । ଏହି ଅବସରରେ ଶ୍ରୀଜୀଉମାନଙ୍କ ଅଙ୍ଗଲାଗି ସେବକମାନଙ୍କୁ ଶ୍ରୀଜଗନ୍ନାଥ ଭକ୍ତ ସମାଜ ତରଫରୁ ପୁଷ୍ପ ମାଲ୍ୟ, ଶ୍ରୀମଦ୍‌ଭଗବତ ଗୀତା ଓ ସମ୍ବର୍ଦ୍ଧନା ପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏହି ସମ୍ମାନ ଶ୍ରୀଜଗନ୍ନାଥଙ୍କର ପୂଜକ ଅରୁଣ କୁମାର ମିଶ୍ର, ଶ୍ରୀ ବଳଭଦ୍ରଙ୍କର ପୂଜକ ଦେବକାନ୍ତ ପଣ୍ଡା, ଦେବୀ ସୁଭଦ୍ରାଙ୍କର ପୂଜକ ପ୍ରଦୀପ କୁମାର ପଣ୍ଡା ଓ କାମେଶ୍ୱର ତ୍ରିପାଠୀ ଏବଂ ଶ୍ରୀରାଧା ମୋହନ ଜୀଉଙ୍କ ସେବକ ସୁନୀଲ କୁମାର ପଣ୍ଡା ପାଇଥିଲେ । ଅନୁଷ୍ଠାନ ପକ୍ଷରୁ ଭାଗବତ ପଣ୍ଡା ଓ ପ୍ରବାଚକ ହୃଦାନନ୍ଦ ସାହୁ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବରେ ଆଧାତ୍ମିକ ସଙ୍ଗଠକ ବିଜୟ କୁମାର ମହାନ୍ତି ପ୍ରାରମ୍ଭିକ ବକ୍ତବ୍ୟ ଦେବା ସହିତ ପରିଶେଷରେ ଧନ୍ୟବାଦ ମଧ୍ୟ ଅର୍ପଣ କରିଥିଲେ । ପାଞ୍ଚଦିନ ଧରି ବହୁ ଶ୍ରଦ୍ଧାଳୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ରାମକଥା ଓ ଶ୍ରୀଜଗନ୍ନାଥ ଦିବ୍ୟ ଲୀଳା କଥା ଶ୍ରବଣ କରିଥିଲେ ।

## ବିଦ୍ୟାର୍ଥୀ ପରିଷଦର ୭୪ ତମ ପ୍ରତିଷ୍ଠା ଦିବସ ଏବଂ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ପାଳିତ




ଭଦ୍ରକ, ୦୯/୦୭ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି), ଭଦ୍ରକ ପକ୍ଷରୁ ବିଦ୍ୟାର୍ଥୀ ପରିଷଦର ୭୪ ତମ ପ୍ରତିଷ୍ଠା ଦିବସ ଏବଂ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ଭଦ୍ରକ ସ୍ୱୟଂଶାସିତ ମହବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରାଧାପିକା ବିଶିଷ୍ଟ ସାହିତ୍ୟିକା ରାଧାରାଣୀ ମହାପାତ୍ର ଯୋଗ ଦେଇ ସଂଗଠନର ପତାକା ଉତ୍ତୋଳନ କରିଥିଲେ । ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ପୁରାତନ କାର୍ଯ୍ୟକର୍ତ୍ତା ଶରତ ପଢ଼ିଆରୀ, ଆନନ୍ଦ ଶଙ୍କର ଦାସ ପ୍ରମୁଖ ଯୋଗ ଦେଇ ବିଦ୍ୟାର୍ଥୀ ପରିଷଦର ଗୌରବ ମୟ ଇତିହାସ ସମ୍ପର୍କରେ ଆଲୋଚନା କରିବା ସହ ଭଦ୍ରକରେ କିଭଳି ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସଂଗଠନ ସହ ଯୋଡ଼ି ହେବ ସେ ସମ୍ବନ୍ଧରେ ମାର୍ଗ ଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନେକ କଲେଜ ଛାତ୍ରଛାତ୍ରୀଙ୍କ ଯୋଗଦାନ ସହିତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୁ କିଶୋର ରାଉତ, ଜିଲ୍ଲା ସହ ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ, ଭଦ୍ରକ ନଗର ସଂଗଠନ ସମ୍ପାଦକ ଗୋପବନ୍ଧୁ ଜେନା, ସୋନୁ ଲାହା, ରାହୁଲ ଦେବ ସାହୁ, ଆଇନ ବିଭାଗର ଛାତ୍ରୀ ପ୍ରିୟଙ୍କା ଦାଶ, ସାମ୍ବାଦିକ ସୁନିତା ମହନ୍ତ, ପୁରାତନ କାର୍ଯ୍ୟକର୍ତ୍ତା ଜଗନ୍ନାଥ ଦାଶ, ଅମରେଶ ଜେନା, ଦୁର୍ଗା ଶଙ୍କର ଜେନା, ମାନସ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ

## ହାଇକୋର୍ଟ ବିଚାରପତିଙ୍କ ନୀଳଗିରି ଗସ୍ତ

ନୀଳଗିରି, ୦୯/୦୭ (ନି.ପ୍ର): ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ ନୀଳଗିରି ସବ୍‌ଜଜ୍ କୋର୍ଟ ଓ ଏସ.ଡି.ଜେ.ଏମ. କୋର୍ଟ ପରିଦର୍ଶନରେ ଆସି ପୂର୍ବାହ୍ନ ୯.୩୦ମି. ସମୟରେ ପହଂଚିଥିଲେ । ଜଷ୍ଟିସ ଶ୍ରୀଯୁକ୍ତ ରଥଙ୍କୁ ନୀଳଗିରି ସବ୍‌ଡିଭିଜନାଲ ବାର ଏସୋସିଏସନ ଓ ନୀଳଗିରି ବାର୍ ଏସୋସିଏସନ ପକ୍ଷରୁ ସ୍ୱାଗତ କରାଯାଇଥିଲା । ଜଷ୍ଟିସ୍ ଶ୍ରୀଯୁକ୍ତ ରଥ ଉତର ଓଡ଼ିଶର ପ୍ରସିଦ୍ଧ ଶୈବପୀଠ ବାବା ପଂଚଲିଙ୍ଗେଶ୍ୱର ଶୈବ ପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ । ତାଙ୍କ ସହିତ ଜିଲ୍ଲା ଜଜ୍, ରେଜିଷ୍ଟାର, ନୀଳଗିରି ସବ୍‌ଜଜ୍, ଏସ.ଡି.ଜେ.ଏମ. ପ୍ରମୁଖ ବିଭିନ୍ନ ବିଭାଗ ବୁଲି ଦେଖିଥିଲେ । ଉକ୍ତ ବିଭାଗ ଗୁଡ଼ିକର ପ୍ରତିକାର ନିମନ୍ତେ ଜଷ୍ଟିସ୍ ଶ୍ରୀଯୁକ୍ତ ରଥ ଆଲୋଚନା କରିଥିଲେ । ପରେ ବାର୍ ହଲ୍‌ରେ ଆଡ଼ଭୋକେଟମାନେ ମୋକଦ୍ଦମାର ଶୀଘ୍ର ବିଚାର ପାଇଁ ଆଲୋଚନା କରିଥିଲେ । କୋର୍ଟ ଓ ଆଡ଼ଭୋକେଟ୍ ମାନଙ୍କର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ । ଉକ୍ତ ଆଲୋଚନାରେ ସବ୍‌ଡିଭିଜନାଲ ବାର ସଂଘର ସଭାପତି ଚିତରଂଜନ ଷଡ଼ଙ୍ଗୀ, ନୀଳଗିରି ବାର ସଂଘର ସଭାପତି ମିହିର କୁମାର ରାଉତ, ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ ଗୌରହରି ବେହେରା, ହରମୋହନ ମହାପାତ୍ର, ଜୟନ୍ତ ସ, ଦେବାନନ୍ଦ ଦାସ, ଅଜୟ ପଣ୍ଡା, ଦେବେନ୍ଦ୍ର ପଣ୍ଡା, ପିତାମ୍ବର ଜେନା, ସୁବାଶିଷ ଦାସମହାପାତ୍ର, ସୂର୍ଯ୍ୟନାରାୟଣ ଆଇଚ, କିଶୋର ଦାସ, ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଜଳେଶ୍ୱର ଅଭିମୁଖେ ଗୋଠ ଖଣ୍ଡିଆ ହାତୀ : ଘଟାଉଛି ବ୍ୟାପକ କ୍ଷତି

ଜଳେଶ୍ୱର, ୦୯/୭(ନି.ପ୍ର) :ଆଜକୁ ୩ ଦିନ ଧରି ଏକ ଗୋଠ ଖଣ୍ଡିଆ ହାତୀ ରାଇବଣିଆର ବିଭିନ୍ନ ସ୍ଥାନରେ କ୍ଷତି ଘଟାଇ ଚାଲିଥିବା ବେଳେ ଆଜି ଅପରାହ୍ନରେ ସୁବର୍ଣ୍ଣରେଖା ନଦୀ ପାରି ହୋଇ ଜଳେଶ୍ୱର ସହର ଅଭିମୁଖେ ଚାଲିଛି । ଫଳରେ ବନକର୍ମଚାରମାନେ ହାତୀ କୁ ଘଉଡାଇବା ଲାଗି ଉଦ୍ୟମ ଜାରି ରଖିଛନ୍ତି । କିନ୍ତୁ ଜଳେଶ୍ୱର ସହରରେ ହାତୀ ପଶିଲେ ବ୍ୟାପକ କ୍ଷୟକ୍ଷତି ଘଟାଇବା ଆଶଙ୍କାରେ ବନବିଭାଗ ପକ୍ଷରୁ ପୁଲିସ୍‌ର ସହାୟତା ଲୋଡା ଯାଇଛି । ଗୁରୁବାର ବିଳମ୍ବିତ ରାତିରେ ଏକ



ଗୋଠ ଖଣ୍ଡିଆ ହାତୀ ବରଡିହାସ୍ଥିତ ଜଂଗଲରେ ପହଞ୍ଚିଥିଲା । ଲୁହାପଡା ଜଂଗଲରେ ଗତ ଶୁକ୍ରବାର ହାତୀକୁ ଦେଖିବାକୁ ମିଳିଥିଲା । କିନ୍ତୁ ସଂଖ୍ୟାରେ ହାତୀଟି ଗାଁ ମୁହାଁ ହୋଇ ବିଭିନ୍ନ ଗାଁରେ ଉଣାଅଧିକେ କ୍ଷତି ଘଟାଇଥିଲା । ନାରାୟଣପୁର ଗାଁର କରିନା କିସ୍କୁର ଘର ଭାଂଗିବା ସହିତ ତାର ଘରେ ଥିବା ଧାନ, ଚାଉଳ, ପନିପରିବା ଖାଇ ନଷ୍ଟ କରିଥିଲା । ପ୍ରାଣ ବିକଳରେ କରିନା କିସ୍କୁ ଅନ୍ୟଘରେ ଆଶ୍ରୟ ନେଇଥିବା ବେଳେ ହାତୀଟି ଭୋର ସମୟକୁ ତାର ଘରକୁ ୨ୟ ଥର ଆକ୍ରମଣ କରିଥିଲା । କେବଳ କରିନା ନୁହେଁ, ହେ ଗାଁର ବିଭିନ୍ନ ଲୋକଙ୍କ ଘରେ ହାତୀଟି ଉଣାଅଧିକେ କ୍ଷତି ଘଟାଇଥିଲା । ଆଜି ସକାଳେ ହାତୀକୁ ସୁବର୍ଣ୍ଣରେଖା ନଦୀକୂଳ ଶ୍ରୀରାମପୁର ପଂଚାୟତର ଗୁରୁଦାସପୁରଠାରେ ଦେଖିବାକୁ ମିଳିଥିଲା । ନିକଟସ୍ଥ ଜଂଗଲିଆ ଅଂଚଳରେ ହାତୀଟି ବୁଲୁଥିବା ବେଳେ ସଂଜକୁ ହଠାତ୍ ବଜାରଶୋଳ ଠାରେ ସୁବର୍ଣ୍ଣରେଖା ନଦୀ ପାରି ହୋଇଛି । ହାତୀଟି ଜଳେଶ୍ୱର ଅଭିମୁଖେ ଯାଉଥିବା ଦେଖି ଜଳେଶ୍ୱର ବନବିଭାଗ ରେଞ୍ଜର ଜୟଶ୍ରୀ ମୁର୍ମୁ ବିଭିନ୍ନ ଅଂଚଳରୁ କର୍ମଚାରୀଙ୍କୁ ଆଣି ମୁତୟନ କରିଛନ୍ତି । ବରଡିହା ଫରେଷ୍ଟର ଦେବରାଜ ରାଉତଙ୍କ ନେତୃତ୍ୱରେ ଫରେଷ୍ଟଗାର୍ଡ ଦୁସ୍ମନ୍ତ ଜେନା, ମନୋହର ସିଂ, ଅବୈତନୀକ ବନ୍ୟାପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱନୀ ଦାସ ପ୍ରମୁଖ ହାତୀର ଗତିବିଧି ଉପରେ ନଜର ରଖିଛନ୍ତି । କିନ୍ତୁ ରାତିରେ ଜଳେଶ୍ୱର ସହରରେ ହାତିଟି ପ୍ରବେଶ କରିବା ଭୟରେ ରେଂଜର ମୁର୍ମୁ ପୁଲିସ୍‌ର ସହାୟତା ଲୋଡିଥିବା ଜଣାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ସିଞ୍ଜୋ ଆବେଙ୍କୁ ହତ୍ୟା କରିଥିବା....

ସଭାସ୍ଥଳର ସୁରକ୍ଷା ଯାଞ୍ଚ କରାଯିବ ଏବଂ କେଉଁଠି ଭୁଲ୍ ରହିଲା, ତା'ର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ । ଏହାରି ଭିତରେ ଘଟଣାସ୍ଥଳରୁ ଗିରଫ ହୋଇଥିବା ୪୧ ବର୍ଷୀୟ ଅଭିଯୁକ୍ତ ୟାମାଗାମୀ ତେତସୁୟା ସିଂଜୋ ଆବେଙ୍କୁ ଗୁଳି କରିଥିବା ସ୍ୱୀକାର କରିଛି । କୌଣସି ଏକ ଧାର୍ମିକ ସଂଗଠନକୁ ୟାଗାୟାମୀ ତୀବ୍ର ବିରୋଧ କରୁଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି । ଆଉ ଏହି ଧାର୍ମିକ ସଂଗଠନ ସହ ସିଂଜୋ ଆବେଙ୍କର ସଂପୃକ୍ତି ମଧ୍ୟ ରହିଥିଲା । ତେବେ ତଦନ୍ତ ବେଳେ ଉକ୍ତ ଧାର୍ମିକ ସଂଗଠନର ନେତାଙ୍କର ପରିଚୟ ଉଜାଗର କରାଯାଇନାହିଁ । ୟାମାଗାମୀ ପୋଲିସକୁ ଆହୁରି କହିଛି ଯେ ତା'ର ମାଆ ମଧ୍ୟ ସଂଗଠନରେ ସାମିଲ ଥିଲା ଏବଂ ସଂଗଠନକୁ ପ୍ରଚୁର ଅର୍ଥଦାନ କରିଥିଲେ । ଯାହା ତାଙ୍କ ପରିବାର ପାଇଁ ସମସ୍ୟା ସୃଷ୍ଟି କରିଥିଲା । ପୁଲିସ୍ ୟାମାଗାମୀଙ୍କ ଘରେ ଚଢ଼ାଉ କରିଛି ଏବଂ ତା' ଘରୁ ବିସ୍ଫୋରକ ଜବତ କରିଛି । ଆବେଙ୍କ ହତ୍ୟାକାରୀ ୟାମାଗାମୀ ଜାପାନ ନୌସେନା ତଥା ଜାପାନର ସାମୁଦ୍ରିକ ପ୍ରତିରକ୍ଷା ବାହିନୀର ଜଣେ ପୂର୍ବତନ ସଦସ୍ୟ ଭାବେ ୩ ବର୍ଷ କାମ କରିଛନ୍ତି । ଆବେଙ୍କୁ ଗୁଳି କରିବା ପରେ ସେ ସେଠାରୁ ଖସିବାକୁ ରାସ୍ତା ପାଇନଥିଲା ।

### କାୟା ମେଲାଉଛି କରୋନା....

ପୁରୀରେ ସଂକ୍ରମଣ ହାର ୮.୧ ପ୍ରତିଶତ ଥିବା ବେଳେ କଟକର ସଂକ୍ରମଣ ହାର ରହିଛି ୭.୭ ପ୍ରତିଶତ । ସୁନ୍ଦରଗଡ଼ର ସଂକ୍ରମଣ ହାର ୨.୯ ପ୍ରତିଶତକୁ ବୃଦ୍ଧି ପାଇଛି । ରାଜ୍ୟରେ ସକ୍ରିୟ ଆକାନ୍ତଙ୍କ ସଂଖ୍ୟା ୨୭୯୫ ରହିଥିବା ବେଳେ ଖୋର୍ଦ୍ଧାରେ ସଂକ୍ରୀୟ ଆକ୍ରାନ୍ତଙ୍କ ସଂଖ୍ୟା ୧୩୪୫ ରହିଛି । କଟକରେ ୪୯୪ ଜଣ କରୋନା ଆକ୍ରାନ୍ତ ରହିଛନ୍ତି । ଆଶ୍ୱସ୍ତିର କଥା ହେଉଛି ସଂକ୍ରମଣ ବଢ଼ିଥିଲେ ବି ହସ୍ପିଟାଲରେ କରୋନା ରୋଗୀଙ୍କ ସଂଖ୍ୟା ସେହି ଅନୁସାରେ ବୃଦ୍ଧିହୋଇନି । ମାତ୍ର ୧.୦୧ ପ୍ରତିଶତ ଆକ୍ରାନ୍ତ ହସ୍ପିଟାଲ୍ରେ ଚିକିତ୍ସିତ ହେଉଛନ୍ତି । ଆଇସିୟୁରେ ୧୯, ସାଧାରଣ ବେଡ୍ରେ ୪ ଓ ଭେଣ୍ଟିଲେଟରରେ ୨ ଜଣ ରୋଗୀ ଅଛନ୍ତି । ସେପଟେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଭୁବନେଶ୍ୱରବାସୀଙ୍କୁ ମାସ୍କ ପିନ୍ଧିବାକୁ ଯୋଡ଼ହସ୍ତରେ ଅନୁରୋଧ କରିଛନ୍ତି । ମାସ୍କ ନପିନ୍ଧିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସତର୍କ କରିଛନ୍ତି ।

### ରାଜ୍ୟରେ ୫ ଦିନ ଯାଏ....

ଜଡିଲ୍ଲା ସାମିଲ ରହିଛି । ଏହି ଜିଲ୍ଲା ମାନଙ୍କରେ ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ଆଶଙ୍କା ରହିଛି । ବଲାଙ୍ଗିର, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ଯାଜପୁର,ସମ୍ବଲପୁର, ସୋନପୁର, ବୌଦ୍ଧ ଓ କଳାହାଣ୍ଡି ପାଇଁ ୟେଲୋ ୱାର୍ନିଂ ସୂଚନା ଜାରି କରାଯାଇଛି । ଏହି ସବୁ ଜିଲ୍ଲାର ଅଧିକାଂଶ ସ୍ଥାନରେ ଆସନ୍ତାକାଲି ସକାଳ ୮.୩୦ ଯାଏ ପ୍ରବଳ ବର୍ଷାର ଆଶଙ୍କା ରହିଛି । ଅତି ପ୍ରବଳ ବର୍ଷା ଯୋଗୁ ପାହାଡ଼ିଆ ଅଂଚଳରେ ମାଟି ଧସିପାରେ । ସେହିପରି ତଳିଆ ଅଂଚଳ ଜଳାର୍ଣ୍ଣବ ହୋଇପାରେ । କଚ୍ଚା ରାସ୍ତା ବର୍ଷା ଯୋଗୁ ଧୋଇଯିବାର ଆଶଙ୍କା ଥିବାରୁ ସମସ୍ତଙ୍କୁ ସତର୍କ ରହିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି । ୧୦ ତାରିଖରୁ ୧୪ ତାରିଖ ସକାଳ ଯାଏ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର ପ୍ରାୟ ୧୧ ଜିଲ୍ଲା ପାଇଁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ଣ୍ଣିଂ ଜାରି କରିଛି । ଆସନ୍ତାକାଲି ସକାଳ ୮.୩୦ରୁ ସୋମବାର ସକାଳ ୮.୩୦ ଯାଏ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗିର ଓ ବରଗଡ଼ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲ୍ଲାର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷାର ଆଶଙ୍କା ରହିଛି ।

### ଅମରନାଥ ଯାତ୍ରା ବେଳେ ଅଘଟଣ....

ରହଣି ପାଇଁ ନିର୍ମିତ ଟେଣ୍ଟ ସହ ବହୁ ଲୋକେ ଭାସିଗଲେ । ଆଉ ଯିଏ ଯୁଆଡ଼େ ପାରିଲା ଦୌଡ଼ିବାରେ ଲାଗିଲା । ଗୁମ୍ଫା ତଳେ ଥିବା ଶିବିରରେ ବିଦ୍ୟୁତ ସେବା ମଧ୍ୟ ବନ୍ଦ ହୋଇଯିବାରୁ ସମସ୍ୟା ଆହୁରି ବଢ଼ିଯାଇଥିଲା । ଏହି ସମୟରେ ସମସ୍ତଙ୍କ ମୁହଁରେ ଭଗବାନ ଶିବଙ୍କ ନାଁ ଥିଲା । ଭାରତୀୟ ସେନା, ଏନଡିଆରଏଫ୍, ଏସଡିଆରଏଫ୍, ଆଇଟିବିପି, ଜାମ୍ମୁ ଓ କାଶ୍ମୀର ପୋଲିସ୍ ତୁରନ୍ତ ପହଂଚି ଉଦ୍ଧାର କାମରେ ନିୟୋଜିତ ହୋଇଥିଲେ । ପାଣି ସୁଅରେ କିଛି ଯବାନ ଓ ନାଗରିକ ଫସିଥିବା ସେନା ସୂଚନା ଦେଇଛି । ସେମାନଙ୍କୁ ଉଦ୍ଧାର କରିବା ପାଇଁ ସ୍ୱତନ୍ତ୍ର ପ୍ରକାରର ୱାଲ ପେନିଟ୍ରେସନ୍ ରାଡାରର ବ୍ୟବହୃତ କରାଯାଉଛି । ଏହା ଆଣ୍ଟିଟେରୋରିଷ୍ଟ ଅପରେସନରେ ଘରେ କିମ୍ବା କାନ୍ଥ ଭିତରେ ଲୁଚିଥିବା ଆତଙ୍କବାଦୀଙ୍କ ଠିକଣା ଖୋଜିବା ପାଇଁ ବ୍ୟବହାର କରାଯାଇଥାଏ ।

### ସିଞ୍ଜୋ ଆବେଙ୍କ ହତ୍ୟାକୁ ଅଗ୍ନିପଥ....

ପାର୍ଟି ମୁଖପତ୍ରରେ ପ୍ରକାଶିତ ଆଲେଖ୍ୟ ନେଇ ଲୋକେ ଆପତ୍ତି ଉଠିଛି । ଟିଏମସି ମୁଖପତ୍ର 'ଜାଗୋ ବାଂଲା'ରେ ସିଞ୍ଜୋ ଆବେଙ୍କ ହତ୍ୟାକୁ ଭାରତର 'ଅଗ୍ନିପଥ' ନିଯୁକ୍ତି ସହ ଯୋଡା ଯାଇଛି । ମୁଖପତ୍ରର ପ୍ରଥମ ପୃଷ୍ଠାରେ ପ୍ରକାଶିତ ଆଲେଖ୍ୟରେ ଆବେଙ୍କ ହତ୍ୟା ଜଣେ ପୂର୍ବତନ ଜାପାନୀ ପ୍ରତିରକ୍ଷା କର୍ମୀ ଦ୍ୱାରା ସଂଘଟିତ ହୋଇଥିବା କୁହାଯାଇଛି, ଯାହାଙ୍କୁ ପେନସନ ମିଳୁନଥିଲା । କେବଳ ଟିଏମସି ମୁଖପତ୍ର ନୁହେଁ ଜଣେ କଂଗ୍ରେସ ନେତା ମଧ୍ୟ ଶନିବାର ସମାନ କଥା କହିଥିଲେ । ସିଞ୍ଜୋ ଆବେଙ୍କ ପରଲୋକରେ ଭାରତ ୯ ଜୁଲାଇକୁ ଜାତୀୟ ଶୋକ ପାଳନ କରୁଛି । ଆବେଙ୍କ ବିୟୋଗରେ ଦେଶର ଐତିହାସିକ ଭବନରେ ଜାତୀୟ ପତାକା ଅର୍ଦ୍ଧ ନିମ୍ନିତ କରାଯାଇଛି ।

## ଦି ଡିଷ୍ଟ୍ରିକ୍ଟ ସେଂଟର ଓନର୍ସ ଆସୋସିଏସନର ବାର୍ଷିକ ସଭା ଓ ନିର୍ବାଚନ ଅନୁଷ୍ଠିତ

ଭୁବନେଶ୍ୱର,୦୯/୦୭ (ନି.ପ୍ର): ଭୁବନେଶ୍ୱରସ୍ଥିତ ସାଖ୍ୟ କନ୍‌ଭେନସନ ପରିସରରେ ଦି ଡିଷ୍ଟ୍ରିକ୍ଟ ସେଂଟର ଓନର୍ସ ଆସୋସିଏସନର ସାଧାରଣ ବାର୍ଷିକ ସଭା ଓ ନର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆସୋସିଏସନର ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିର୍ବାଚନ କମିଶନ ଭାବେ ବରିଷ୍ଠ ସଭ୍ୟ କୃପାସାଗର ସାହୁ ଏବଂ ପ୍ରଫୁଲ୍ଲ କୁମାର ପ୍ରଧାନ ନିର୍ବାଚନ ପରିଚାଳନା କରିଥିଲେ । ସର୍ବସମ୍ମତିକ୍ରମେ ସଭାପତି ଭାବେ ରଜତ କୁମାର କର, ଉପସଭାପତି ଶ୍ରୀଧର ଦାସ, ସାଧାରଣ ସମ୍ପାଦକ ସତ୍ୟନାରାୟଣ ମହାନ୍ତି, ସହ ସମ୍ପାଦକ ବିପିନ କୁମାର ଦାସ, ପରିଚାଳନା ସମ୍ପାଦକ ବେଣୁଧର ମିଶ୍ର ଓ କୋଷାଧ୍ୟକ୍ଷ ଗୌତମ ବେହେରା ପ୍ରମୁଖ ନିର୍ବାଚିତ ହୋଇଥିଲେ ଏବଂ କାର୍ଯ୍ୟକାରୀ ସଭ୍ୟ ଭାବେ ପବିତ୍ର ସୁବୁଦ୍ଧି, ଗୋପାଳ ଦାସ, ଦୟାନିଧି ପଟ୍ଟନାୟକ, ତପନ କୁମାର ଦାସ, ଜୟନ୍ତ ରଥ, ଜ୍ୟୋର୍ତିମୟ ଦ୍ୱିବେଦୀ, ରାଜୀବ ପଣ୍ଡା, ହିମାଂଶୁ ମହାରଣା, ପ୍ରଦୀପ କୁମାର ସାହୁ, ଶ୍ୟାମବାବୁ ପାତ୍ର, ସୁବାଷ ଚନ୍ଦ୍ର ସ୍ୱାଇଁ, କ୍ଷୀରୋଦ କୁମାର ରାୟ, ସିମାଦ୍ରି ବିହାରୀ ଦାସ, ଜିନ୍ଦଲ ପାଲ ସିଂ, ଯୋଗେନ୍ଦ୍ର ଦୁରୀ, ଦେବାଶିଷ ନାୟକ, ପୁଷ୍ପା ପଣ୍ଡା ଓ ଉପଦେଷ୍ଟା ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ, ମନୋଜ ସାହୁ, କୃପାସାଗର ସାହୁ, ବିଭୂତି ରାଉତରାୟ, ଡଃ ମମତା ମହାନ୍ତି ଓ ରମେଶ ଚନ୍ଦ୍ର ପାଢୀ ଉପସ୍ଥିତ ଥିଲେ ।

## ବସ୍ତା ଅଞ୍ଚଳରେ ପ୍ରଭୁଙ୍କ ବାହୁଡାଯାତ୍ରା ସମ୍ପନ୍ନ

ବସ୍ତାତା, ୦୯/୦୭ (ନି.ପ୍ର): ସାରା ପୃଥିବୀ ର ଭଗବାନ ଶ୍ରୀଜଗନ୍ନାଥ ପ୍ରଭୁଙ୍କ ବାହୁଡା ଯାତ୍ରା ପାଳନ ହେଉଥିବାବେଳେ ସାରାଓଡିଶା ରେ ପାଳନ କରାଯିଉଥିବା ଦେଖାଯାଇଛି ବସ୍ତା ରବିଭିନ୍ନ ଅଞ୍ଚଳରେ ମହାସମାରହରେ ପାଳନ ହୋଇଥିଲା ବସ୍ତା ବଜାର ର ଟିକମ ବାବାଜୀ ମଠ, ସାହାଡା, ଲଙ୍ଗେଳେଶ୍ୱ, ବାଲିଆପାଟି, ରାଇପୁର, ସିଂଲ୍ଲା, ରେଣୁପଦା, ଜୁଣବଣଦା, ଅର୍ମଦାରୋଡ, ନାଇକୁଡି, ମଥାନୀ, ତଳତାପଣ୍ଡା, କୁଡିଆ, ମାଛିଆ, କୁସୁଡିହା, ମଥାନୀ, ପଣ୍ଡୁରୁଙ୍ଗି, ବସ୍ତାର ସିମାର ମୟୁରଭଞ୍ଜର କମାର ଡିହା ଖୁଣ୍ଟା ପ୍ରଭୃତି ଅଞ୍ଚଳମାନଙ୍କରେ ବାହୁଡା ଯାତ୍ରା



ସମ୍ପନ୍ନ ଶାନ୍ତିଶୃଙ୍ଖଳା ସହିତ ପାଳନ ହୋଇଥିଲା ପ୍ରକାଶ ଥାଉକି ମୁକୁଳିସି ରେ ଯୋଉଁ ରଥଯାତ୍ରା ହୋଇଥାଏ ସେଠାରେ ତିନିଟି ରଥ ହୋଇଥାଏ ବାହୁଡାଯାତ୍ରାଟିଆଜି ଟିକେ ଖରାପାଗ ହୋଇଥିବାରୁ ବହୁ ଭକ୍ତ ସମାଗମ ଦେଖାବାକୁ ମିଳିଥିଲା ରିପୋଟ ଲେଖା ପର୍ଯ୍ୟନ୍ତ କୋଣସି ଅପ୍ରିତିକର ପରିବେଶ ସୃଷ୍ଟି ହୋଇନଥିବା ଜଣାପଡିଛି ।

## ତିନି ଠାକୁରଙ୍କ ପହଣ୍ଡି ବିଜେ : ହଜାର ହଜାର ଭକ୍ତଙ୍କ ସମାଗମ

ନୀଳଗିରି, ୦୯/୦୭ (ନି.ପ୍ର): ଓଡ଼ିଶାର ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଘୋଷଯାତ୍ରା ଅବସରରେ ତିନି ଠାକୁରଙ୍କୁ ରୀତିନୀତି ଅନୁଯାୟୀ ଜନ୍ମ ବେଦୀରୁ ବାହାରି ଗୋଟି ପହଣ୍ଡି କରି ତିନି ଠାକୁରଙ୍କୁ ରଥାରୁଢ଼ କରାଯାଇଛି । ନୀଳଗିରି ର ରାଜାସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦ ପ୍ରଥମେ ଛେରା ପହଁରା କଲାପରେ ପ୍ରଥମେ ବଳଭଦ୍ରଙ୍କୁ ଗୋଟି ପହଣ୍ଡି କରାଇ ରଥାରୁଢ଼ କରାଯାଇଥିଲା । ପରେ ଭଉଣୀ ସୁଭଦ୍ରାଙ୍କୁ ରୀତିନୀତି ଅନୁଯାୟୀ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା । ଶେଷରେ ଜଗତର ନାଥ ଜଗନ୍ନାଥଙ୍କୁ ଗୋଟି ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା । ଆଜିର ପହଣ୍ଡି ଯାତ୍ରାରେ ହଜାରହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ପହଣ୍ଡି ସମୟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ, ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ତହସିଲଦାର ଅଶେଷ କୁମାର ନାୟକ ସମେତ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ଅନୁରୂପ ଭାବେ ମହିଳା ରଥରେ ତିନି ଠାକୁରଙ୍କୁ ରୀତିନିତି ଅନୁଯାୟୀ ପହଣ୍ଡି ବିଜେ କରାଯାଇ ରଥାରୁଢ଼ କରାଯାଇଅଛି । ନୀଳଗିରି ମହନ୍ତ ମନ୍ଦିର ପକ୍ଷରୁପହଣ୍ଡି ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଅଛି ।

# ଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା

ନୂଆଦିଲ୍ଲୀ, ୦୯/୦୭ : ନୂଆଦିଲ୍ଲୀର ହାଉଜଖାସସ୍ଥିତ ପ୍ରମୁଖ ଜଗନ୍ନାଥ ମନ୍ଦିରରେ ପବିତ୍ର ବାହୁଡ଼ା ଯାତ୍ରା ପର୍ବ ଆତ୍ମିକ ଉଲ୍ଲାସ ଓ ଭକ୍ତିପୂତ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବ ଉପଲକ୍ଷେ ବଡ଼ି ଭୋରରୁ ମୁଖ୍ୟ ମନ୍ଦିରର ବେସମେଂଟସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ବିରାଜମାନ ଥିବା ବିଅଁ ମାନଙ୍କ ସାମ୍ନାରେ ପୂଜାର୍ଚ୍ଚନା ଓ ନୀତିକାନ୍ତି ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା । ଏହା ପରେ ଦିନ ସାଢ଼େ ୩ଟା ବେଳେ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଏବଂ ଶଙ୍ଖ ଧ୍ୱନି ତଥା ବାଦ୍ୟ, କୀର୍ତ୍ତନର ତାଳେ ତାଳେ ଚାରି ଠାକୁରଙ୍କୁ ପୂଜକ ଓ ଭକ୍ତ ମାନେ ଧାଡ଼ି ପହଣ୍ଡି କରି ମନ୍ଦିର ସାମ୍ନା ସ୍ଥିତ ବଡ଼ଦାଣ୍ଡରେ ଦଣ୍ଡାୟମାନ ଥିବା ସୁନ୍ଦର, ସୁଶୋଭିତ ରଥ ଉପରକୁ ନେଇଯାଇଥିଲେ । ଅପରାହ୍ନ ୪ଟା ସମୟରେ ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଂଘର ସମ୍ପାଦକ ଓ ବିଶିଷ୍ଟ ସମାଜସେବୀ ରବୀନ୍ଦ୍ର ନାଥ ପ୍ରଧାନ ପାରମ୍ପରିକ ଛେରା ପହଁରା କାର୍ଯ୍ୟ କରିଥିଲେ । ଏହାପରେ ଦିନ ସାଢ଼େ ୪ଟା ବେଳେ ରଥଟଣାର ଶୁଭାରମ୍ଭ ହୋଇଥିଲା । ହାଉଜଖାସ ଭିଲେଜ ସ୍ଥିତ ଶ୍ରୀ ଜଗନ୍ନାଥ ମାର୍ଗରେ ଅରବିନ୍ଦ ପ୍ଲେସ ମାର୍କେଟ ପର୍ଯ୍ୟନ୍ତ ରଥଟିକୁ ଟଣାଯାଇ ପୁଣି ସନ୍ଧ୍ୟା ସୁଦ୍ଧା ମନ୍ଦିର ବେଢ଼ା ନିକଟକୁ ଫେରାଇ ଅଣାଯାଇଥିଲା । ଦିଲ୍ଲୀର ରାଜ ରାସ୍ତାରେ ରାଜକୀୟ ରଥ ଉପରେ ପ୍ରବଳ ପ୍ରତାପୀ ଠାଣିରେ ଭଗବାନଙ୍କର ଘୋଷଯାତ୍ରା ଏବଂ ଜନସମୁଦ୍ର ମଝିରେ ଭକ୍ତ ଓ ଭଗବାନଙ୍କର ଅପୂର୍ବ ଚକ୍ଷୁ ମିଳନର ଦୃଶ୍ୟ ବେଶ୍ ହୃଦୟସ୍ପର୍ଶୀ ଥିଲା । ମନ୍ଦିର ଅଗଣାକୁ ଫେରିବା ପରେ ରଥ ଉପରେ ବିଦ୍ୟମାନ ଜଗତର ନାଥ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନ, ଭକ୍ତ ମାନଙ୍କୁ ଦିବ୍ୟ ଦର୍ଶନ ପ୍ରଦାନ କରିଥିଲେ । ରାତି ପ୍ରାୟ ୧୦ ଟା ବେଳେ ପୁଣି ରୋଷଣୀ କରାଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥରୁ ନିଆଯାଇ ନାଟ୍ୟ ମଣ୍ଡପଠାରେ ଆସୀନ କରାଯାଇଥିଲା । ମହାପ୍ରଭୁ ନାଟ୍ୟମଣ୍ଡପ ଠାରେ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଅବସ୍ଥାନ କରିବେ ବୋଲି ମନ୍ଦିର ପରିଚାଳନା କମିଟି ସୂତ୍ରରୁ ପ୍ରକାଶ । ଦିଲ୍ଲୀରେ ଆଜି ଛୁଟି ଦିନ ଥିବାରୁ ଏବଂ ପାଗ କୋହଲା ହୋଇଥିବାରୁ ପ୍ରାୟ କୋଡ଼ିଏ ହଜାର ଶ୍ରଦ୍ଧାଳୁଙ୍କର ହାଉଜଖାସ ଠାରେ ସମାଗମ ଘଟିଥିବା ଲକ୍ଷ୍ୟ କରାଯାଇଥିଲା ।

# ବାଲେଶ୍ୱରର ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା



ବାଲେଶ୍ୱର,୦୯/୦୭ (ନି.ପ୍ର): ମାଉସୀଘରେ ୯ଦିନର ଲୀଳାଖେଳା ପରେ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କ ସହ ଶନିବାର ବଡ଼ଦେଉଳକୁ ବାହୁଡ଼ିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ଶ୍ରୀକ୍ଷେତ୍ର ବଡ଼ଦାଣ୍ଡ ଭଳି ସହର ସମେତ ବାଲେଶ୍ୱର ଜିଲାରେ ଶ୍ରଦ୍ଧା ଓ ଭକ୍ତିର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲାର ବିଭିନ୍ନ ସ୍ଥାନରେ ରଥାରୁଢ଼ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହିତ ଭକ୍ତମାନେ ରଥକୁ ମନ୍ଦିର ପର୍ଯ୍ୟନ୍ତ ଟାଣି ଟାଣି ନେଉଥିବା ଲକ୍ଷ୍ୟ କରାଯାଇଛି । ବାଲେଶ୍ୱର ସହରର ସିନେମାଛକ ସ୍ଥିତ ମାଉସୀମା' ମନ୍ଦିରରୁ ବିଶେଷ ନୀତିପୂଜା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଧାଡ଼ି ପହଣ୍ଡି ବିଜେ ଅନୁଷ୍ଠିତ ହୋଇଥିଲା । ପରେ ଭକ୍ତମାନେ ଅତ୍ୟନ୍ତ ଆନନ୍ଦର ସହ ରଥକୁ ଟାଣି ନେଇଥିଲେ ବାଣ୍ଡିଆ ଶ୍ରୀଜଗନ୍ନାଥ ମନ୍ଦିର ଅଭିମୁଖେ । ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇ ରଥାରୂଢ଼ ବିଅଁଙ୍କୁ ଦର୍ଶନ ସହିତ ରଥ ଟଣାରେ ସକ୍ରିୟ ସହଯୋଗ କରିଥିଲେ । ଆନ୍ତର୍ଜାତିକ କୃଷ୍ଣ ଦର୍ଶନ ଗବେଷଣାତ୍ମକ ଆଧ୍ୟାତ୍ମିକ ଅନୁଷ୍ଠାନ 'ଇସ୍କନ'ର ବହୁ ସଦସ୍ୟ ଏଥିରେ ଯୋଗଦେଇ ଭଜନ କୀର୍ତ୍ତନ କରିଥିଲେ । ଘଣ୍ଟଘଣ୍ଟା, ଭଜନ କୀର୍ତ୍ତନ ସାଙ୍ଗକୁ ଭକ୍ତଙ୍କ ଜୟ ଜଗନ୍ନାଥ ଓ ହରିବୋଲ ଧ୍ୱନିରେ ବାଲେଶ୍ୱର ସହରରେ ଏକ ଭାବାବେଗ ପରିବେଶ୍ ଅନୁଭୂତ ହୋଇଥିଲା । ଲଘୁଚାପ ଜନିତ ବର୍ଷା ସତ୍ତ୍ୱେ ଶହ ଶହ ଭକ୍ତ ଆନନ୍ଦ ଉଲାସର ସହ ରଥଟଣାରେ ସାମିଲ ହୋଇଥିଲେ । ସହର ସମେତ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଏଥିରେ ଯୋଗଦେଇ ଶ୍ରୀଜୀଉମାନଙ୍କୁ ଦର୍ଶନ କରିବା ସହ ରଥ ଟାଣିଥିଲେ । ଅନୁରୂପ ଭାବେ ବାଲେଶ୍ୱର ସହର ଉପକଣ୍ଠ ବାଲିଆ ବୃନ୍ଦାବନ ଶାସନ ଶ୍ରୀଜଗନ୍ନାଥ ମନ୍ଦିର, ଆଜିମାବାଦ ଜଗନ୍ନାଥ ମନ୍ଦିର, ପୁଲିସଲାଇନ ଜଗନ୍ନାଥ ମନ୍ଦିର, ଝାଡ଼େଶ୍ୱର ଜଗନ୍ନାଥ ମନ୍ଦିର, ସୁଏଲପୁର ଜଗନ୍ନାଥ ମନ୍ଦିର, ମଣ୍ଡଳବଜାର ଜଗନ୍ନାଥ ମନ୍ଦିର ସମେତ ସହରର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କର ପବିତ୍ର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି ।

# ମାକିଡିଆ ଟସର ବୁଣାକାର ଗୋଷ୍ଠୀଙ୍କ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ



ଜଳେଶ୍ୱର, ୦୯/୭(ନି.ପ୍ର) : ଆଜି ବାଲେଶ୍ୱରର ନୂତନ ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାକିଡିଆଠାରେ ଥିବା ପ୍ରସିଦ୍ଧ ଟସର ଶିଳ୍ପ ସମ୍ପର୍କରେ ସମୀକ୍ଷା କରିବାପାଇଁ ଆଜି ଆସି ପହଞ୍ଚିଥିଲେ । ଟସରରୁ ଲୁଗା ବୁଣିବା ଏବଂ ରଂଗ କରିବା ଲାଗି ବିଭିନ୍ନ ପର୍ଯ୍ୟାୟରେ ବୁଣାକାର ମାନଙ୍କୁ ପ୍ରଶିକ୍ଷଣ ଦେବା ଜରୁରୀ ତଥା ଆସନ୍ତା ଦିନରେ ବଜାର ସୃଷ୍ଟି କରାଯିବା ଉଚିତ୍ ବୋଲି ଜିଲାପାଳ ମତବ୍ୟକ୍ତ କରିଛନ୍ତି । ମାକିଡିଆଠାରେ ପ୍ରାୟ ୪ଶହ ବୁଣାକାର ଦୁଃଖ ଦୈନ୍ୟତା ମଧ୍ୟରେ ଟସର ଶିଳ୍ପକୁ ବଂଚାଇ ଆସିଛନ୍ତି । ବିଭିନ୍ନ ସମୟରେ ସେମାନଙ୍କୁ କାଁ ଭାଁ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ଆର୍ଥିକ ଦୂରବସ୍ଥା ଯୋଗୁଁ ଟସର ଯୋଗାଣ, କୋଷ ଆମଦାନୀ, ତନ୍ତର ଆଧୁନିକକରଣ, ବିଭିନ୍ନ ପ୍ରଶିକ୍ଷଣ ଓ ସର୍ବୋପରି ବଜାର ସୃଷ୍ଟି ଲାଗି ବିଭିନ୍ନ ସମୟରେ ବୁଣାକାର ସଂଘ ମାନଙ୍କ ପକ୍ଷରୁ ଦାବି ହୋଇ ଆସୁଛି । କିନ୍ତୁ ସେଠାରେ ୨ଟି ସମବାୟ ସମିତି ଥିଲେ ମଧ୍ୟ ବୁଣାକାର ମାନେ ପ୍ରତିଦିନ କାମ ପାଇ ପାରୁ ନାହାନ୍ତି । ଫଳରେ ତନ୍ତ କାର୍ଯ୍ୟଛାଡି ସେମାନେ ଦୂର ରାଜ୍ୟକୁ ଦାଦନ ଖଟିବାକୁ ଚାଲି ଯାଉଥିବାର ଅଭିଯୋଗ ହୋଇଛି । ଏସବୁ ସମସ୍ୟା ସଂପର୍କରେ ବିଷଦ ଭାବେ ଜାଣିବାଲାଗି ଶ୍ରୀ ସିନ୍ଦେ ଘଟଣାସ୍ଥଳକୁ ଯାଇଥିଲେ । ସେଠାରେ ତ୍ରୀଶକ୍ତି ଟସର ଉତ୍ପାଦକ ଗୋଷ୍ଠୀ, ସପ୍ତଭଗିନୀ ଟସର ଉତ୍ପାଦକ ଗୋଷ୍ଠି, ରାଧାକୃଷ୍ଣ ଟସର ଉତ୍ପାଦକ ଗୋଷ୍ଠି ସଦସ୍ୟଙ୍କ ସହିତ ଜିଲାପାଳ ବିଷଦ ଆଲୋଚନା କରିଥିଲେ । ପରେ ବିଭିନ୍ନ ଟସର ଶିଳ୍ପୀଙ୍କ ଘରକୁ ଯାଇ ଅତୀତର ଟସର ତନ୍ତ, ବୁଣା ଲୁଗା, କୋଷରୁ ସୂତା ଉତ୍ପାଦନ ଇତ୍ୟାଦି ସଂପର୍କରେ ପଚାରି ବୁଝିଥିଲେ । ଘରେ ଘରେ ପଡିଥିବା ତନ୍ତର ଆଧୁନିକୀକରଣ ହେବା ଓ ବୈଷୟିକ ପରାମର୍ଷ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରକାଶଯୋଗ୍ୟ ବଂକିମ ଚନ୍ଦ୍ର ଦାସ, ତାପସ ଚନ୍ଦ, ଝଗଡେଶ୍ୱର ଟସର ତନ୍ତୁବାୟ ସମିତିର କର୍ମକର୍ତ୍ତାମାନେ ଅତୀତର ଟସରତନ୍ତ ସଂପର୍କରେ ଜିଲାପାଳଙ୍କୁ ବୁଝାଇଥିଲେ । କିନ୍ତୁ ଏହାର ଆଧୁନିକୀକରଣ କରାଯାଇ ବୁଣାକାର ମାନେ ଅଧିକ ଲାଭବାନ କିପରି ହୋଇପାରିବେ ଏବଂ ସମସ୍ତଙ୍କୁ ପ୍ରତ୍ସାହନ ହେବା ସଂପର୍କରେ ସେ ଆଲୋଚନା କରିବା ସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ । ତାଙ୍କ ସହିତ ଜିଲା ପ୍ରକଳ୍ପ ଅଧିକାରୀ ରବିନ୍ଦ୍ର ସାହୁ, ଜିଲା ଅର୍ମାସର ଡେପୁଟି ସିଇଓ ଜିତେନ୍ଦ୍ର କୁମାର ବିଶ୍ୱାଳ, ମିଶନ ଶକ୍ତିର ଡିପିସି ବିଶ୍ୱଜିତ୍ ପରିଡା, ବିପିଏମ୍ ମଧୁସ୍ମିତା ଦାସ, ବିଡିଓ ସ୍ମୃତିରଂଜନ ମଲ୍ଲିକ, ବିପିସି ଲୋପାମୁଦ୍ରା ପରିଡା ପ୍ରମୁଖ ଘଟଣାସ୍ଥଳରେ ରହି ଜିଲାପାଳଙ୍କୁ ସବିଶେଷ ତଥ୍ୟ ଦେଇଥିଲେ । ସରପଂଚ ବିଷ୍ଣୁ ପ୍ରିୟା ଘୋଷ, ସଦସ୍ୟା ସୁପ୍ରଭା ଘଡେଇ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଜିଲାପାଳଙ୍କୁ ସମ୍ବର୍ଦ୍ଧନା କରିଥିଲେ । ଏମ୍‌ବିକେ ପ୍ରିୟଙ୍କା ଘଡେଇ ଓ ସିଆରପି ମାନେ ଘଟରାସ୍ଥଳରେ ଉପସ୍ଥିତ ଥିଲେ । ଦିନକୁ ଅନ୍ୟୁନ ପ୍ରତ୍ୟେକ ବୁଣାକାରକୁ ୧୦ ଘଣ୍ଟାର କାର୍ଯ୍ୟ କରିବାଲାଗି କଂଚାମାଲ ଯୋଗାଇବା ସହିତ ବଜାରସୃଷ୍ଟି କରିବାଲାଗି ବୁଣାକାର ମାନେ ଦାବି କରିଥିଲେ ।

# ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡିଲେ ଯୁବ ଛାତ୍ର ବିଜେଡି



ବାରିପଦା, ୦୯/୦୭ (ନି.ପ୍ର): ଆଜିଠାରୁ ମାନ୍ୟବର ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସାଂଗଠନିକ ସମ୍ପାଦକ ଶ୍ରୀ ପ୍ରଣବ ପ୍ରକାଶ ଦାସ ମହୋଦୟଙ୍କର ନିର୍ଦ୍ଦେଶକ୍ରମେ ସାରା ଓଡ଼ିଶାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ସେହି ପରିପ୍ରେକ୍ଷୀରେ ଶୁଳିଆପଦା ବ୍ଲକ ଅନ୍ତର୍ଗତ ଚକ୍‌ଶୁଳିଆପଦା କଲେଜରେ ୧୦୦ ଗୋଟି ବୃକ୍ଷ ରୋପଣ କରାଗଲା ଏବଂ ତାର ସୁରକ୍ଷା ପାଇଁ ସୁରକ୍ଷାକାରୀ ଜାଲି ମଧ ଦିଆଯାଇଅଛି । ଏହି କାର୍ଯ୍ୟକ୍ରମ ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ କରାଯାଇଅଛି । ଏହି କାର୍ଯ୍ୟକ୍ରମ ପରିବେଶର ସୁରକ୍ଷା ଓ ପ୍ରଦୂଷଣମୁକ୍ତ ଏବଂ ସୁସ୍ଥ ଓଡ଼ିଶା ଗଠନ ପାଇଁ ଏବଂ ଯୁବ ପୀଢି ପରିବେଶ ପ୍ରତି ଭଲପାଇବା ଓ ସୁରକ୍ଷିତ ରଖିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସାଂଗଠନିକ ସମ୍ପାଦକ ଶ୍ରୀ ପ୍ରଣବ ପ୍ରକାଶ ଦାସଙ୍କ ଏକ ପଯାସ । ଏଥିରେ ମୁଖ୍ୟ ଦାୟିତ୍ୱ ଦିଆଯାଇଛି ଯୁବ ଏବଂ ଛାତ୍ର ସଂଗଠନକୁ , ଯେଉଁଥିରେ ଯୁବ ଓ ଛାତ୍ର ଅତି ଆନନ୍ଦର ସହିତ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ସହିତ ଆଗକୁ ମଧ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ମୟୂରଭଞ୍ଜ ଯୁବ ସଭାପତି ଶ୍ରୀ ଅରୁଣ ବରାଡ ପ୍ରକାଶ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମଟି ଶୁଳିଆପଦା ବ୍ଲକର ଯୁବ ସଭାପତି ସତ୍ୟବାନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏସ.ଡି.ସି. ଚେୟାରମେନ ଡକ୍ଟର ଦେବାଶିଷ ମାରାଣ୍ଡି, ପୂର୍ବତନ ପୌରାଧକ୍ଷ ପ୍ରୀତିନନ୍ଦା କାନୁନ୍‌ଗୋ, ମୟୂରଭଞ୍ଜ ଯୁବ ସଭାପତି ଅରୁଣ ବରାଡ, ଛାତ୍ର ଜୋନାଲ ସଭାପତି ଅବଦୁଲ ହବିବ, ବ୍ଲକ ସଭାପତି ଦିବ୍ୟଲୋଚନ ଦାସ, ଚେୟାରମେନ ବ୍ଲକ ପାନମଣି ମାରାଣ୍ଡି, ଭାଇସ ଚେୟାରମେନ - ଜ୍ୟୋତିଲାଲା ବାରିକ, ଓ ଅନ୍ୟାନ୍ୟ ଯୁବଛାତ୍ର ନେତା ମାନେ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ସ୍କୁଲ ଛାତ୍ର ମୃତ

କେନ୍ଦ୍ରାପଡ଼ା, ୦୯/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଥାନା ଅନ୍ତର୍ଗତ କଲେଜ ନିକଟରେ ଏକ ସ୍କୁଲଛାତ୍ର ଭୋର ସମୟରେ ଚାଲିଚାଲି ଯାଉଥିବା ବେଳେ ଏକ ଦୃତଗାମୀ କାର ତାଙ୍କୁ ଧକ୍କା ଦେଇଥିଲା । ମହାକାଳପଡା କଲେଜ ପାଖ ଅଂଚଳର ମହେଶ୍ୱର ରାଉତଙ୍କ ପୁଅ ସତ୍ୟଜିତ ରାଉତ(୯) ଦୁର୍ଘଟଣାରେ ଆହତ ହେବାପରେ ତାଙ୍କୁ ତୁରନ୍ତ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଅଣାଯାଇ ଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ ।

# ବାଲିଆପାଳ ବିଜୁ ଯୁବ ଜନତା ଦଳ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବାଲିଆପାଳ, ୦୯/୦୭ (ନି.ପ୍ର): ବିଜୁ ଜନତା ଦଳ ର ୨୫ ବର୍ଷ ପୂର୍ତ୍ତି ଅବସରରେ ବାଲିଆପାଳ ବ୍ଲକ ବିଜୁ ଯୁବ ଜନତା ଦଳ ତରଫରୁ ଆଜି ପ୍ରତାପପୁର ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବାଲିଆପାଳ ବ୍ଲକ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ଜେନାଙ୍କ ନେତୃତ୍ୱରେ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜିର କାର୍ଯ୍ୟକ୍ରମରେ ୨୩ନଂ ଜୋନ୍ ଜିଲ୍ଲାପରିଷଦ ବେଣୁଧର ଜେନା, ପ୍ରତାପପୁର ସରପଞ୍ଚ କସ୍ତୁରୀବାଳା ପାତ୍ର, ପ୍ରତାପପୁର ସମିତି ସଦସ୍ୟାଙ୍କ ପ୍ରତିନିଧି ଯୁବନେତା ହାଡିବନ୍ଧୁ ରାଉତ, ସନ୍ତୋଷ କୁମାର ଗିରି, ନିତ୍ୟାନନ୍ଦ ଜେନା, ସନ୍ତୋଷ ମାହାଳିକ, ମୃତ୍ୟୁଞ୍ଜୟ ଗୋଛାୟତ, ଉମାକାନ୍ତ ବିଶି, ଆନନ୍ଦ ବେହେରା, ବାଲିଆପାଳ ବ୍ଲକ ବିଜୁ ଯୁବ ଜନତା ଦଳ ଡିଜିଟାଲ ସେକ୍ରେଟେରୀ ଗୋପନାରାୟଣ ଜେନା,ସୁବ୍ରତ କୁମାର ପାତ୍ର,ପରେଶ ଭୋଳ, ସୁଶାନ୍ତ ପାତ୍ର, ପ୍ରଦୀପ ସି, ବିକାଶ ଜେନା, ହେମନ୍ତ ସାହୁ, ସଦାଶିବ ଦାସ,ଜନ୍ମେଜୟ ରାଉତ,ଅରୁଣ ପାତ୍ର ପ୍ରମୁଖ ବହୁ ବିଜୁ ଯୁବ ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ବାଲିଆପାଳ ବ୍ଲକ ମେଟ୍ରିକ ଟପରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ବାଲିଆପାଳ, ୦୯/୦୭ (ନି.ପ୍ର): ବାଲିଆପାଳର ଅଗ୍ରଣୀସାହିତ୍ୟ ଅନୁଷ୍ଠାନ ସାହିତ୍ୟଘର ପକ୍ଷରୁ ଚଳିତ ବର୍ଷ ମେଟ୍ରିକ ପରିକ୍ଷାରେ ବାଲିଆପାଳ ବ୍ଲକରେ ପ୍ରଥମ ଓ ଦ୍ୱିତୀୟସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବାଲିଆପାଳ ପୂଜ୍ୟପୂଜା ସଂସଦ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବରେ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସଭାପତି ନାରାୟଣ ପ୍ରସାଦ ସାହୁ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଶିକ୍ଷାବିତ ଶ୍ରୀହରି ମଣ୍ଡଳ, ଅବସରପ୍ରାପ୍ତ ବ୍ୟାଙ୍କମ୍ୟାନେଜର ଭୂବନ ମୋହନ ପିଳା, ସୁରେନ୍ଦ୍ରନାଥ ପରିଡା , କବି ଭୀମଚରଣ ବେହେରା, ବିଜୟ କୁମାର ପାତ୍ର, ବାଲିଆପାଳ କଳାକାର ସଂଘର ସମ୍ପାଦକ ପ୍ରଫୁଲ୍ଲ ବାଗ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ଏହି ଅବସରରେ ଚଳିତ ବର୍ଷ ମେଟ୍ରିକ ପରୀକ୍ଷାରେ ୫୮୪ ନମ୍ବର ରଖି ପ୍ରଥମସ୍ଥାନ ଅଧିକାର କରିଥିବା ପଦ୍ମଲୋଚନ ଉଚ୍ଚବିଦ୍ୟାଳୟ ଜଗାଇର ଛାତ୍ରୀ ବର୍ଷାରାଣୀ ଦେ ଏବଂ ୫୮୨ ନମ୍ବର ରଖି ଦ୍ୱିତୀୟସ୍ଥାନ ଅଧିକାର କରିଥିବା ସୁବର୍ଣ୍ଣରେଖା ଉଚ୍ଚବିଦ୍ୟାଳୟର ଛାତ୍ର ସାଇ କିଷାନ ତ୍ରିପାଠୀଙ୍କୁପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଦୁଇ ଛାତ୍ର ଚାତ୍ରୀ ଭବିଷ୍ୟତରେ ଜଣେ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବାର ସଙ୍କଳ୍ପ ନେଇଥିବା କହିଥିଲେ ବ୍ୟୋମକେଶ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲା ବେଳେ ସଂପାଦକ କବି ନଳିନୀକାନ୍ତ ପାଢୀ ଅତିଥିପରିଚୟ ପ୍ରଦାନ କବି ସନ୍ୟାସୀ ବେହେରା ବେଦମନ୍ତ୍ର ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଇକିଷାନର ବାପା ସରୋଜ କୁମାର ତ୍ରୀପାଠୀ, ବର୍ଷାର ମାଆ ରଞ୍ଜିତା ଦେ, ଡ. କୃଷ୍ଣା କୁମାରୀ ନାୟକ, କମଳ ଲୋଚନ ପାତ୍ର, ମନୋଜ କୁମାର ପରିଡା,ସୁଜାତା ଦାସ, ମନୋରଞ୍ଜନ ପ୍ରଧାନ, କୁମାର କୌଶିକ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସାମ୍ବାଦିକ ସାଗର ପଟ୍ଟନାୟକ ଉମାକାନ୍ତ ନାୟକ, ପଙ୍କଜ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ପ୍ରକାଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏ.ବି.ଭି.ପି.ର ୭୪ତମ ପ୍ରତିଷ୍ଠା ଦିବସ ପାଳିତ

ନୀଳଗିରି, ୦୯/୦୭ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ନୀଳଗିରି ନଗରପକ୍ଷରୁ ଏ.ବି.ଭି.ପି.ର ୭୪ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଅଛି । ୧୯୪୯ ଜୁଲାଇ ୯ରେ ରାଷ୍ଟ୍ରବାଦୀ ବିଦ୍ୟାର୍ଥୀଙ୍କୁ ନେଇ ଗଠନ କରାଯାଇଥିବା ଏ.ବି.ଭି.ପି. ତାର ୭୪ତମ ପ୍ରତିଷ୍ଠା ଦିବସ ପାଳନ କରି ୭୫ବର୍ଷରେ ପଦାର୍ପଣ କରିଛି । ଏହି ପ୍ରତିଷ୍ଠା ଦିବସକୁ ବିଦ୍ୟାର୍ଥୀ ଦିବସ ରୂପେ ପାଳିତ କରାଯାଉଅଛି । ନୀଳଗିରି ନଗର ଶାଖା ପକ୍ଷରୁ ନୀଳଗିରି କାର୍ଯ୍ୟାଳୟ ସମ୍ମୁଖରେ ଉକ୍ତ ବିଦ୍ୟାର୍ଥୀ ଦିବସ ପାଳନ କରାଯାଇଅଛି । ଏହି ଅବସରରେ ପତାକା ଉତୋଳନ କରାଯିବା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ନଗର ସଭାପତି ଅକ୍ଷୟ କୁମାର ପାଣିଗ୍ରାହୀ, ପୂର୍ବତନ ନଗର ଉପସଭାପତି ନିହାର ରଂଜନ ବେହେରା, କାର୍ଯ୍ୟକାରିଣୀ ସଦସ୍ୟ ଗୋପିବଲ୍ଲଭ ରାଉତ, ଧର୍ମଜ୍ୟୋତି ଦାସ, ଅଭିଜିତ୍ ରାଉତ, ଲକ୍ଷ୍ମୀକାନ୍ତ ରାଉତ, ସତ୍ୟପ୍ରକାଶ ପ୍ରଧାନ, ସୁଜିତ ସ, ପ୍ରଦୀପ ଜେନା, ଧୃରେନ୍ଦ୍ର ଲେଙ୍କା, ପ୍ରଦୀପ ଧଲ, ଚିତରଂଜନ ସିଂ ପ୍ରମୁଖ ସାମିଲ ଥିଲେ ।

## ନୋସି ପକ୍ଷରୁ ବନମହୋତ୍ସବ

ବାଲେଶ୍ୱର,୦୯/୦୭ (ନି.ପ୍ର): ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ନୋସି ତରଫରୁ ପରିବେଶ ସୁରକ୍ଷା ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି । ଏଥିରେ ଅଂଶଗ୍ରହଣ କରିଥିବା ସିପେଟର ଶତାଧିକ ଛାତ୍ରଛାତ୍ରୀଙ୍କୁ ସୁବ୍ରତ ନାୟକ ପରିବେଶ ସୁରକ୍ଷା ସମ୍ପର୍କରେ ପରାମର୍ଶ ଦେଇଥିଲେ । ପରିବେଶ ସୁରକ୍ଷା ସାଙ୍ଗକୁ ବାୟୁମଣ୍ଡଳରେ ଅମ୍ଳଜାନ ମାତ୍ରା ବୃଦ୍ଧି ପାଇଁ ପ୍ରତ୍ୟେକ ପରିବାର ପକ୍ଷରୁ ବୃକ୍ଷରୋପଣ ପାଇଁ ଛାତ୍ରଛାତ୍ରୀଙ୍କୁ ଶ୍ରୀ ନାୟକ ଉତ୍ସାହିତ କରିଥିଲେ । ଅଙ୍କର ଶିକ୍ଷାନୁଷ୍ଠାନର ମୁଖ୍ୟ ସିପି ଭର୍ତ୍ତିଆଙ୍କ ସମେତ ଦେବାଶିଷ ମହାନ୍ତି, ଦେବାଶିଷ ଦାସ ପ୍ରମୁଖ ଏଥିରେ ଯୋଗଦେଇ ବନ ମହୋତ୍ସବ ପାଳନର ଅଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।

# 'ପ୍ରେମ ଲେଖିଦେଲି ତୋ ନାଁରେ'ର ଶୁଭ ମହୁରତ



ଭୁବନେଶ୍ୱର,୦୯/୦୭ (ନି.ପ୍ର): 'ପ୍ରେମ ଲେଖିଦେଲି ତୋ ନାଁରେ'ର ଶୁଭ ମହୁରତ ଅନୁଷ୍ଠିତ ହୋଇଛି । ଭୁବନେଶ୍ୱର ଆର୍ଯ୍ୟ ପ୍ୟାଲେସ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ କଳାକାର ଯୋଗ ଦେଇଥିଲେ । ଆଜି ଏହାର ଶୁଭ ମହୁରତ ହେବା ସହ ଅଗଷ୍ଟ ପ୍ରଥମ ସପ୍ତାହରୁ ସୁଟିଂ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ସୂଚନା ଦେଇଛି । ଏଥିରେ ନୂଆ ଯୋଡି ଭାବେ ପ୍ରେମ୍, ସୁସ୍ମିତା ନଜର ଆସିବେ । ଏମାନଙ୍କ ସହ ପୂଜା, ଆଶୁତୋଷ, ରବି ମିଶ୍ର, ଦେବଦତ୍ତ, ତପସ୍ୱିନୀ ପ୍ରମୁଖ ଅଭିନୟ କରିଛନ୍ତି । ସତ୍ୟ ନାରାୟଣ ସାହୁ ସିନେମାରେ ନୂଆକରି ନିର୍ଦ୍ଦେଶନା ଦେଇଥିବା ବେଳେ ଟୁଟୁ ନାୟକ ନୂଆ କରି ପ୍ରଯୋଜନା ଭାର ତୁଲାଇଛନ୍ତି । ସେହିପରି ନନ୍ଦିନୀ ଆଇ ଲଭ ୟୁ, ମିତରେ ମିତ ଭଳି ଅନେକ ସୁପରହିଟ ଚଳଚ୍ଚିତ୍ରରେ ସଂଗୀତ ନିର୍ଦ୍ଦେଶନା ଦେଇଥିବା ପ୍ରଶାନ୍ତ ପାଢ଼ୀ ଏହି ସିନେମାରେ ସଂଗୀତ ସଜାଇଛନ୍ତି । ଓଲିଉଡର ସୁପରହିଟ ଯୋଡି ବିନି ପଟ୍ଟନାୟକ ଓ ସଚ୍ଚିକାନ୍ତ ଜେନା ଏହି ସିନେମାରେ ପ୍ରଯୋଜନା ଦାୟିତ୍ୱ ନେଇଛନ୍ତି । ଏଥଗ ପୂର୍ବରୁ ସୁନ୍ଦରଗଡ ର ସଲମନ୍ ଖାନ୍, ଝିଅଟା ବିଗିଡି ଗଲା ଓ ବଜରଙ୍ଗୀ ଭଳି ଅନେକ ସୁପରହିଟ୍ ଚଳଚ୍ଚିତ୍ର ମୁନ୍ ଟିଭି ମୁଭିଜ୍ ଓଡ଼ିଶାର ଦର୍ଶକମାନଙ୍କୁ ଭେଟି ସାରିଛି । ଲୁବୁନ-ଟୁବୁନ କ୍ୟୋରିଓଗ୍ରାଫି କରୁଥିବା ବେଳେ ପ୍ରଣୟ ଜେଠୀ କ୍ରିଏଟିଭ ହେଡ ରହିଛନ୍ତି । ଆଜିର କାର୍ଯ୍ୟକ୍ରମରେ ସମାଜସେବୀ ଶଶୀ କୁମାର ସାହୁ ମହୁରତ କ୍ଲାପ୍ ଦେଇଥିଲେ । ତାଙ୍କ ସହ ପ୍ରଯୋଜକ ଟୁଟୁ ନାୟକ,ଅତିସ କୁମାର ରାଉତ, ରମେଶ ବାରିକ, ଶ୍ରୀଧର ମାର୍ଥା, ସଂଳାପକାର ଡଃ ରଜନୀ ରଞ୍ଜନ ଓ ନିର୍ଦ୍ଦେଶକ ଅବତାର ସିଂ ପ୍ରମୁଖ ଯୋଗ ଦେଇଥିଲେ ।

# ୱାର୍ଡ଼ୱାରୀ ନୂତନ ମଦ ଦୋକାନ ଖୋଲା ବିଜ୍ଞପ୍ତିକୁ ବିଜେପିର ବିରୋଧ

ବାଲେଶ୍ୱର,୦୯/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅବକାରୀ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୨୧୦୪/ତା ୦୬.୦୭.୨୦୨୨ ରିଖ ବାହାରିଥିବା ନୂତନ ମଦ ଦୋକାନ ନୋଟିସକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ବିଜେପି ପକ୍ଷରୁ ଦାବୀ ହୋଇଛି । ସହରରେ ଯେଉଁଭଳି ଦିନକୁ ଦିନ ଛିନତାଇ, ରାହଜାନୀ ପ୍ରଭୃତି ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ହୋଇଛି, ସେଥିରେ ପୁଣି ୱାର୍ଡ ୱାରୀ ମଦ ଦୋକାନ ଖୋଲିବା ପାଇଁ ସରକାର ଯେଉଁ ନିଷ୍ପତି ନେଉଛନ୍ତି ତାହା ବାଲେଶ୍ୱର ପାଇଁ ଆଦୌ ଶୁଭମୟ ନୁହଁ । ଭାରତୀୟ ଜନତା ପାର୍ଟିର ସଦର ନେତା ତଥା ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ମାନସ କୁମାର ଦତ୍ତ ସରକାରଙ୍କ ଏହି ନିଷ୍ପତିକୁ କଡା ଶବ୍ଦରେ ବିରୋଧ କରିବା ସହ ଜିଲ୍ଲା ପ୍ରଶାସନକୁ ଉକ୍ତ ନୋଟିସକୁ ପ୍ରତ୍ୟାହାର କରିବା ପାଇଁ ଦାବୀ କରିଛନ୍ତି । ବାଲେଶ୍ୱର ସହରରେ ଶାନ୍ତି ଓ ସମାଜକୁ ଏକ ଶୃଙ୍ଖଳିତ ଦିଗରେ ନେବା ପାଇଁ ଅବକାରୀ ବିଭାଗ ତୁରନ୍ତ ଉକ୍ତ ନୋଟିସକୁ ଫେରସ୍ତ କରନ୍ତୁ । ବାଲେଶ୍ୱର ସହରରେ ପିଇବା ପାଣିର ଘୋର ସମସ୍ୟା ଦେଖାଯାଉଥିବା ସ୍ଥଳେ ଘରକୁ ଘର ଏବଂ ୱାର୍ଡକୁ ୱାର୍ଡ ପାନୀୟ ଜଳର ସୁବିଧା ନକରାଇ ୱାର୍ଡ ୱାରୀ ମଦ ଦୋକାନ ଖୋଲିବାରେ ରାଜ୍ୟ ସରକାର ବ୍ୟସ୍ତ । ଏଣୁ ଜିଲ୍ଲା ପ୍ରଶାସନ ଏଥି ଦିଗରେ ଉଚିତ ପଦକ୍ଷେପ ନନେଲେ ବିଜେପି ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଶ୍ରୀ ଦତ୍ତ ମତ ରଖିଛନ୍ତି ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ : ଅଭିଯୁକ୍ତ ଗିରଫ

ନୀଳଗିରି, ୦୯/୦୭ (ନି.ପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜୈନିକ ଋଷୀ ନିଜ ଗ୍ରାମର ୬୨ବର୍ଷୀୟ ବୃଦ୍ଧକୁ ତାଙ୍କ ଘରେ ପଶି କଟୁରୀରେହାଣି ଦେବାରୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନା ନେବା ସମୟରେ ଅଧାବାଟରେ ତାଙ୍କର ମୃତ୍ୟୁ ହୋଇଅଛି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଥାନା ଯଥା ଈଶ୍ୱରପୁର ଫାଣ୍ଡି ଅଧୀନସ୍ଥ କାଣ୍ଡଗରଡ଼ି ପିଂଛାବଣିଆ ଗ୍ରାମର ସୁରେନ୍ଦ୍ର ଓରଫ ସୌମରେନ୍ଦ୍ର ମଳିକ ଶୁକ୍ରବାର ଦିନ ପ୍ରାୟ ୧୦ଟା ସମୟରେ ନିଜ କ୍ଷେତ୍ରର ତଳି ପକାଇବା ପାଇଁ କ୍ଷେତ ପ୍ରସ୍ତୁତ କରୁଥିବା ଉକ୍ତ ଗ୍ରାମର ବାଇଧର ବସ୍ତଲ ନିଜ ଟ୍ରାକ୍ଟର କୁନେଇ ତଳି ପକା କ୍ଷେତ୍ର ମଧରେ ନେବାକୁ ନେଇ ପାଟିତୁଣ୍ଡ ହୋଇଥିଲା । ପରେ ଅପରାହ୍ନ ପ୍ରାୟ ୪ଟା ସମୟରେ ବାଇଧର ନିଜ ଘରେ ଥିବା ବେଳେ ସୁରେନ୍ଦ୍ର ଓରଫ ସମରେନ୍ଦ୍ର ମଳିକ ତାଙ୍କ ଘରେ ପହଂଚି ଅଶ୍ଳୀଳ ଭାଷାରେ ଗାଳିଗୁଲୋଜ କରିବା ସହ ହାତରେ ନେଇଥିବା ଏକ କଟୁରୀରେ ବାଇଧର କୁ ହାଣିବାକୁ ଲାଗିଲା । କଟୁରୀ ଚୋଟରେ ବାଇଧର ପାପୁଲି ଛିଣ୍ଡି ପଡ଼ିଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚିତ୍କାର କରୁଥିବା ବେଳେ ପରିବାରଲୋକେ ବାହାରି ପଡ଼ିବାରୁ ସୁରେନ୍ଦ୍ର ଘଟଣାସ୍ଥଳରୁ ପଳାଇ ଯାଇଥିଲା । ପରିବାର ଲୋକେ ଗୁରୁତର ଅବସ୍ଥାରେ ପ୍ରଥମେ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତତ୍‌ପରେ ବାଲେଶ୍ୱର ମେଡିକାଲକୁ ନେଇଥିଲେ । ଅବସ୍ଥା ସଂକଟାପନ୍ନ ଥିବାରୁ କଟକ ବଡ଼ ମେଡିକାଲକୁ ନେଉଥିବା ବେଳେ ଯାଜପୁର ଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ପରେ ପରିବାରଲୋକେ ମୃତକକୁ ସୋର ମେଡିକାଲରେ ଶବ ବ୍ୟବଚ୍ଛେଦ କରାଇଥିଲେ । ଏହାକୁ ନେଇ ଗାଁରେ ଉତେଜନା ଲାଗି ରହିଥିଲା । ନୀଳଗିରି ପୋଲିସ ପହଂଚି ଅଭିଯୁକ୍ତ ସମରେନ୍ଦ୍ର ମଳିକଙ୍କୁ ଗିରଫ କରିଥିବା ବେଳେ ମୃତକର ପୁତ୍ରବଧୂ ସରସ୍ୱତୀ ବସ୍ତଲ ଙ୍କ ଲିଖିତ ଅଭିଯୋଗ ମୂଳେ ଏକ ମାମଲା ରୁଜୁ କରାଯାଇଛି । ନୀଳଗିରି ଥାନାରେ ୨୨୧/୨୨ରେ ଏକ ମାମଲା ରୁଜୁ କରାଯାଇଅଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo